ସପ୍ତମ ବର୍ଷ, ଅଷ୍ଟମ ସଂଖ୍ୟା
ନଭେମ୍ବର ୨୦୧୨

ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ



ବସନ୍ତ ବିଜୟ
ସଂଜକୁ ଡାକରା
ସାବାସ୍ ମଲାଲା
ପରିଣୟ ପରିଣତି
ସୀମା ସେପାରିର ନଈ
ଧଳା କାଗଜରେ ଛାଇ
ଆମ ସହର ହାଲଚାଲ
ସାମାଜିକ ସମୀକ୍ଷାର ଏପାଖ ସେପାଖ



ମା ର ଚେଲା
ନା
ପତ୍ନୀର ଚେଲା

## ଅତିଥି ଦେବୋ ଭବଃ

## ବାସ୍ତୁଶାସ୍ତ୍ରରେ ବୃକ୍ଷର ଭ୍ରାମକ ତର୍ଜମା

# ଆହ୍ୱାନ

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ | କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କିମ୍ବା ନିର୍ଦ୍ଦେଶ ଦିଆଯାଇନାହିଁ | ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ | ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି | ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର | କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ |

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣ ମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ | ଦୟାକରି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବେ | ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତିଛବି ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରିବେ |



ଡା ଜ୍ୟୋତି  ପ୍ରସାଦ ପଟ୍ଟନାୟକ

ପ୍ରିୟ ପାଠକପାଠିକା ମାନଙ୍କୁ ଅଭିବାଦନ ଜଣାଇ ଭେଟି ଦେଉଛି ନଭେମ୍ବର ମାସର ଆହ୍ବାନ | ପ୍ରତ୍ୟେକ ମାସରେ ଆହ୍ବାନର ନୂଆ ନୂଆ ସଂସ୍କରଣ ବାହାରିବା ସହିତ ନୂଆ ଲେଖକ ଓ ପାଠକଗୋଷ୍ଠୀ ସମୂହ ବି ବଢ଼ିବାରେ ଲାଗିଛି | ଓଡ଼ିଆ ଭାଷା ପ୍ରତି ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ଆମକୁ ଜଣାଉଛି ଯେ ଆମେ ସମସ୍ତେ ଏକ ସୂତ୍ରରେ ବନ୍ଧା | ଭାଷାପ୍ରୀତି ଓ ସ୍ବାଭିମାନ ଆମର ଚରିତ୍ର | ଓଡ଼ିଆ ଭାଷା ଏକ ଲୁପ୍ତପ୍ରାୟ ଭାଷା ବୋଲି କେହି କେହି କହୁଥିବାର ଶୁଣିଛି, କେବେ କେବେ ହୃଦୟଙ୍ଗମ ବି ହୋଇଛି ଯେ କାଳେ ଏହା ସତ ନୁହଁ ତ, ଯେଉଁ ପ୍ରକାର ଆମର ପିଲାମାନେ ଇଂରାଜୀ ଓ ହିନ୍ଦୀରେ କଥାବାର୍ତ୍ତା କରୁଛନ୍ତି, ସେମାନେ ଓଡ଼ିଆ ଭାଷାକୁ ସେତେ ସହଜରେ କହିବେ କି ନାହିଁ ସନ୍ଦେହ | ନିକଟ ଅତୀତରେ ଗୋଟିଏ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଦୁଇଜଣ ସହପାଠୀ ଓଡ଼ିଆରେ କଥା ହେଉଥିବା ସମୟରେ ଧରାପଡ଼ି ସଂପୃକ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କ ଦ୍ବାରା ଦଣ୍ଡବିଧାନ କରାଯାଇ ପ୍ରତ୍ୟେକ ଛାତ୍ରଙ୍କୁ ଶହେ ଶହେ ଟଙ୍କା ଜୋରିମାନା ଲାଗୁ କରାଯାଇଛି | ଆଶ୍ଚର୍ଯ୍ୟର କଥା ଓଡ଼ିଶାରେ ଥିବା ଏହି ସ୍କୁଲରେ କିନ୍ତୁ ଓଡ଼ିଆରେ କଥା ହେବା ମନା | ଏହା କେଉଁପ୍ରକାରର ନ୍ୟାୟ ?

ଏହିପରି ସ୍ଥଳେ କୌଣସି ଛାତ୍ରଛାତ୍ରୀ ଓଡ଼ିଆରେ ପଢ଼ିବା ଲେଖିବା ବ୍ୟତୀତ କଥା ହେବା ପାଇଁ ମନ ବଳାଇବ ନାହିଁ | ଆଉ ଯଦିଓ ଓଡ଼ିଆରେ ପଢ଼ିବ ବା ଲେଖିବ, ସେଥିରେ କିନ୍ତୁ ସେଇ ଏକାପ୍ରକାରର ଆତ୍ମୀୟତା ଆସିବ ନାହିଁ | ତେଣୁ ଓଡ଼ିଆ ଭାଷାକୁ ସମ୍ମାନ ମିଳିବ କେମିତି ? ସରକାର ଓଡ଼ିଆ ଭାଷାକୁ ଏକ ରାଷ୍ଟ୍ରୀୟ ଭାଷାର ସମକକ୍ଷ ମର୍ଯ୍ୟାଦା ଦେଇଛନ୍ତି ଏବଂ ଓଡ଼ିଶାର ସମସ୍ତ ଅଫିସରେ ଓଡ଼ିଆରେ ଲେଖାଲେଖି କରିବାପାଇଁ ବାଧ୍ୟତାମୂଳକ କରାଯାଇଛି ଅଥଚ ଏହି ସ୍କୁଲରେ ଓଡ଼ିଆରେ କଥାହେବ ଏକ ଅପରାଧ |

ବିଗତ କିଛି ମାସରେ ଆହ୍ବାନ ଓଡ଼ିଆ ପରିବାରର ସଦସ୍ୟଙ୍କ ସଂଖ୍ୟା ବୃଦ୍ଧିପାଇଛି, ଏହା ସହିତ ନିୟମିତ ଲେଖା ଲେଖି କରୁଥିବା ଅନେକ ବନ୍ଧୁ ଆମ ସହ ସାମିଲ ହୋଇଛନ୍ତି | ଏହା ଆମ ଭାଷା ଆନ୍ଦୋଳନପାଇଁ ଏକ ସୁଖବର | ଆପଣ ବି ନିଜ ସାଙ୍ଗସାଥୀଙ୍କୁ ଆହ୍ବାନ ବିଷୟରେ କହିବା ଉଚିତ | ଏମିତି କଲେ ଆହ୍ବାନର ଲୋକପ୍ରିୟତା ବଢ଼ିବା ସହ ନୂଆ ନୂଆ ଲେଖକ ଲେଖିକା ସବୁ ଆଗକୁ ଆସିବେ |

ସବୁମାସ ପରି ଚଳିତ ମାସର ପତ୍ରିକା ବି ଆପଣ ମାନଙ୍କ ପସନ୍ଦ ହେବ ବୋଲି ଆଶା କରୁଛି |

ଧନ୍ୟବାଦ

ଜ୍ୟୋତି ପ୍ରସାଦ

# ସୂଚୀପତ୍ର


ପରିଣୟ ପରିଣତି ୫
ସୁନୀଲ ମିଶ୍ର

ଅଜାତି ୬
ଅମରେଶ ବିଶ୍ବାଳ

ନବକବି ୧୨
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ମା'ର ଗେଲ୍ଲା ନା ପତ୍ନୀର ଚେଲା ୧୩
ଶ୍ରୀମତି ପ୍ରୀତିପ୍ରିୟଦର୍ଶିନୀ ମହାପାତ୍ର

ପ୍ରତାରଣା ୧୬
ବିନୟ ମୋହନ ଦାସ

ଅତିଥି ଦେବୋ ଭବଃ ୧୭

ଓଲ୍ଡ଼ ଆଫେୟାର୍ ୧୮
ରଶ୍ମୀରଞ୍ଜନ କର

ଫକଡ଼ ରାମ ଗିରିଧାରୀ ୧୯
ତାରା ପ୍ରସାଦ ଜେନା

ସାବାସ୍ ମଲାଲା ୨୦
କମଳ କୁମାର ଦାଶ

ବାସ୍ତୁଶାସ୍ତ୍ରରେ ବୃକ୍ଷର ଭ୍ରାମକ ତର୍ଜମା ୨୧
ବାଲ୍ମୀକି ନାୟକ

ବସନ୍ତ ବିଜୟ ୨୫
ଶାନ୍ତିଲତା ପଣ୍ଡା

ସୀମା ସେପାରର ନଈ ୨୭
ରାକେଶ ରଞ୍ଜନ ଓଝା

ରିକ୍ସାବାଲା ୨୮
ସୁଷମା ତ୍ରିପାଠୀ

ଘଟ ବଦଳ ୩୧
ଉର୍ମିଳା ମିଶ୍ର

ମୋ ଭ୍ରମଣ କାହାଣୀ (ଟରୋଣ୍ଟୋ) ୩୨
ପ୍ରଶାନ୍ତ କୁମାର ଭୂୟାଁ

ସଞ୍ଜୁକୁ ଡାକରା ୩୬
ମନୋଜ କୁମାର ମୁଦୁଲୀ

ପୂଜା ଛୁଟିରେ ଗୋଆ ଭ୍ରମଣ ୩୭
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଧଳା କାଗଜରେ ଛାଇ ୪୨
ସରୋଜ ମିଶ୍ର

ସତ କୁହ ୪୩
ହିମାଂଶୁ ପରିଡ଼ା

ସାମାଜିକ ସମୀକ୍ଷାର ଏପାଖ ସେପାଖ ୪୪
ଦିଲ୍ଲୀପ କୁମାର ଦାସ

ସରଗ ବାସ ୪୬
ପ୍ରିୟରଞ୍ଜନ ଦାସ

ବିଭୀଷଣ ୪୭
ଅକ୍ଷୟ କୁମାର ରାଉତ

ବୁଢ଼ିଆଣୀ ଜାଲ ୪୮
ଶ୍ବେତା ଆଚାର୍ଯ୍ୟ

ଆହ୍ବାନର ପାଠକୀୟ ମତାମତ ୪୯
ବାଲ୍ମୀକି ନାୟକ

ଆମ ସହରର ହାଲ୍‌ଚାଲ୍ ୫୧
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଶରତ ସ୍ବୀକାର୍ଯ୍ୟ ୫୩
ସୌମ୍ୟ ସାରସ୍ବତ ଦାଶ

ଫେସବୁକ୍-୪ (ଧାରାବାହିକ କାହାଣୀ) ୫୪
ପ୍ରଶାନ୍ତ କୁମାର ଭୂୟାଁ

ନୈବେଦ୍ୟ (ଚିତ୍ରରେ ପରିବେଷିତ) ୫୯

# ପରିଣୟ ପରିଣତି



ସୁନୀଲ୍ ମିଶ୍ର

ଆଖ ପାଖ ଯେତେ ବିବାହିତଙ୍କର
କରୁଥିଲି ଗୋଟେ ସରଭେ,
ପ୍ରଫିଟି ଅପେକ୍ଷା ଲସ୍ ଅଧିକା
କହିଲେ ମୋ ଭାଇ ସରବେ ;
ସବୁ ବିବାହିତ ଦେଲେ ଯାହା ମତ
କାଢ଼ି ତାର ସାର ମରମ ,
ମୋ ନିଜ ଭାଷାରେ ଲେଖୁଛି ଏଠାରେ
ଭାବିବେନି ମୋର ଭରମ ;
ଚନ୍ଦ୍ରଗ୍ରହଣ କି ସୂର୍ଯ୍ୟଗ୍ରହଣ ଠୁ
ପାଣିଗ୍ରହଣଟା ଡେଂଜର ,
ସେଠି ସୂର୍ଯ୍ୟ ଶଶୀ ଯା'ନ୍ତି ସିନା ଖସି
(ଏଠି) ପ୍ରାଣୀ ପାଏ ନାହିଁ ନିସ୍ତାର ;
ଜାତକ ଶୁଝେଇ ମନକୁ ବୁଝେଇ
ଯିଏ ବି ବିବାହ କରିଚି ,
ରାଜଯୋଟକ କି ଷଡ଼ାଷ୍ଟକ ହଉ
ବଂଚି ବଂଚି ସିଏ ମରୁଚି ;
ଜଗନ୍ନାଥ ସ୍ମରି କିଏ ବିଭା ହୁଏ
ସରବ ମଂଗଳ ଚିନ୍ତା ରେ ,
ଜାଣିବ ସେ କାହୁଁ ନିଜେ ମହାବାହୁ
ଉ'ଠୁ-ବସ୍ ଲକ୍ଷ୍ମୀ କଥାରେ ;
କିଏ କରେ ଲଭ୍ କିଏ ବା ଆରେଞ୍ଜ୍
ଆଉ କାର ମାଳ ବଦଳ,
ମ୍ୟାରେଜ୍ ଦିନ ଟା ଝିଅ ସୁକୁ ସୁକୁ
ପରେ ପୁଅ କାନ୍ଦେ ପ୍ରବଳ;
ସାତ ଦିନ ଗଲା ବିବାହ ଯେ କଲା
ତା ବିହେବ ବଦଳି ଗଲାଣି ,
ବାଇସି କ୍ୟାରେଟ୍ ଖାଣ୍ଟି ହସ ତାର
ସମ୍ପୂର୍ଣ୍ଣ ଭେଜାଲ ହେଲାଣି;
ଗଇଁଠାଳ ଥରେ ପଡିଲେ କାନ୍ଧରେ
ବୟସ ବଶରେ ରହୁନି ,
ଗୋଟିଏ ବି ଝିଅ ଦେଖୁନାହିଁ ମୁହଁ
ଟାଇମ୍ ପାସ୍ ହଉନି ;
ହାତେ ହାତଗଣ୍ଠି ପଡୁପଡୁ ପରା
ସ୍ୱାମୀ ହୁଏ ସ୍ତ୍ରୀ ଅଧିନ,
ଘରେ ନ ପଶୁଣୁ ମା' ଟା ଗନ୍ଧାଏ
ଶାଶୁ ବାସେ ଫୁଲ ଚନ୍ଦନ ;
ସପ୍ତାହେ ଦି-ଥର ଆସନ୍ତି ଶ୍ବଶୁର
ଦୁହିତି ଦର୍ଶନ ଆଶାରେ,
ଓଲଟି ଦର୍ଶନୀ ତାଙ୍କୁ ଦେଇ ପୁଣି
କାଣ୍ଟ ଛାଣ୍ଟ ହୁଏ ସଂସାରେ;
ଶଳା, ଶାଳୀ, ଶାଶୁ ମାଣିଆ ପିପାସୁ
ଦେଇଥାନ୍ତି ଯାହା ଯୌତୁକ,
ଗୋଟିଏ ବରଷେ ଭରଣା କରନ୍ତି
ପତ୍ନୀ ଭାବୁଥାଏ କୌତୁକ;
କାର୍ଯ୍ୟାଳୟ ଠାରୁ ଭାର୍ଯ୍ୟାଳୟ ଚିନ୍ତା
ଏମିତି ହୁଅଇ ପ୍ରବଳ,
ଛୁଞ୍ଚି ପରି କିଳା କରେ ଅସମ୍ଭାଳ
ଲାଗଇ ଯେମିତି ଶାବଳ;
ବାପ ହେଲା ପରେ ଘରେ କି ବାହାରେ
ବସିବାକୁ ବେଳ ମିଳେନି,
ଆମଦାନୀ ଟଙ୍କେ ରପ୍ତାନୀ ଦିଟଙ୍କା
ମହର୍ଗ ସଂସାର ଚଳେନି ;
ଗଲେ କିଛିଦିନ ଛନ ଛନ ମନ
ହେଇଯାଏ ପୂରା ସାଇକି,
ସଂସାରକୁ ଛାଡି ରଖି ଜଟା ଦାଢ଼ି
ହବାପାଇଁ ପଡ଼େ ବାଆଜି;
ଏମିତି ଲେଖିଲେ ସରିବନି ଭଲେ
ପରିଣତି ପରିଣୟର,
ବାହାଘର ଅଟେ ପଙ୍କୁଆ ତୁଠ ଟେ
କୋଷେ ଦୂରୁ ତେଣୁ ଜୁହାର ;

# ଅଜାତି



ଅମରେଶ ବିଶ୍ୱାଳ

।୧।

ପନ୍ଦର ବର୍ଷର ବ୍ୟବଧାନ ପରେ ହଠାତ୍ ଦିନେ ଭୁବନେଶ୍ୱର ବସ୍‌ଷ୍ଟାଣ୍ଡରେ ଦେଖା ହୋଇଗଲା ପାର୍ବତୀ ଅପା । ସେ ଏକା ନଥିଲା । ସାଙ୍ଗରେ ଥିଲେ ତା' ପିଲାମାନେ । ସୁଶାନ୍ତକୁ ଦେଖି କୁରୁଳି ଉଠିଲା ପାର୍ବତୀ ଅପା । ରଙ୍ଗ ପାଇଲା ପରି କିଛି କ୍ଷଣ କୁଣ୍ଢେଇ ପକାଇଲା ତାକୁ । ସେ ଏମିତି ହେଲା, ଯେମିତି ଏଇମାତ୍ର ବାହାହୋଇ ଶାଶୁଘରୁ ଫେରିଥିବା ଝିଅଟିଏ ତା ଏକମାତ୍ର ଭାଇକୁ ଦେଖି ପକାଇଛି ।

ସୁଶାନ୍ତ ନିର୍ବିକାର । ଅବେଳରେ ଓ ଅଜାତିରେ ଘର ଛାଡ଼ିଥିବା ଝିଅଟିଏ କ'ଣ କୋଉ ମଣିଷର ମନରେ ବସାବାନ୍ଧି ରହିପାରେ? ରହିପାରେ । ପୁଣି ନ ରହି ବି ପାରେ । ସୁଶାନ୍ତ କିନ୍ତୁ ଠିକ୍ କରିଥିଲା, ପାର୍ବତୀ ଅପା କଥା ସେ କେବେ ଭାବିବ ନାହିଁ । ଦିନେ ତାକୁ ସିଏ ଭାବୁଥିଲା ତା ଜୀବନର ଆଦର୍ଶ । କିନ୍ତୁ ଏବେ ? ପାର୍ବତୀ ଅପା ଜୀବନରେ ଘଟିଥିଲା ଅନେକ ଘଟଣା ଓ ଦୁର୍ଘଟଣା । ପ୍ରକୃତରେ ଯିଏ ବାପାଭାଇଙ୍କ ନାକକାଟି ମୁଣ୍ଡ ତଳକୁ କରି, ସମସ୍ତଙ୍କୁ ଅସୁବିଧାରେ ପକାଏ ନିଜ ସଂସାର ନେଇ ଛୁ ମନ୍ତର ମାରିଲା, ତାକୁ ନେଇ ସମୟ ନଷ୍ଟ କରିବାକୁ ସୁଶାନ୍ତର ତିଳେମାତ୍ର ଆଗ୍ରହ ନଥିଲା ।

କିନ୍ତୁ ତା ଆଗରେ ଠିଆ ହୋଇଥିଲା ପନ୍ଦର ବର୍ଷ ତଳର ପାର୍ବତୀ ଅପା । ପାର୍ବତୀ ଅପାର ଆବଭାବରେ ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ । ଯାହା କିଛି ପରିବର୍ତ୍ତନ ହୋଇଛି କେବଳ ତା ଚେହେରାରେ । ମୁଣ୍ଡବାଳ କେରାଏ ପାଚିଗଲାଣି । ପାଟିରେ କଳେ ପାନକୁ ଗାଈପରି ପାକୁଳି କରୁଥିଲା ସେ । ସେମିତି ନେଫେଡ଼ି ପରି ହେଁ ହେଁ ଭାବ ।

ପାର୍ବତୀ ଅପା କହିଲା- ଆଲୋ ହେଇଲୋ, ଆମ ସୁଶିଆ । ଆରେ ଯାକୁ ଚିହ୍ନି ପାରୁନେଇ ମୁଁ । ଏଡୁଟେ ହେଲାଣି... ଏଇନା କ'ଣ କରୁଚୁ ବେ ତୁ ଟୋକା ? ତୋ ପାଇଁ କବିଆ ଦେଖା ହେଲାଣିଟି ? ପିଲାଟା ବଡ଼ କଷ୍ଟରେ ପାଠ ପଢ଼ିଚି । ଛୁଆଦିନେ କେତେ କାଖେଇକି ବୁଲେଇଚିରେ ତତେ... ବଡ଼ି ଖାଇବାକୁ ଯାର ବଡ଼ ସରାଗ । ଦାଦା ଯୋଉ ମାଡ଼ ଦିଅନ୍ତି... ବଡ଼ ଚାଲାଖି କିନ୍ତୁ ମୋ ଭାଇଟା... ଥରେ ଏକା ଏକା ତା' ମାମୁଁଘରୁ ପଳେଇ ଆଇଲା... କେଡୁଟେ ହେଇଥିଲା କି... ଏଇ ଷଷ୍ଠ ଶ୍ରେଣୀରେ ତ ପଢୁଥିଲା ନା କ'ଣ...

।୨।

ବିଦ୍ୟାଧରକୁ ଯେ ଘରେ ଗୁରୁତ୍ୱ ଦିଆଯାଉନଥିଲା, ତାହା ନୁହେଁ । ତା ତିଆରି ଇଟାରେ ଆମର ଘର ଠିଆ ହୋଇଥିଲା । ଅନେକଥର ସେ ଆମ ଘର ପାଇଁ ପଇସା ପତ୍ର ସାହାଯ୍ୟ କରିଥିଲା । ହରିଜନ ହୋଇଥିଲେ ବି ଆମ ଘରେ ତାକୁ କେହି କମ୍ ଶ୍ରଦ୍ଧା କରୁନଥିଲେ । କିନ୍ତୁ ତା ଭିତରେ ଯେ କେମିତି ଗୋଟାଏ ବିଷାକ୍ତ ସମ୍ପର୍କ ଧିରେ ଧିରେ ଚରି ଚାଲିଥିଲା ସେ ଟେର୍ କାହାପାଖରେ ନଥିଲା । ଦୋଷ କାହାର ଥିଲା ସେତେବେଳେ ବଡ଼ବଡ଼ିଆ ଆଲୋଚନା ପର୍ଯ୍ୟାଲୋଚନା କରୁଥିଲେ । ସେଥିରେ ଆମ ଛୁଆମାନଙ୍କର କୌଣସି ଭାଗିଦାରୀ ନଥିଲା । ଏପରି ପରିସ୍ଥିତି ଭିତରେ ବଡ଼ବାପା କିନ୍ତୁ ଥିଲେ ନିରବ । ସେ କ'ଣ କହିବାକୁ ଚାହୁଁଛନ୍ତି ତା' ଟେର୍ କେହି

ପାଉନଥିଲେ । ପ୍ରଥମେ ପ୍ରଥମେ ଏ ସମ୍ପର୍କଟାକୁ କେବଳ ସାହିପଡ଼ିଶାଙ୍କ ଚର୍ଚ୍ଚା ବୋଲି ଘର ଲୋକ ଭାବୁଥିଲେ, କିନ୍ତୁ ଭିତରେ ଭିତରେ ସତକୁ ସତ ସମ୍ପର୍କଟା ଜମାଟ ବାନ୍ଧି ସାରିଥିଲା । ଆଉ ସତକୁ ସତ ଦିନେ ସମସ୍ତଙ୍କ କାନ ନାକ କାଟିଦେଇ, ସାହି ପଡ଼ିଶାଙ୍କ ଚର୍ଚ୍ଚାପାଇଁ ଅଧିକ ଖୋରାକ୍ ଯୋଗାଇଦେଇ, ପାର୍ବତୀ ଅପା ହଠାତ୍ ଅନ୍ତର୍ଧାନ ହୋଇଗଲା ବିଦ୍ୟାଧର ସାଙ୍ଗରେ । ସେଇ ସ୍କୁଲକୁ ଯାଇଛି ଯେ ଆଉ ଫେରିଲା ନାହିଁ ।

କଥାଟା ଜଣା ପଡ଼ିଲା ବେଳକୁ ସନ୍ଧ୍ୟା । ଯେତେବେଳେ ପାର୍ବତୀ ଅପା ଆଉ ଫେରିଲା ନାହିଁ । ଘର ଲୋକ ଭାବିଲେ ସାଙ୍ଗସାଥୀ ଘରେ ରହିଯାଇଥିବ ବୋଧେ । କିନ୍ତୁ ବୁଝା ବୁଝି କଲାପରେ ସମସ୍ତେ ସନ୍ଦେହ କଲେ ଯେ, ସେ ନିଶ୍ଚୟ ବିଦ୍ୟାଧର ସାଙ୍ଗରେ ପଳେଇ ଯାଇଛି । କଥାଟା ପ୍ରଘଟ ହୋଇଯିବାପରେ ଅବସ୍ଥା ଅସମ୍ଭାଳ ହୋଇଗଲା ଜାଣ । ଘର କୋଣଠାରୁ ଆରମ୍ଭ କରି ସାହିପଡ଼ିଶା ଓ ଛକବଜାର ପର୍ଯ୍ୟନ୍ତ ସବୁଠି ଚୁପୁରୁ ଚାପୁରୁ । ଆମେ ପିଲାଏ କେବଳ ଏତିକି ଜାଣିଥାଉ, ପାର୍ବତୀ ଅପା ଗୋଟେ ବଡ଼ ଅପରାଧ କରିଛି ।

ଚର୍ଚ୍ଚା ତ ହେଲା, କିନ୍ତୁ ତା ପରର ଅବସ୍ଥା ଥିଲା ଅତ୍ୟନ୍ତ ଦୁଃଖଦାୟକ । ଏଇ ଘଟଣାକୁ ନେଇ ଚଉପାଢ଼ୀରେ ମିଟିଂ ବସିଲା । ମୋର ଭଲକି ମନେ ଅଛି, ସେଦିନର ସେ ଜହ୍ନମଖା ସଂଧ୍ୟାରେ ନିମାଇଁ ମାମଲତକାର ଯେମିତି ରକ୍ତମୁଖା ହୋଇଯାଇଥାନ୍ତି । ମାତାଲ ଷଣ୍ଢପରି ସେ ଖାଲି ଖୁରି ଖାଉଥାନ୍ତି । ସେ ଖାଲି ଖୋଜୁଥାନ୍ତି ଶତ୍ରୁକୁ । ପଥର ଖୁଣ୍ଟପରି ବଡ଼ବାପା ଓ ବାପା ବସିଥାନ୍ତି ଚଉପାଢ଼ି ଦାଣ୍ଡରେ । ସତେ ଯେମିତି ଝିଅ ତାଙ୍କର ଅଜାତିରେ ଗଲାପରେ ସେମାନେ ରାତାରାତି ପାଲଟି ଯାଇଛନ୍ତି ଅଛୁଆଁ । ସେମାନଙ୍କ ଛାଇ କାହା ଉପରେ ପଡ଼ିଲେ ସବୁ ଅନର୍ଥ ହୋଇଯିବ । ନିର୍ବିକାର ବଡ଼ବାପାଙ୍କୁ ଏମିତି କାକୁସ୍ଥ ଅବସ୍ଥାରେ ମୁଁ ଆଗରୁ କେବେ ଦେଖିନଥିଲି ।

ମିଟିଂ ଆରମ୍ଭ ହେଲା ମାତ୍ରକେ ନିମାଇଁ ମାମଲତକାର ଗର୍ଜନ ଆରମ୍ଭ କଲେ - ଆମ ଘରେ ହରିଜନ (ଛୋଟଲୋକ) ପଶିଗଲେ ରେ.. ଜାତି କୂଳ ସବୁ ବୁଡ଼ିଲା... ଆଉ ଏଠି ରହିହେବ ନାହିଁ । ଚାଲ ଆମେ ସବୁ ଯାଇ ହରିଜନ ସାହିରେ ରହିବା... ନା କ'ଣ କହୁଛ ରତ୍ନାକର ବାବୁ ?

ରତ୍ନାକର ବଡ଼ବାପାଙ୍କ ନାଁ । ନିମାଇଁ ମାମଲତକାରଙ୍କ ଏ ଭର୍ତ୍ସନାରେ ବଡ଼ବାପା କେବଳ ଏତିକି କହିଲେ - ପିଲାଟି ତ ମୋର ଭୁଲ କରିଛି, ସାହିଭାଇ ଯାହା ଦଣ୍ଡ ଦେବେ ସବୁ ମାନିବି ।

ଏତକ ଶୁଣି କେବଳ ନିମାଇଁ ମାମଲତକାର ନୁହେଁ, ସେଠି ଉପସ୍ଥିତ ଥିବା ସାହିଭାଇ ସମସ୍ତେ ଗର୍ଜି ଉଠିଲେ । ରଙ୍ଗା ମାମଲତକାର କହିଲେ - ଆଉ କ'ଣ ବାକି ଅଛି ଯେ କରିବୁ... ତମେ ତ ସାତଖଣ୍ଡ ଗାଁରେ ଆମ ନାକ କାଟିଦେଲ । ଏବେ ଆଉ ଭୁଲ ମାଗିଲେ କ'ଣ ହେବ ? ଏଭଳି ଝିଅ ଜନ୍ମ ହେଲାମାତ୍ରକେ ସେଇ ଏନ୍ତୁଡ଼ିଶାଳରେ ହିଁ ବେକ ଚିପି ମାରିଦେବାର ଥିଲା...

ବଡ଼ବାପା ତଳକୁ ମୁହଁ କରି, ଅତି କୁଣ୍ଠିତ କଣ୍ଠରେ କହିଲେ - ହଁ, ଠିକ୍ କହିଛନ୍ତି... କିନ୍ତୁ ନିମାଇଁ ମାମଲତକାର ଭର୍ତ୍ସନା କରି ଗୁମର ଖୋଲିଲା ପରି କହିଲେ - ସିଏ କ'ଣ

ମାରିବ...  ସେଟା କ'ଣ ତା ପିଲା ? ଏଠୁ ସେଠୁ ପିଲା ମାଗି ଆଣି ପାଳିଲେ ଯାହା ହେବା କଥା... ମୁଁ ସେତେବେଳେ ହଜାରେ ଥର ମନାକରିଛି, କିରେ ଚିହ୍ନାପର୍ଚ୍ଚରେ ପିଲାପିଲି କାହାର ଆଣେନା... ପୁଣି ଯଦି ଆଣିଲୁ, ପୁଅଟିଏ ହେଲେ ଆଣିଥାନ୍ତୁ... ଆଣିଲା ଯେ ଏମିତି ଗୁଣମନ୍ତୀଟିଏ... ସିଏ ସାଇଭାଇଙ୍କ ମୁଣ୍ଡ ତଳକୁ କରି କୁଆଡ଼େ ଘର ଛାଡ଼ି ପଳେଇଲା... ଛି ଛି ଛି...

ବଡ଼ବାପା ମୁଣ୍ଡପାତି ସବୁ ସହିଲେ | ସେତେବେଳେ ସେ ଲାଗୁଥିଲେ, ବର୍ଷ ବର୍ଷ ଧରି ଅଲାଜୁକ ଅବସ୍ଥାରେ ଠିଆ ହୋଇ ରହିଥିବା ଏକ ଜରାଜୀର୍ଣ୍ଣ ପୁରାତନ ଘରଡ଼ିଅ ପରି | ଯାହା ଉଜୁଡ଼ି ଯାଇଛି, କିନ୍ତୁ ସଗର୍ବେ ଠିଆ ହୋଇଛି ଏକ ପ୍ରାଚୀନ ବଂଶ ପରମ୍ପରାକୁ ନେଇ |

ବଡ଼ବାପା କହିଲେ - ପିଲାଟାକୁ ଆଣିଛି ଯେତେବେଳେ ସେ ତ ମୋର | ତା ପାଇଁ ଯାହା ସହିବାକୁ ହେବ ସହିବି...

ଏ ସବୁ ଆଲୋଚନା ପର୍ଯ୍ୟାଲୋଚନା, ମାମଲତକାରଙ୍କ ସମାଲୋଚନା ଆମ ପିଲାଙ୍କ ମୁଣ୍ଡକୁ ଢୁକୁ ନଥିଲା | ବାଡ଼ କଡ଼ରେ ମୁହଁ ଅନ୍ଧାରକୁ ଆଡ଼ ହୋଇ ବସିଥିବା ବୋଉ କଇଁ କଇଁ ହୋଇ କାନ୍ଦିପକାଇଲା | ଏଡ଼େ ଏଡ଼େ ହେଲା ପର୍ଯ୍ୟନ୍ତ ଆମେ ଜାଣିନଥାଉ ଯେ, ପାର୍ବତୀ ଅପା ବଡ଼ବାପାଙ୍କ ନିଜ ଝିଅ ନୁହେଁ ବୋଲି | ତା'ହେଲେ ସେ କାହା ଝିଅ ? କଥାଟା ଗୁମୁରି ଗୁମୁରି ଆଉ କିଛି ଲୋକଙ୍କ ମଧ୍ୟରେ ବୁଲୁଥିବା ବେଳେ, ରଙ୍ଗା ମାମଲତକାର ନିମାଇଁ ମାମଲତକାରଙ୍କ ଆଡ଼େ ଅନେଇ କହିଲେ - ମାଲିକେ, ଦଣ୍ଡବିଧାନ ଶୀଘ୍ର କରନ୍ତୁ... ଯିଏ ଯୁଆଡ଼େ କାମରେ ବାହାରି ଯିବା | ଇଏ ବାରଘର ପଶାଙ୍କୁ ନେଇ କିଏ ଏତେ ସମୟ ନଷ୍ଟ କରିବ ହୋ ...

ସାରା ଚଉପାଢ଼ିରେ ଭାତ - ଅନ୍ଧାର ରାତିର ନିରବତା | ପୁରା ପରିବେଶ ଉପରେ ଫିକା ଜହ୍ନ ଆଲୁଅର ଛାପି ଛାପିକିଆ ରାଜୁତି | ଫିକା ଫିକା ଆଲୁଅରେ ସମସ୍ତେ ଚାହୁଁଥାନ୍ତି ଅନ୍ୟର ମୁହଁରେ ଫୁଟୁଥିବା ଭାବ ଟିକକ ଦେଖିବାକୁ | ପଢ଼ିବାକୁ | ଜାଣିବାକୁ ଚାହୁଁଥାନ୍ତି, ରଙ୍ଗା ମାମଲତକାରଙ୍କ ଦଣ୍ଡ ବିଧାନ ପାଇଁ ଏ ଘୋଷଣା ପରେ, କେମିତି ଅଛି ବଡ଼ବାପା ଓ ବାପାଙ୍କ ମୁହଁର ପରିସ୍ଥିତି | ସମସ୍ତେ କେବଳ ଅନେଇଥାନ୍ତି, ନିମାଇଁ ମାମଲତକାରଙ୍କୁ |

କୋର୍ଟ୍ ଅର୍ଡ଼ର ଶୁଣାଇଲା ପରି ନିମାଇଁ ବାବୁ ଶୁଣାଇଲେ - ଝିଅର ଏ କୁକର୍ମପାଇଁ ରତନାକୁ ଏଇଠି, ଏଇ ଚଉପାଢ଼ି ଦାଣ୍ଡରେ ନାକ ଘସିବାକୁ ପଡ଼ିବ | କାନଧରି ଦଶଥର ଉଠୁବସ ହେବାକୁ ପଡ଼ିବ | ଆଉ ଆଜିଠାରୁ, ଏଇ ମୁହୂର୍ତ୍ତରୁ ତମେ ସାହିରୁ ବାହାର ହେଲ | ନିଆଁ ପାଣି ସବୁ ବନ୍ଦ...

ସାରା ସଭା ଥମ୍ | ସେଇ ଫିକା ଜହ୍ନ ଆଲୁଅରେ ବି ଯେମିତି ସମସ୍ତେ ସମସ୍ତଙ୍କ ମୁହଁକୁ ସ୍ପଷ୍ଟ ଦେଖିପାରୁଛନ୍ତି, ସେଇ ଦୃଷ୍ଟିରେ ଜଣେ ଅନ୍ୟ ଜଣକୁ ଦେଖୁଥାନ୍ତି | ସମସ୍ତ ଦୃଷ୍ଟି ନିବଦ୍ଧ ବଡ଼ବାପାଙ୍କ ଉପରେ | ରଙ୍ଗା ମାମଲତକାର କହିବାକୁ ଚାହୁଁଥିଲେ, ଏତକ ଦଣ୍ଡ ହେଲାନାହିଁ, ଆଉଟିକେ କଡ଼ା ଦରକାର ଥିଲା | କିନ୍ତୁ ନିମାଇଁ ମାମଲତକାର ଚୁପ ରହିଲେ | କାହା ପାଟିରୁ କଥା ବାହାରୁ ନାହିଁ | କେବଳ ନିର୍ଦ୍ଦେଶ ପାଳନକୁ ସମସ୍ତଙ୍କ ଅପେକ୍ଷା | ରଙ୍ଗା ମାମଲତକାର କହିଲେ - ଆଉ ଡେରି କାହିଁକି ରତ୍ନାକର ବାବୁ...

ରଙ୍ଗା ମାମଲତକାରଙ୍କ ପାଟିରୁ କଥା ନ ସରୁଣୁ, ବାଉନୁ ବର୍ଷର ବଡ଼ବାପା, ସାରା ସମାଗମ ଭିତରେ, ବିଚ୍ ଚଉପାଢ଼ି ଉପରେ ଠିଆହୋଇ ଦୁଇ ହାତରେ ନିଜର ଦୁଇ କାନକୁ ଧରି ସାରିଥିଲେ | ତା'ପରେ ଚାଲିଲା ଉଠବସ | ରଙ୍ଗା ମାମଲତକାର ଗଣୁଥାନ୍ତି | ଏଏକ... ଦୁଇଇ... ତିଇନି...

ଦାଣ୍ଡ ବାଡ଼ କଡ଼ରେ ବସି ସଭା ଦେଖୁଥିବା ବୋଉ, କଇଁ କଇଁ ହୋଇ କାନ୍ଦିପକାଇଲା | ନିଜ ବଂଶର ଏପରି ଧୂଳି ଧୂସରିତ ଅବସ୍ଥା ତା ଆଖିରେ ଯାଉନଥିଲା | ବାପା ଚଉପାଢ଼ିରେ ମୁହଁ ପୋତି ପୋକଖିଆ କାଠଖୁଣ୍ଟ ପରି ଠିଆ ହୋଇଥାନ୍ତି | ତା'ଛଡ଼ା ତାଙ୍କ ପାଖରେ ଆଉ କିଛି ଉପାୟ ନଥାଏ | ସେ ନିଜ ଶିକ୍ଷକ ଜୀବନରେ ଏମିତି କେତେ ଛାତ୍ର ଛାତ୍ରୀଙ୍କୁ କାନ ଧରେଇ ବସ ଉଠ କରିଛନ୍ତି | କିନ୍ତୁ ଆଜି ନିଜ ବଡ଼ଭାଇ...

ଆମେମାନେ ଏ ସବୁ ଘଟଣା କିଛି ବୁଝି ପାରୁନଥାଉ | ସେତେବେଳେ ମୋତେ ବଡ଼ ବିରକ୍ତ ଲାଗୁଥାଏ ପାର୍ବତୀ ଅପା ଉପରେ | ଭାବୁଥାଏ, ଏଇ ସାଙ୍ଗେ ସାଙ୍ଗେ ପାର୍ବତୀ ଅପା ଆସି ସଭାରେ ପହଞ୍ଚି ଯାଆନ୍ତା କି! ଅନ୍ତତଃ ପକ୍ଷେ ବଡ଼ବାପାଙ୍କୁ ଆଉ ଦାଣ୍ଡରେ ନାକ ଘସିବାକୁ ପଡ଼ନ୍ତା ନାହିଁ|

କିନ୍ତୁ ପାର୍ବତୀ ଅପା ଆସିଲା ନାହିଁ | ସେ ଆସିଥିଲେ ହୁଏତ ଆଉ କିଛି ନୁଆ ଦୃଶ୍ୟ ସୃଷ୍ଟି ହୋଇଥାନ୍ତା | ବଡ଼ବାପାଙ୍କ ଉଠବସ୍ ସରିଲା | ସାରା ସାହିଭାଇ ନିରବଦ୍ରଷ୍ଟା ସାଜିଛନ୍ତି ଏ ଘଟଣାର | କାହା ପାଟିରେ ଭାଷା ନାହିଁ କି କାହା ମନରେ ପ୍ରତିବାଦ କରିବାର ପାଇଁ ଆଗ୍ରହ ନାହିଁ | ରଙ୍ଗା ମାମଲତକାର ପୁଣି ତାସଲ୍ୟ କଲେ - ଏବେ ନାକ ଘଷା ଆରମ୍ଭ ହେଉ, ଆଉ ଡେରି କାହିଁକି ?

ବଡ଼ବାପା ଆଉ କାଳବିଳମ୍ବ ନ କରି ତଳେ ବସି ଧୂଳିଦାଣ୍ଡରେ ନାକ ଘସିବାକୁ ପ୍ରସ୍ତୁତ ହେଲେ | ତାଙ୍କ ଆଖିରେ ଧାର ଧାର ଲୁହ | ପାଖରେ ତଳକୁ ମୁଣ୍ଡପୋତି ବସିଥିବା ବାପା ଆଉ ସହି ପାରିଲେ ନାହିଁ | କହିଲେ - ଆଜ୍ଞାମାନେ, ଭାଇ ତ ଉଠବସ୍ ହେଲେ, ମୁଁ ନାକ ଘସି ପାପର ପ୍ରାୟଶ୍ଚିତ କରୁଛି | ମୋ ବୁଢ଼ାଭାଇଙ୍କୁ ଆଉ ଏତେ କଷ୍ଟ ଦିଅନ୍ତୁ ନାହିଁ | ସମସ୍ତେ ଚାହିଁଲେ ନିମାଇଁ ମାମଲତକାରଙ୍କୁ | ନିମାଇଁ ମାମଲତକାର ଚାହିଁଲେ ରଙ୍ଗା ମାମଲତକାରଙ୍କୁ | ରଙ୍ଗା ମାମଲତକାର କହିଲେ - ଠିକ୍ ଅଛି, ଝିଅ କଲା ପାପର ପ୍ରାୟଶ୍ଚିତ କରିବେ ଉଭୟ ବାପା ଓ ଦାଦା... ଭଲ କଥା...

ସଭାରେ ରୁଣ୍ଡିଭୂତ ଲୋକଙ୍କ ପାଇଁ ଏ ଦୃଶ୍ୟ ହଠାତ୍ ଅଧିକ ରୋଚକ ହୋଇଗଲା | ଏବେ ଆଉ ଜଣେ ପାର୍ଟିଆରର ଆକ୍ଟିଂ ଦେଖିବେ ସେମାନେ | ବାଃ ! ଚମତ୍କାର !

ବାପା ସେତେବେଳକୁ କଛାଭିଡ଼ି ଚଉପାଢ଼ିର ଧୂଳିଦାଣ୍ଡରେ ନାକ ଲଗେଇ ସାରିଲେଣି | ନାକ ଘସିସାରି ମୁହଁ ଉଠେଇଲା ବେଳକୁ ମୁହଁସାରା ଧୂଳିଧୂସରିତ | ବଡ଼ବାପା ସହିପାରିଲେ ନାହିଁ | ଗାମୁଛାରେ ବାପାଙ୍କ ମୁହଁ ପୋଛିଦେଇ କଇଁ କଇଁ ହୋଇ କାନ୍ଦି ପକେଇଲେ |

ଲୋକମାନେ ଏ ଦୃଶ୍ୟକୁ ଏମିତି ଅଭିଭୂତ ହୋଇ ଦେଖୁଥାନ୍ତି, ଯେମିତି ମଞ୍ଚ ଉପରେ ଚାଲିଛି ବିରଳ ଭାତୃଭାବର ଏକ ଅନ୍ତଥରା ଦୃଶ୍ୟ | ବୋଉର କାନ୍ଦ ବଢ଼ି ଯାଇଥିଲା | ସେଦିନ ସଭା ସରିଲା ବେଳକୁ

ରାତି ଏଗାର । ଆମ ଘରେ ଖିଆପିଆ ନାହିଁ । ସମସ୍ତେ ଯିଏ ଯେଉଁଠି ବସିଛନ୍ତି, ସେଇଠି କାନ୍ଦବୋବାଳିରେ ବ୍ୟସ୍ତ । ତା ପରଦିନଠାରୁ ଆମ ଘରକୁ କେହି ଆସିବ ଯିବା ବନ୍ଦ, ଆଉ ଆମେ ବି କାହା ଘରକୁ ଯିବା ବନ୍ଦ ହୋଇଗଲା । ନିଆଁପାଣି ସବୁ ଅଟକ । ଭାଗ୍ୟଭଲ, ଆମ ବାଡ଼ିରେ କୂଅଟିଏ ଥିଲା । ନହେଲେ ସେତେବେଳେ ପିଇବାକୁ ପାଣି ଟୋପାଏ ବି ମିଳିନଥାନ୍ତା ।

।୩।

ତା ଭିତରେ ଅନେକ ଦିନ ବିତିଗଲା । ଗାଁ ପାଖ ଗଣ୍ଡାରେ ଅନେକ ପାଣି ବହିଯାଇଥିଲା । ଡୋଲିପୁର ଗାଁ ମ୍ୟୁନିସିପାଲିଟିରେ ପରିଣତ ହୋଇଥିଲା । ପାର୍ବତୀ ଅପା ପଢୁଥିବା ଗାର୍ଲସ ହାଇସ୍କୁଲରେ ପିଲା ଓ ଶିକ୍ଷକଙ୍କ ସଂଖ୍ୟା ବଢ଼ି ଯାଇଥିଲା । ସ୍କୁଲ ୟୁନିଫର୍ମ ବି ବଦଳି ଯାଇଥିଲା । ଆମ ଗାଁ ହରିଜନ ସାହିରୁ ଦୁଇ ଦୁଇଜନ ସରପଞ୍ଚ ହୋଇ ସାରିଥିଲେ । ରଙ୍ଗା ମାମଲତକାରର ବଡ଼ପୁଅ ତାଙ୍କରି ସାହିର ଜଣେ ନାବାଳିକାକୁ ଧରି ଛୁମନ୍ତର ମାରିଛି । ଗଲାସନ ନିମାଇଁ ମାମଲତକାରଙ୍କ ଦେହାନ୍ତ ହୋଇଛି । ସାହିରେ ନୂଆ ଟୋକା ମାମଲତକାର ହୋଇଛନ୍ତି । ଚଉପାଢ଼ିର ପ୍ରଭାବ ଧିରେ ଧିରେ କମିଆସିଛି । ସମସ୍ତଙ୍କ ଘରେ ନଳକୂଅ, ଗ୍ୟାସ, ଟିଭି ଆଉ ଫ୍ରିଜ୍ । କିନ୍ତୁ ଏବେ ବି ଆମ ଘରକୁ ସାହିଲୋକ ଆସୁନାହାନ୍ତି । ବାହାରେ ଦେଖିଲେ ସାହି ଟୋକାଙ୍କ ସହ କଥା ହୁଏ । କିନ୍ତୁ ଗାଁରେ ନୁହେଁ । ଏମିତି ଏମିତି ପନ୍ଦର ବର୍ଷ ଭିତରେ ଅନେକ କିଛି ବଦଳି ଯାଇଛି । ଆଉ ତାଆରି ଭିତରେ ସମସ୍ତେ ପାର୍ବତୀ ଅପାକୁ ଭୁଲିଯାଇଛନ୍ତି । ତା ଖବର୍ ଆଉ କାହା ପାଖରେ ନାହିଁ । ଏପରିକି ଏବେକା ପିଲାଙ୍କୁ ପାର୍ବତୀ ଅପା କଥା କହିଲେ ସେମାନେ ସବୁ କିଛି ବୁଝନ୍ତି ନାହିଁ । କଲେଜ୍ ପଢ଼ା ପିଲା ଭାବନ୍ତି, ଇଏ କୋଉ ପୁରାଣର ଗୋଟେ ଚରିତ୍ର । ପ୍ରକୃତ କଥା କହିଲେ, ଇତିମଧ୍ୟରେ ପାର୍ବତୀ ଅପା ଆଉ କାହାପାଇଁ ଏକ ଖବର ହୋଇ ରହିନଥିଲା । ପାର୍ବତୀ ଅପା ଗାଁ ଛାଡ଼ିବାର ବର୍ଷେପରେ ବିଛଣାରେ ପଡ଼ି ପଡ଼ି ବଡ଼ବାପା ଚାଲିଗଲେ । ତାଙ୍କ ବାଦ୍ ତାଙ୍କ ବଂଶରେ ଆଉ କେହି ନଥିଲେ । ଶେଷ ଆଡ଼କୁ ସେ ଖାଲି ପାର୍ବତୀ ପାର୍ବତୀ ହେଉଥିଲେ । ଘରେ ବଡ଼ବଡ଼ିଆ ମାନେ କହିଲେ, ସମସ୍ତଙ୍କ ନାକକାନ କଟିଦେଇ ସେ ତ ଅଲକ୍ଷଣୀ କୁଆଡ଼େ ଚାଲିଗଲା । ତାକୁ ପୁଣି କାହିଁକି ଖୋଜୁଛ ? ବଡ଼ଭାଇ, ବଡ଼ବାପାଙ୍କୁ ମୁଖାଗ୍ନି ଦେଇଥିଲା । ବଡ଼ବାପାଙ୍କ ଏକାଦଶାହ ଦିନ ତାଙ୍କ ଦାଣ୍ଡ ମଣ୍ଡପ ପାଖରେ ମୁଁ ସମସ୍ତଙ୍କ ଅଜାଣତରେ ପାର୍ବତୀ ଅପାର ସମସ୍ତ ଜିନିଷ ପତ୍ର ନେଇ ଫିଙ୍ଗିଦେଇ ଆସିଥିଲି । ମୁଁ ଚାହୁଁଥିଲି, ଯିଏ ଏତେ ହନ୍ତସନ୍ତ କରି ସମସ୍ତଙ୍କୁ ଛାଡ଼ିଦେଇ ଚାଲିଗଲା, ତାର କୌଣସି ସ୍ମୃତି ଆମ ଘରେ ନ ରହୁ ।

।୪।

ବସ୍ ହର୍ଣ୍ଣ ଦେଲା । ପାର୍ବତୀ ଅପା ସେତେବେଳୁ କ'ଣ ସବୁ କିଣିବାକୁ ଯାଇଥିଲା । ତା ପିଲାଏ ବି ଯାଇଥିଲେ । ସୁଶାନ୍ତ କେବଳ ବ୍ୟାଗ୍‌ପତ୍ରକୁ ଜଗି ବସିଥିଲା । ପାର୍ବତୀ ଅପା ଆସିଲାପରେ ସୁଶାନ୍ତ ପ୍ରକୃତିସ୍ଥ ହେଲା । ମେଞ୍ଚାଏ ଚେନାଚୁର୍, ବିସ୍କୁଟ୍, ମିଠା ଆଉ ଫଳ ଗୋଟେ ଜରିରେ ପୂରାଇ ସୁଶାନ୍ତ ହାତରେ ଧରାଇ ଦେଲା ପାର୍ବତୀ ଅପା । କହିଲା - କୋଉଠି ରହୁଛୁ, କେମିତି ରହୁଛୁ, ୟାକୁ ରଖିଥା ଖାଇବୁ...

ଏତକ କହୁ କହୁ ପାର୍ବତୀ ଅପା ସୁଶାନ୍ତର ମୁଣ୍ଡକୁ ଆଉଁସି ପକାଇଲା | ସୁଶାନ୍ତ ଆଉ କିଛି କହିବା ଅବସ୍ଥାରେ ନଥିଲା | ସ୍ନେହ ଶ୍ରଦ୍ଧା ପାଖରେ ମଣିଷର ପାଟି ଚୁପ୍ ପଡ଼ିଯାଏ | ସୁଶାନ୍ତକୁ ଲାଗିଲା ପାର୍ବତୀ ଅପାକୁ ଅନେକ କିଛି ପଚାରିବାର ଥିଲା | ତାଠାରୁ ଅନେକ କିଛି ଜାଣିବାର ଥିଲା | ପଚାରିବାର ଥିଲା, ସେ ଏମିତି କାହିଁକି କଲା ? ବାପାଭାଇଙ୍କୁ, ସାଇଭାଇଙ୍କ ପାଖରେ କାହିଁକି ଏମିତି ନିନ୍ଦିତ କଲା | ଜାଣିବାର ଥିଲା, ସେ ଏବେ କେମିତି ଅଛି | କୋଉଠି ରହୁଛି | କେମିତି ଚଳୁଛି | କେବେ ଥରେ ସେ ଗାଁ କଥା ମନେ ପକାଇଛି ନା ନାହିଁ !

କିନ୍ତୁ କିଛି କହିବା ପୂର୍ବରୁ ପାର୍ବତୀ ଅପା ତା ବ୍ୟାଗ୍ ପତ୍ର ଧରି ବାହାରି ସାରିଥିଲା | ବସ୍ ଝର୍କାରୁ କହିଲା - ଘର ଆଡ଼େ ଆସିବୁ ବୋଲି ତ କହି ପାରିବିନି | ବାପ ଗୋସାପଙ୍କ ମୁଣ୍ଡ ତଳକୁ କରିସିନା ମୁଁ ପଳାଇଆସିଲି, ତୁ ଆଉ କାହିଁକି ଆସିବୁ... ମୁଁ ମୋ ଭାଗ୍ୟକୁ ନେଇ ପଡ଼ିରହିଛି | ତମେମାନେ ସବୁ ଭଲରେ ଥାଅ...

ପାର୍ବତୀ ଅପା ଆଖିରେ ପେଜୁଆ ଲୁହ ଜକେଇ ଆସିଲା | ଅନ୍ୟମନସ୍କ ଭାବରେ ସେ ତା ବ୍ୟାଗ୍ ଅଣ୍ଡାଳୁଥିଲା | ସେ ଆହୁରି କିଛି ଜାଣିବାକୁ ଚାହୁଁଥିଲା | ବୋଧେ ପଚାରିବାକୁ ଚାହୁଁଥିଲା - କେମିତି ଅଛି ତା ବୋଉ ? ବାପା ଅଛନ୍ତି ନା ନାଇଁ ? ଯଦି ନାଇଁ କେବେ ଗଲେ ? କିଏ ମୁଖାଗ୍ନି ଦେଲା ? କିନ୍ତୁ ଏ ସବୁ ପଚାରିବାକୁ ତାପାଖରେ ବୋଧେ ସାହାସ ନଥିଲା | ସାହାସ ନଥିଲା ନା ତା'ର ଇଚ୍ଛା ନଥିଲା ? ନା, ସେ ପଥର କଡ଼ର ଅଜାତିଆ ସାପ ପରି ଡରିଯାଇଥିଲା ? ପ୍ରକୃତରେ ପାର୍ବତୀ ଅପାର ଆଉ ସାହାସ ନଥିଲା, ତା ଆଖିରୁ ଏହା ସ୍ପଷ୍ଟ ପଢ଼ି ହେଉଥିଲା | ପାର୍ବତୀ ଅପାର ବସ୍ ଛାଡ଼ିଲା | ପିଲାମାନେ ହାତ ହଲେଇ ବାଏ ବାଏ କହିଲେ | ସୁଶାନ୍ତ କେବଳ ଚାହିଁଥାଏ ପାର୍ବତୀ ଅପାକୁ | ସେ ଲୁଚି ଲୁଚି ଆଖିରୁ ଲୁହ ପୋଛୁଥାଏ | ସିଧା ସଳଖ ଯେମିତି ଚାହିଁବାକୁ ତା'ର ଆଉ ସାହାସ ନାହିଁ | ବସ ଛାଡ଼ିଦେଲା |

# ନବକବି



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

କହୁଛନ୍ତି ନବକବି
କବିପତ୍ନୀ ହାତ ଧରି
କରୁଥିବି ତୁମ ସେବା
କର୍ମକୁ ଆଦରି...
କୁହ ଯଦି କବିତାରେ
କୁହେ ଆମ କଥା
କରୁନାହିଁ ଆନ କିଛି
କିଆଁ ଘୁରେ ତୁମ ମଥା...

କେହି କେହି ବେଳେ ବେଳେ
କରନ୍ତି ଅଧିକ ସମ୍ମାନ
କାହିଁ ଭାବୁଅଛ ତୁମେ
କୁହ ଏହା ଅପମାନ...
କହି ଯାଇଛନ୍ତି ଗୁରୁ
କରୁଥିବୁ ସଦା ଧ୍ୟାନ
କଲେ ସାଧନା ରହିବ
କର୍ମରେ ତୋ ମନ...

କୁହନ୍ତି କବିପତ୍ନିଏ
କହୁଛି ଯା' ଶୁଣ
କଥା ସିଧା ଓଲଟା
କହି ନ ପାରେଣ...
କବିତା ଲେଖିବା ଛାଡ଼ି
କାମରେ ମନ ଦିଅ
କର୍ମ ଆଦରି ରହିବି
କାହିଁକି ମୁଁ କୁହ...

କିଛି ହେଲା ନାହିଁ ବୋଲି
କବିତା ଦେଉଛ ଲେଖି
କୂଳ ବୁଡ଼ି ବସିଲାଣି
କର କିଛି ତାକୁ ଦେଖି...
କାନ ମୁଣ୍ଡ ଯଦି ସଳଖ
କରିବାକୁ ଥାଅ ଚାହିଁ
କହିଦେଉଛି ଲେଖା ଛାଡ଼
କବି ନହେଲେ ଚାଲିଲି ଛାଡ଼ପତ୍ର
ଦେଇ....

# ମା'ର ଗେଲା ନା ପତ୍ନୀର ଚେଲା



ଶ୍ରୀମତୀ ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ବିବାହ ପରେ ପ୍ରାୟ ଅଧିକାଂଶ ପୁରୁଷ ମା ଓ ସ୍ତ୍ରୀର ଦୈନିକ ଝଗଡ଼ାର ପାତ୍ର ହୋଇ ପଡ଼ନ୍ତି । ନୂଆ ନୂଆ ଶାଶୁ ହୋଇଥିବା ମା ପୁଅର ପତ୍ନୀପ୍ରତି ଥିବା ସ୍ନେହ ଓ ପ୍ରେମକୁ ଦେଖି ଇର୍ଷ୍ୟା କରୁଥିବା ବେଳେ ମା ପ୍ରତି ପୁଅ ନିଜର କର୍ତ୍ତବ୍ୟ ସମ୍ପାଦନକୁ ନୂଆ ନୂଆ ଘରକୁ ଆସିଥିବା ପତ୍ନୀଟି ସ୍ୱାମୀ ମା'ର କାନି ଛାଡ଼ିନାହାନ୍ତି ବୋଲି ଭାବି କ୍ରୋଧ କରେ । ଏହି ପରି ସମୟରେ ଘରେ ଏକ ସୁସ୍ଥ ପରିବେଶ ରହିବ କିପରି । ଆଲୋଚନା କରୁଛନ୍ତି ଶ୍ରୀମତୀ ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ମା'ର ଗର୍ଭରୁ ଜନ୍ମ ହୋଇଥିବା ପୁରୁଷ ଜଣେ ବିବାହ ପରେ ମା ଓ ସ୍ତ୍ରୀର ସ୍ନେହ ମଝିରେ ଭାଗ ହୋଇଯାଏ । ମା ପ୍ରତି ସ୍ନେହକୁ ସ୍ତ୍ରୀ ସହ୍ୟ କରିପାରୁନଥିବା ବେଳେ ସ୍ତ୍ରୀପ୍ରତି ସ୍ନେହକୁ ମା ସହି ପାରେନାହିଁ । ଏହି ପରିସ୍ଥିତିରେ ଅନେକ ପୁରୁଷ ହିନସ୍ତା ହୁଅନ୍ତି । କିନ୍ତୁ ବୁଦ୍ଧିମାନ ପୁରୁଷ ନିଜ ଘରେ ଉଭୟ ମା ଓ ପତ୍ନୀଙ୍କ ମଧ୍ୟରେ ସନ୍ତୁଳନ ରକ୍ଷା କରିବାରେ ସମର୍ଥ ହୋଇଥାଏ । କିପରି, ଆସନ୍ତୁ ଦେଖିବା...

## ଉଭୟଙ୍କ ଭାବନାକୁ ବୁଝନ୍ତୁ

ଜନ୍ମରୁ ଆଜି ପର୍ଯ୍ୟନ୍ତ ପୁଅର ସବୁ ଭଲ ମନ୍ଦ ବୁଝି ଆସିଥିବା ମା'ଟି ପୁଅର ବିବାହ ପରେ ସ୍ତ୍ରୀର ନିକଟତର ହେବା ସମୟରେ ନିଜ ଅଧିକାରର କ୍ଷୟ ହେଉଥିବା ଦେଖି ମନଦୁଃଖ କରିଥାଏ । ତେଣେ ନୂଆ ନୂଆ ବିବାହିତ ବୋହୁଟି ଘରେ ଆଉ କାହାର ନିକଟତର ହେଉ ନ ହେଉ ଅନ୍ତତଃ ନିଜ ସ୍ୱାମୀଙ୍କ ପାଖରୁ ସ୍ନେହ ଓ ଆଦରର ହକଦାର୍ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ନିଜ ପରିବାରକୁ ଛାଡ଼ିଦେଇ ଯେତେବେଳେ ନୂଆ ଗୋଟିଏ ଘରକୁ ଆସିଛି, ସେଇ ସମୟରେ ସେ ଅଧିକ ସ୍ନେହ ଓ ଶ୍ରଦ୍ଧା ଆଶା କରିବା ସ୍ୱାଭାବିକ । ତେଣୁ ବିବାହ ପରବର୍ତ୍ତୀ ସମୟରେ ଅନେକ ପରିବାରରେ ଏହି ସବୁ କାରଣରୁ ଶାଶୁ ଓ ବୋହୁ ଭିତରେ ମନୋମାଳିନ୍ୟ ହେବା ସ୍ୱାଭାବିକ । ତେଣୁ ଏହିପରି ପରିସ୍ଥିତିରେ ବୁଦ୍ଧିମାନ ପୁରୁଷ ଜଣେ ଉଭୟ ପକ୍ଷର ମତ ଶୁଣିବା ପରେ ଉଭୟପକ୍ଷକୁ ସୁହାଇବା ଭଳି ନିଷ୍ପତ୍ତି ନେବା ଅତ୍ୟନ୍ତ ଜରୁରୀ । ଯଦି କେବଳ ମା କଥା ଶୁଣେ ତେବେ ତା' ବିବାହିତା ପତ୍ନୀ ଅସନ୍ତୁଷ୍ଟ ହେବ, ସେହିପରି କେବଳ ପତ୍ନୀକଥା ଶୁଣିଲେ ମା' ମନ ଦୁଃଖ ହେବ । ତେଣୁ ଉଭୟପକ୍ଷ କଥା ଶୁଣିବା ଜରୁରୀ । ଅନେକ ପୁରୁଷ ଏହିପରି କ୍ଷେତ୍ରରେ ଏହା ତୁମର ଅଭ୍ୟନ୍ତରୀଣ ବ୍ୟାପାର କହି ନିଜକୁ ଏହି ମନୋମାଳିନ୍ୟରୁ ଦୂରେଇ ରଖନ୍ତି, କିନ୍ତୁ ଏହା ଠିକ୍ ନୁହେଁ । ଏହିପରି ହେଲେ ଘରେ ମନୋମାଳିନ୍ୟ ଦିନକୁ ଦିନ ବଢ଼ିବାରେ ଲାଗିବ ସିନା ।

## ଉଭୟଙ୍କ ମତ ନେଇ ଜରୁରୀ ନିଷ୍ପତ୍ତି

ଯେତେବେଳେ ବି ପରିବାରରେ କୌଣସି ଉଲ୍ଲେଖନୀୟ ନିଷ୍ପତ୍ତି ନେବାକୁ ପଡ଼େ ସେହି ସମୟରେ ବୁଦ୍ଧିମାନ ପୁରୁଷ ଉଭୟ ପତ୍ନୀ ଓ ମା'ଙ୍କ ଠାରୁ ମତାମତ ନେଲେ, ଉଭୟ ସନ୍ତୁଷ୍ଟ ହେବେ ଏବଂ ମନୋମାଳିନ୍ୟ ହେବ ନାହିଁ । ସାଧାରଣତଃ ଘରମାନଙ୍କରେ ଅନେକ ନିଷ୍ପତ୍ତି କେବଳ ପୁଅ, ମାଆ ଓ ବାପା ମିଶି ନିଅନ୍ତି, ଯେତେବେଳେ ନବବିବାହିତା ସ୍ତ୍ରୀଟିକୁ ପରଘର ଝିଅ ବୋଲି ମନେ କରି ନିଷ୍ପତ୍ତିରେ ଭାଗ ନେବାକୁ ଦିଅନ୍ତି ନାହିଁ । ଏହା ଦ୍ୱାରା

ବିବାହିତ ଝିଅଟି ନିଜକୁ ପରିବାରଠାରୁ ଅଲଗା ମନେ କରେ । ପରେ ଏହା ପରିବାରର ଶାନ୍ତିରେ ବାଧା ଦେଇଥାଏ । ବୁଦ୍ଧିମାନ ପୁରୁଷ ଉଭୟ ସ୍ତ୍ରୀ ଓ ମା'ଙ୍କୁ ଏକାଠି ମିଶି କିଛି ନିଷ୍ପତ୍ତି ନେବା ପାଇଁ କହିଥାଏ, ଏହା ଫଳରେ ଶାଶୁ ବୋହୂ ମଧ୍ୟରେ ତାଳମେଳ ଭଲ ରହେ, ଏବଂ ସମ୍ପର୍କ ସୁଦୃଢ଼ ହୋଇଥାଏ ।

## ପ୍ରଶଂସା କର, ତୁଳନା ନାହିଁ

'ମୋ ମା ଭଳି କେହି ରୋଷେଇ କରିପାରିବେ ନାହିଁ' କିମ୍ବା 'ମୋ ସ୍ତ୍ରୀ ଭଳି ଘର ଚଳେଇବା କେହି ଜାଣିନାହାନ୍ତି', ଏହି ପ୍ରକାରର ତୁଳନାତ୍ମକ କଥାବାର୍ତ୍ତା ଘରେ କରନ୍ତୁ ନାହିଁ । ଏହାଦ୍ବାରା ମା ଓ ସ୍ତ୍ରୀଙ୍କ ମଧ୍ୟରେ ବ୍ୟବଧାନ ବଢ଼ିବ । ଅବଶ୍ୟ ଏହାର ଦୁଃପ୍ରଭାବ ଆପଣ ନିଜେ ଭୋଗିବେ । ଯେମିତି ଯଦି ଆପଣ କହନ୍ତି, 'ମୋ ମା ଭଳି କେହି ରୋଷେଇ କରିପାରନ୍ତି ନାହିଁ', ସେଇ ସମୟରେ ମନମାରି ଦେଇ ନୂଆ ବୋହୂଟି ଆପଣଙ୍କୁ ଯାହା ତାହା ରୋଷେଇ କରି ଖାଇବାକୁ ଦେବ ଆଉ ଆପଣ ଅଭିଯୋଗ କଲେ କହିବ, 'ବୋଉଙ୍କୁ କହି ଦେଉନ ରୋଷେଇ କରି ପରଶି ଦେବେ' ।

ପ୍ରତ୍ୟେକ ବ୍ୟକ୍ତି କୌଣସି ନା କୌଣସି ବିଷୟରେ ବିଜ୍ଞ, କିଏ ରୋଷେଇରେ ତ କିଏ ଘର ଚଳେଇବାରେ, କିମ୍ବା ପିଲାମାନଙ୍କ କଥା ବୁଝିବାରେ ହେଉ ଅବା ବୃଦ୍ଧବୃଦ୍ଧାଙ୍କ ସେବାସୁଶ୍ରୂଷା କରିବାରେ, ତେଣୁ ସବୁବେଳେ ପ୍ରଶଂସା କରନ୍ତୁ, କିନ୍ତୁ ସମସ୍ତଙ୍କ ସମ୍ମୁଖରେ ତୁଳନା କରନ୍ତୁ ନାହିଁ । ଏହା ଦ୍ବାରା ଈର୍ଷ୍ୟାଭାବ ଜାତ ହେବ ।

## ଉଭୟଙ୍କୁ ସମାନ ଉପହାର ଦିଅନ୍ତୁ

ବିଭିନ୍ନ ସମୟରେ ପରିବାରରେ ଭିନ୍ନ ଭିନ୍ନ ଉପହାର ଦେବାନେବା ହୁଏ । ଯଦି ଆପଣ ନିଜ ପତ୍ନୀଙ୍କ ପାଇଁ ଉପହାର ଆଣୁଛନ୍ତି, ତେବେ ମା'ଙ୍କ ପାଇଁ ବି ଉପହାର ଆଣନ୍ତୁ । ଏହାଦ୍ବାରା ଉଭୟ ଖୁସି ରହିବେ । ବେଳେ ବେଳେ ଘରର ସମସ୍ତ ସଦସ୍ୟ ପାଇଁ ଉପହାର ଅଣାଯାଏ ଅଥଚ ନୂଆ ବୋହୂଟିଏ ପାଇଁ କେହି ଧ୍ୟାନ ଦିଅନ୍ତି ନାହିଁ । ପୁରୁଷମାନେ ଭାବନ୍ତି କାଳେ ମା' ଖରାପ ଭାବିବ, ତେଣୁ ମା' ପାଇଁ ଦାମୀ ଉପହାର ଆଣିଦିଅନ୍ତି, ଅଥଚ ସ୍ତ୍ରୀକୁ ଅବହେଳା କରିଦିଅନ୍ତି । ଏହା କରିବା ଅନୁଚିତ । ବିବାହିତା ସ୍ତ୍ରୀ ଆପଣଙ୍କ ଘରେ ହିଁ ରହିବ ଏବଂ ସେ ଆପଣଙ୍କ ପରିବାରର ଏକ ଅନନ୍ୟ ଅଙ୍ଗ ବୋଲି ବିବେଚନା କଲେ ଘରେ ଶାନ୍ତି ରହିବ । ବିବାହର ଅନେକ ବର୍ଷପରେ ବୃଦ୍ଧ ପିତାମାତାଙ୍କୁ ଅବହେଳା କରାଯିବାର ଦେଖାଯାଏ, ସେଇ ସମୟରେ ମଧ୍ୟ ମା' ପ୍ରତି ଅବହେଳା କରିବା ଅନୁଚିତ ।

## ସମ୍ମାନ ଦିଅନ୍ତୁ

ମନେ ରଖନ୍ତୁ, ଯଦି ଆପଣ ନିଜ ମା'ଙ୍କୁ ସମ୍ମାନ ଦେବେ ନାହିଁ । ତେବେ ଆପଣଙ୍କ ପତ୍ନୀ ମଧ୍ୟ ଆପଣଙ୍କ ମା'ଙ୍କୁ ସମ୍ମାନ ଦେବେ ନାହିଁ । ତେଣୁ ଯେକୌଣସି ପରିସ୍ଥିତିରେ ବି ନିଜ ମା'ଙ୍କୁ ଅସମ୍ମାନ କରନ୍ତୁ ନାହିଁ । ଯଦି ଆପଣଙ୍କ ମଧ୍ୟରେ ମନୋମାଳିନ୍ୟ ଥାଏ ତେବେ ତାହାକୁ ଏକାନ୍ତରେ ଆପୋଷ ବୁଝାମଣାରେ ସମାଧାନ କରନ୍ତୁ । ସେହିପରି ପତ୍ନୀଙ୍କ ସହ ହୋଇଥିବା ଝଗଡ଼ାକୁ ଯଥାସମ୍ଭବ ନିଜ ଶୟନଗୃହ ଭିତରେ ହିଁ ସୀମିତ ରଖନ୍ତୁ । ସର୍ବସମ୍ମୁଖରେ ଝଗଡ଼ା କଲେ ପରିବାରରେ ଅଶାନ୍ତି ହେବ ଏବଂ ମନରେ ଦୁଃଖ ଓ ଆଘାତ ହେବ । ଅନେକ ସମୟରେ ନବବିବାହିତ ପତ୍ନୀ ସହ ମନୋମାଳିନ୍ୟ ହେଲେ

ସ୍ବାମୀମାନେ ସମ୍ପୂର୍ଣ୍ଣ ପରିବାର ସାମନାରେ ସ୍ତ୍ରୀ ସହ ଉଚ୍ଚ କଣ୍ଠରେ କଥାବାର୍ତ୍ତା କରନ୍ତି, ଏହା ଫଳରେ ଘରର ଶାନ୍ତି ଦୂର ହୁଏ | ତେଣୁ ଏହିପରି କ୍ଷେତ୍ରରେ ବୁଦ୍ଧିମାନ ପୁରୁଷ ମାନଙ୍କ ଦାୟିତ୍ବ ହେଉଛି ସେମାନେ ନିଜ ପତ୍ନୀ ଓ ମା ଉଭୟଙ୍କୁ ସମ୍ମାନ ଦିଅନ୍ତୁ |

## ସମୟ ଦିଅନ୍ତୁ

ବିବାହପରେ ଜଣେ ପୁରୁଷରେ ସମୟଚର୍ଯ୍ୟାରେ ପରିବର୍ତ୍ତନ ଆସିବା ସ୍ବାଭବିକ | ବିବାହ ପୂର୍ବରୁ ପୁରୁଷଟିଏ ଅଫିସରୁ ଘରକୁ ଫେରିଲେ, ବୈଠକରେ ବସି ବାପା ମା' ସହ କଥାବାର୍ତ୍ତା ହେଉଥିବା ବେଳେ ବିବାହ ପରେ ଘରକୁ ଫେରି ସିଧା ନିଜ କୋଠରୀକୁ ଚାଲିଯିବା ଅନୁଚିତ | ଅଫିସରୁ ଫେରିବାପରେ କିଛି ସମୟ ନିଜ ପରିବାର ସହ ବସି କଥାବାର୍ତ୍ତା ହେଲେ ମା'ମାନେ ଖୁସି ହୁଅନ୍ତି | ଏବଂ ଏହା ଫଳରେ କୋଠରୀ ଭିତରେ ରୁଦ୍ଧ ରହୁଥିବା ବୋହୁଟିଏ ମଧ୍ୟ ଧିରେ ଧିରେ ସନ୍ଧ୍ୟା ସମୟରେ କୋଠରୀରୁ ବାହାରି ଆସି ପରିବାର ସହ ବସେ, ଏବଂ ସ୍ନେହ ଓ ଶ୍ରଦ୍ଧା ବଢ଼ିଥାଏ | ଠିକ୍ ସେହିପରି ଅନେକ ପୁରୁଷ ଅନେକ ସମୟରେ ପରିବାର ସହ ବହୁତ ସମୟ ବିତାନ୍ତି କିନ୍ତୁ ନିଜ ଶୟନଗୃହକୁ ଗଲାବେଳକୁ ବିଳମ୍ବ କରନ୍ତି, ତେଣେ ନବବିବାହିତା ସ୍ତ୍ରୀ ଜଣକ ସ୍ବାମୀଙ୍କ ବାଟ ଚାହିଁ ବସିଥାଏ, ଧିରେ ଧିରେ ଏହା ଫଳରେ ଅଶାନ୍ତି ସୃଷ୍ଟି ହୁଏ | ତେଣୁ ପରିବାରରେ ଶାନ୍ତି ପାଇଁ ଉଭୟ ମା ଓ ସ୍ତ୍ରୀଙ୍କୁ ସମାନ ସମୟ ଦେବାର ଯଥେଷ୍ଟ ଆବଶ୍ୟକତା ରହିଛି |

## ବିଶେଷଜ୍ଞଙ୍କ ମତ

ଘରକୁ ଫେରିବାପରେ ସିଧା ନିଜ କୋଠରୀକୁ ନ ଯାଇ ସମ୍ପୂର୍ଣ୍ଣ ପରିବାର ସହ କିଛି ସମୟ ବିତାନ୍ତୁ | ଏବଂ ଯଦି ସମ୍ଭବ ହୁଏ ତେବେ ନିଜ ପତ୍ନୀଙ୍କୁ ମଧ୍ୟ ପରିବାରରେ ମିଶାଇ ବସାନ୍ତୁ | ଏହା ଫଳରେ ପରିବାର ପ୍ରତି ସ୍ନେହ ବଢ଼ିବ ଏବଂ ଆପଣଙ୍କ ପତ୍ନୀ ନିଜକୁ ପରିବାରର ସଦସ୍ୟ ବୋଲି ଭାବିବ |

ଜଣକ ସାମନାରେ ଅନ୍ୟଜଣଙ୍କର ପ୍ରଶଂସା କରନ୍ତୁ ନାହିଁ | ଯଦି ଆପଣଙ୍କ ମା ଭଲ ରୋଷେଇ କରନ୍ତି ତେବେ ତାଙ୍କୁ ଆପଣଙ୍କ ପତ୍ନୀଙ୍କୁ କିଛି ଭଲ ରୋଷେଇ ଶିଖାଇଦେବା ପାଇଁ କୁହନ୍ତୁ, ଏହା ଦ୍ବାରା ମା ସନ୍ତୁଷ୍ଟ ହେବେ | ସେହିପରି ଶିଲାଇ ଶିଖିଥିବା ପତ୍ନୀଙ୍କୁ କୁହନ୍ତୁ ସେ ମା'ଙ୍କ ଖାଲି ସମୟରେ ବସି କିଛି ବୁଣାବୁଣି ଶିଖାଇ ଦେବେ, ସେ ବି ଖୁସି ହେବେ |

ଥଟ୍ଟା ପରିହାସରେ ହେଉ ସୁଦ୍ଧା କେବେ ବି ସମ୍ପୂର୍ଣ୍ଣ ପରିବାର ସମ୍ମୁଖରେ ନିଜ ପତ୍ନୀଙ୍କୁ ହାସ୍ୟର ପାତ୍ରୀ କରନ୍ତୁ ନାହିଁ |

ଯଦି ମା ଓ ସ୍ତ୍ରୀଙ୍କ ଭିତରେ କଳି ଗୋଳ ହେଉଛି, ସେଇ ସମୟରେ ଆପଣ କିଛି କୁହନ୍ତୁ ନାହିଁ, ଝଗଡ଼ା ବନ୍ଦ ହେବାପରେ ଉଭୟ ପକ୍ଷର ଦଲିଲ ଶୁଣିବା ପରେ ହିଁ କିଛି ନିଷ୍ପତ୍ତି ନିଅନ୍ତୁ |

ଯଦି ଆପଣଙ୍କ ମା କିମ୍ବା ପତ୍ନୀ ଆପଣଙ୍କୁ କିଛି ଗୋପନ କଥା କହିଥାନ୍ତି, ତେବେ ତାହା ଅପରପକ୍ଷକୁ କେବେ ବି କୁହନ୍ତୁ ନାହିଁ |

# ପ୍ରତାରଣା



ବିନୟ ମୋହନ ଦାଶ

ବିଶ୍ବାସର ପରିଭାଷା ଖୋଜୁଥିଲି
ଅନ୍ତତଃ ତୁମକୁ କହିବି ବୋଲି
ସନ୍ଦର୍ଭର ଆଭାସ ପାଇଗଲି
କେମିତି ଖେଳୁଥିଲ ଲୁଚକାଳି,
ବିଶ୍ବାସକୁ ହତ୍ୟାକଲ ଅଣ୍ଡାଳି ଅଣ୍ଡାଳି |

ଅସ୍ତବ୍ୟସ୍ତ ଆଶାକୁ ସାଉଁଟି ଆଣିଥିଲି
ବ୍ୟଗ୍ରତାର ସୌଧ ତୋଳିଥିଲି
ସ୍ବପ୍ନର ପରିକଳ୍ପନା ଭାଙ୍ଗିଦେଲି
ହୃଦୟରେ ଜାଗାଟିଏ ପାଇବି ବୋଲି
ସତ୍ୟର ରୂପରେଖ ଦେଖିବା ଆରମ୍ଭ କଲି |

ଓତପ୍ରୋତଃ ଭାବେ ଜଡ଼ିତ ମୁଁ ଥିଲି
ଠକି ଲୁଚିଯିବି, କେବେ ମୁଁ ଭାବିନଥିଲି
ତୁମେ ଠକିଛ; ତୁମର ଭୁଲ୍ ନୁହେଁ, ମୁଁ ଠକିଗଲି
ତୁମେ କହୁଥିଲ - ସବୁକଥା ଶୁଣିଗଲି
କହିବାକୁ ଚାହୁଁନଥିଲି - ସବୁକଥା କହିଦେଲି |

ଅଶାନ୍ତ ମନକୁ ବୁଝେଇବି ଦେଲି
ମନ ପ୍ରଚ୍ଛଦରେ ପ୍ରତାରଣା ଛବିଟେ ଆଙ୍କିଲି
ଲୁହ ଓ ଲହୁର ରଙ୍ଗ, ହାତେ ଥିଲା ତୁଳୀ
ବାସ୍ନା ବିହୀନ ଖୁସିକୁ ଜୀବନେ ଦେଖିଲି
ଝାପ୍ସା ଝାପ୍ସା ଦିଶୁଥିଲେ ବି ଆଙ୍କି ଚାଲିଲି |

ଆଶାର ଚିତ୍ରପଟେ ନିଜକୁ ଦେଖୁଥିଲି
ମୁଁ ଆଉ ମୁଁ ହୋଇ କେଉଁଠି ରହିଲି
ନିଜେ ହଜିଗଲି ସବୁ ହଜେଇବି ଦେଲି
ତିମିର ଅନ୍ଧାରକୁ ନିଜର କରିଲି,
ଶେଷରେ ବିଶ୍ବାସ ଠୁ ଦୂରେଇ ବି ଗଲି |

# ଅତିଥି ଦେବୋ ଭବଃ

'ଅତିଥି ଦେବୋ ଭବଃ' ଅର୍ଥାତ ଅତିଥି ଦେବତୁଲ୍ୟ ବା ଦେବତା ସମାନ । ଆମର ପ୍ରାଚୀନ ବେଦରେ ଅତିଥି ସେବା ସବୁଠୁ ବଡ଼ ଗୁଣ ଏବଂ ଅତିଥି ସତ୍କାରରୁ ପ୍ରାପ୍ତ ହେଉଥିବା ପୂଣ୍ୟକୁ ସବୁଠାରୁ ଅଧିକ ଏବଂ ସର୍ବଶ୍ରେଷ୍ଠ ବୋଲି ବିବେଚନା କରାଯାଇଛି । ଏହି ପୂଣ୍ୟ ପ୍ରାପ୍ତିହେତୁ ଆପଣ ନିଜ କାୟ-ମନୋ-ବାକ୍ୟରେ ଅତିଥି ସେବାରେ ଲାଗି ପଡ଼ନ୍ତୁ ।

## ଅତିଥି ମାନେ କିଏ ?

ସାଧାରଣ ଭାଷାରେ କହିଲେ ଅତିଥି ମାନେ କୁଣିଆ ବା ବନ୍ଧୁ ଯିଏ ଘରକୁ ଆସନ୍ତି । କିନ୍ତୁ ଅତିଥି ଶବ୍ଦର ଆକ୍ଷରିକ ଅର୍ଥ ହେଉଛି ଯେଉଁ ବ୍ୟକ୍ତିଙ୍କ ଆସିବାର କୌଣସି ନିର୍ଦ୍ଦିଷ୍ଟ ତିଥି ନଥାଏ ସେ ହେଉଛନ୍ତି ଅତିଥି । ଅର୍ଥାତ୍ ଯାହାର ଆସିବା ସମ୍ବନ୍ଧରେ ଆମେ ଅନଭିଜ୍ଞ । ତେଣୁ ନିତିଦିନ ଘରକୁ ଆସୁଥିବା ବନ୍ଧୁଙ୍କୁ ଆମେ ଅତିଥି ବୋଲି ବିବେଚନା କରି ପାରିବା ନାହିଁ ।

## ଅତିଥି ସତ୍କାର କେମିତି କରିବେ ?

ଅତିଥିଙ୍କ ସେବା ସୁଶ୍ରୁଷାକୁ ଅତିଥି ସତ୍କାର ବୋଲି କୁହାଯାଏ । ପ୍ରାଚୀନ ବେଦ ଅନୁସାରେ ଅତିଥି ସତ୍କାର ତନ-ମନ-ଧନ ଦେଇ କରିବା ଉଚିତ ଅର୍ଥାତ୍, ଜଳ, ଅନ୍ନ, ଦାନ, ଦକ୍ଷିଣା, ବସ୍ତ୍ର, ଫଳ, ଆସନ ଆଦି ଦ୍ବାରା ଅତିଥି ସତ୍କାର କରିବା ଉଚିତ ।

## ଅତିଥି ସତ୍କାର ସୌଭାଗ୍ୟର ଦ୍ବାର

ଅତିଥି ସତ୍କାରରେ କୌଣସି ତ୍ରୁଟି କରିବା ଅନୁଚିତ । ବେଦରେ କୁହାଯାଇଛି ସ୍ବଚ୍ଛମନରେ ଅତିଥି ସତ୍କାର କଲେ ସୌଭାଗ୍ୟ, ଯଶ, ଗୌରବ, କୀର୍ତ୍ତି, ଦୀର୍ଘାୟୁ ଏବଂ ଆନନ୍ଦ ମିଳିଥାଏ । ଅତିଥିଙ୍କ ସେବାକୁ ଅତ୍ୟନ୍ତ ପୂଣ୍ୟ କାମ ବୋଲି କୁହାଯାଏ, ଯଦି ଅତିଥି ଆମ ସେବାରେ ସନ୍ତୁଷ୍ଟ ହୁଅନ୍ତି ତେବେ ଆମର ମନୋସ୍କାମନା ପୂରଣ ହୁଏ ।

## ଅତିଥିଙ୍କ ଅନାଦର ମହାପାପ

ଅତିଥିଙ୍କୁ ଭଗବାନଙ୍କ ସ୍ଥାନ ଦିଆଯାଇଛି । ତେଣୁ ଅତିଥିଙ୍କ ଅନାଦର ଭଗବାନଙ୍କ ପ୍ରତି ଅନାଦର ସଦୃଶ । ଭଗବାନଙ୍କୁ ଅନାଦର କରିବା ମହାପାପ । ତେଣୁ ଏହି ମହାପାପରୁ ବଞ୍ଚିବାପାଇଁ ଖୋଲା ହୃଦୟରେ ଅତିଥିଙ୍କ ସ୍ବାଗତ କରନ୍ତୁ ଏବଂ ସ୍ବଚ୍ଛ ମନରେ ଅତିଥି ସତ୍କାର କରନ୍ତୁ ।

# ଓଲ୍ଡ଼ ଆଫେୟର୍



ରଶ୍ମୀରଞ୍ଜନ କର (ଚୋରକବି)

ବାହାଘର ମୋର ଠିକ୍ ହେଲାପରେ ରାତିରେ ଫୋନକୁ ଧରି,
କହିଦେଲି ସବୁ ଗାର୍ଲ୍‌ଫ୍ରେଣ୍ଡ ନାଁ ମାରି ଅତି ବାହାଦୁରି ।୧।
ନିଜକୁ ନିଜେ ମୁଁ ଭାବୁଥିଲି ଏକା ସିଆଣିଆ ଟୋକା ସତେ,
ଉଡ଼ବି ୱାଇଫ୍ ମୋର ଅତି ଚାଲାକିରେ ବୋକା ବନେଇଲା ମୋତେ ।୨।
ଜାଣିଗଲା ମୋର ସବୁ ଆଫେୟର୍ ଗୋଟିଏ ରାତିରେ ସିଏ,
କହିଲା ତୁମଠୁ ଭଲ ଦୁନିଆରେ ହବ ପୁଣି ଆଉ କିଏ ।୩।
କହିଲା କହୁନ ତୁମ ପିଲାଦିନ ସ୍କୁଲ କଲେଜ କାହାଣୀ,
ଏତେ ସୁନ୍ଦରିଆ ହିରୋ ତୁମେ ଧନ, ଦେଇନି କେ ବାଙ୍କ ଚାହାଣୀ ।୪।
କହିବନି ଧନ ମତେ ସବୁ କଥା, ମୁଁ କି ତୁମର ପର
ଦେଢ଼ମାସ ପରେ ତୁମ ହାତ ଧରି ଆସିବି ତୁମରି ଘର ।୫।
ଏମିତି ଚିକ୍କଣ କଥା ସେ କହିଲା, ବୁଦ୍ଧି ମୋର ହେଲା ଗୋଲ୍
ରାତି ବାରଟାରେ ନିଜ ମୁହେଁ ମୁହିଁ ଖୋଲିଦେଲି ସବୁ ପୋଲ୍ ।୬।
ଟିନା ପରେ ମୀନା, ମୀନା ପରେ ପୁଣି ଆସିଥିଲା ଦିନେ ସୀମା,
ଉଡ଼୍‌ବି ଶୁଣି କହେ ବାହାଘର ପରେ ବନେଇବି ତୁମ କିମା ।୭।
ରୀତା ସୀତା ମିତା ଜୀବନେ ମୋହର ଆସିଥିଲେ ଥରେ ଦି'ଥର,
ଦୁର୍ଭାଗ୍ୟକୁ ତୁମେ ଡାକିକି ଆଣିଛ, ଖାଇବ ଯେ ଝାଡୁ ପାହାର ।୮।
ଆହୁରି କେତୋଟି ପୀରତି କୀରତି କରିଅଛ ମୋତେ କୁହ,
ରେକର୍ଡ୍ ସବୁ ମୁଁ କରିକି ରଖିଛି ଫୋନ୍ ମେମୋରୀରେ ରୁହ ।୯।
ସକାଳୁ କାଲି ମୁଁ ବାପା ବୋଉ ଆଗେ ଶୁଣେଇବି ସବୁ କଥା,
ନାକ ରଗଡ଼େଇ ଉଠବସ ସାଙ୍ଗେ ନୁଆଁଇବି ତୁମ ମଥା ।୧୦।
ଯେତେ ତେଲେଇଲେ ଉଡ଼ବି ତୁମର କହିବନି ଓଲ୍ଡ଼ ଆଫେୟାର୍
ଭୁକ୍ତଭୋଗୀ ମୁହିଁ ଭୋଗୁଛି ଦଶା, କରୁଛି ତୁମକୁ ହୋଶିୟାର୍ ।୧୧।

# ଫକଡ଼ରାମ ଗିରିଧାରୀ



ତାରା ପ୍ରସାଦ ଜେନା

ଫକଡ଼ରାମ ଗିରିଧାରୀ ସେ
ହୁଅନ୍ତି ଜାମାଯୋଡ଼
କଥାରେ ଜମା ବାଟୁଳି ନାହିଁ
ଦେଖାନ୍ତି ତୁଛା ତୋଡ଼ |
ଘର ଭିତରେ ଦି ଦିନ ଥିଲେ
ବୁଲିବେ ସାହି ମୋଡ଼
କହିବେ ତୁମେ ଜାଣିନ ସତେ
ପୁରୀରେ ହେଲା ବୁଡ଼ |
କୁଣିଆ ଘର ବାଇକ୍ ଧରି
ଧାଇଁବେ ଛକ ଭିଡ଼
କହିବେ କିଣା ଏଇଟା ହେଲା
ଦେଖାଇ ମିଛ ବଡ଼ |
ବାଉନ ବାଟି ଚାଷ ବୋଲନ୍ତି
ଜମାରୁ ନାହିଁ ହିଡ଼
ଥରୁଟେ ହେଲେ ହଳିଲା ପାଣି
ବଢ଼ାନ୍ତି ନାହିଁ ଗୋଡ଼ |
ଏମିତି ବାବୁ ଦୂରୁ ଜୁହାର
ତୁଛାକୁ ନାହିଁ ଲୋଡ଼
ସୁଧୁରି ଯିବେ ବୁଝାଅ ତାଙ୍କୁ
ନୋହିଲେ ଥୁଅ ମାଡ଼ |

# ସାବାସ୍ ମଲାଲା



କମଳ କୁମାର ଦାଶ

ସାବାସ ମଲାଲା ସାବାସ ମଲାଲା
ସାବାସ ତୁମରି ମନ,
ଧନ୍ୟ ସେ ତୁମର ଲଢୁଆ ସାହାସ
ପାଠ ପଢ଼ିବାରେ ଧ୍ୟାନ ।
ପଢ଼ିବା ପାଇଁ କି ଲଢ଼ିବାକୁ ପଡ଼େ
ଶୁଣିଲେ ହସ ଲାଗୁଛି,
ତାଲିବାନଙ୍କର ଫତୁଆକୁ ତୁମେ
ଉଡ଼ାଇଲ ହସି ହସି ।
ମକା ଫୁଲ ହୋଇ ସ୍ବାଦ୍ ଘାଟିର
ଧରା ମହକାଇ ଦେଲ,
ପଢ଼ିବା ପାଇଁକି ଲଢ଼ିବାକୁ ତୁମେ
ଝିଅଙ୍କୁ ଶିଖାଇ ଦେଲ ।
ମଣିଷ ରକ୍ତରେ ହୋଲି ଖେଳୁଥିବା
ତାଲିବାନ୍ ଗଲା ଡରି,
ଭାବିଲା ମାରିବ ମଲାଲାକୁ ସିଏ
ତା ମୁଣ୍ଡରେ ଗୁଳି ମାରି ।
ବିଶ୍ବ ବିଜୟିନୀ ମଲାଲାର ପାଇଁ
କୋଟି କୋଟି ଦୁଆ ଆଜି,
ତାଲିବାନ୍ ଆଜି ଲୋକଙ୍କ ଆଖିରେ
ସୈତାନ୍ ଯାଇଛି ସାଜି ।

# ବାସ୍ତୁଶାସ୍ତ୍ରରେ ବୃକ୍ଷର ଭ୍ରାମକ ତର୍ଜମା



ବାଲ୍ମୀକି ନାୟକ

ବୃକ୍ଷ ଓ ଲତା ପ୍ରକୃତିର ଅବଦାନ । ଏଗୁଡ଼ିକ କେବଳ ମାନବ ଜାତିକୁ ନୁହେଁ ସମଗ୍ର ଜୀବଜଗତକୁ ବଞ୍ଚି ରହିବାରେ ସାହାଯ୍ୟ କରୁଛନ୍ତି । ଜୀବଜଗତକୁ ଖାଦ୍ୟ, ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରଦାନ କରୁଥିବାରୁ କେବଳ ମାନବଜାତି କୃତଜ୍ଞତା ଜଣାଇ ପୂଜା ଓ ଆରାଧନା କରୁଥିଲା । ଅନ୍ୟ କୌଣସି ଜାତିର ଜୀବ ଏ ସବୁ କରନ୍ତି ନାହିଁ । ଯଦିଓ ସମସ୍ତ ଜୀବଜଗତ ବୃକ୍ଷଠାରୁ ନିଜ ନିଜର ଆବଶ୍ୟକତା ଅନୁସାରେ ଫାଇଦା ପାଉଛନ୍ତି, ନିଜର ସ୍ୱାର୍ଥ ସାଧନରେ ସାହାଯ୍ୟ କରିଥିବା ଯେକୌଣସି ବ୍ୟକ୍ତି ବା ଶକ୍ତି ଆଗରେ କୃତଜ୍ଞତା ଜ୍ଞାପନ କରିବା ଅସଙ୍ଗତ ନୁହେଁ । ବରଂ ଉକ୍ତ ବ୍ୟକ୍ତିର ଏକ ବିନମ୍ର ଭାବକୁ ପ୍ରମାଣିତ କରୁଛି ।

ଏଇଠି ଆମେ ମଣିଷ ମନର ଭାବପ୍ରବଣତାକୁ ଟିକିଏ ବାସ୍ତବିକ ଦୃଷ୍ଟିକୋଣରୁ ବିଚାର କରିବା । ଧରନ୍ତୁ ଜଣେ ବ୍ୟକ୍ତି ଆକସ୍ମିକ ଦୁର୍ଘଟଣା ଯୋଗୁଁ ଆଘାତ ପାଇ ରାସ୍ତାକଡ଼ରେ ଅସହାୟ ହୋଇ ପଡ଼ିଥିବା ବେଳେ କେହି ସହୃଦୟ ବ୍ୟକ୍ତି ଡାକ୍ତରଖାନାକୁ ଉଠାଇ ନେଇଗଲେ । ସେଠାରେ ଜଣେ ସହୃଦୟ ଡାକ୍ତର ତୁରନ୍ତ ଚିକିତ୍ସା ଆରମ୍ଭ କରିଦେଲେ । ଯାହା ଫଳରେ ରୋଗୀଟି ବଞ୍ଚିଗଲା । ତାପର ଦୃଶ୍ୟ ହେଉଛି ରୋଗୀଟିର ମନସ୍ତତ୍ତ୍ୱ । ସେ ଜଣେ ନିଷ୍ଠାବାନ ଧର୍ମବିଶ୍ୱାସୀ । ତାଙ୍କର ଇଷ୍ଟଦେବତାଙ୍କୁ ସେ ଦୁନିଆର ସବୁଠାରୁ ଅଧିକ ଶକ୍ତିଶାଳୀ ଓ ଦୟାବାନ ବୋଲି ମାନନ୍ତି । ଉପରୋକ୍ତ ଦୁର୍ଘଟଣା ଯୋଗୁଁ ଜଣେ ବ୍ୟକ୍ତି ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚେଇଲେ, ଅନ୍ୟଜଣେ ତୁରନ୍ତ ଆବଶ୍ୟକୀୟ ଚିକିତ୍ସା କଲେ କିନ୍ତୁ ଏ ଦୁହେଁ ଧନ୍ୟବାଦର ପାତ୍ର ନୁହନ୍ତି, ଏମାନେ କେବଳ ନିମିତ୍ତ ମାତ୍ର । ବଞ୍ଚେଇବା ଶକ୍ତି ହେଉଛି ତାଙ୍କର ତଥାକଥିତ ଇଷ୍ଟ ଦେବତା । ତାଙ୍କରି ନିର୍ଦ୍ଦେଶରେ ହିଁ ଡାକ୍ତର ଚିକିତ୍ସା କଲେ, ଶେଷରେ ତାଙ୍କରି ଯୋଗୁଁ ହିଁ ସେ ସୁସ୍ଥ ହୋଇ ଘରକୁ ଫେରିଲେ । ତେଣୁ କୃତଜ୍ଞତା ଜଣାଇବାପାଇଁ ଦେବତାଙ୍କ ପାଖରେ ପୂଜା, ହୋମ, ଦାନ ଦକ୍ଷିଣାଦି କର୍ମକାଣ୍ଡ କରାଯିବ ବୋଲି ରୋଗୀ ଜଣକ ଭାବୁଛନ୍ତି । ଡାକ୍ତରଙ୍କୁ ତାଙ୍କ ଫିସ୍, ଉକ୍ତବ୍ୟକ୍ତିଙ୍କୁ ଅଟୋଭଡ଼ା ଦେଇଦେଲେ କାମ ସରିଲା । ରୋଗୀକୁ ଡାକ୍ତରଖାନା ନେଇଥିବା ବ୍ୟକ୍ତି ଓ ଚିକିତ୍ସା କରିଥିବା ଡାକ୍ତରଙ୍କ ରୋଗୀ ପ୍ରତି ଯେତିକି ଭାବପ୍ରବଣତା ଥିଲା, ସେ ଉଭୟଙ୍କ ପାଇଁ ରୋଗୀର ଭାବପ୍ରବଣତା ନାହିଁ । ଯେଉଁମାନେ ପ୍ରତ୍ୟକ୍ଷ ଭାବେ ତାଙ୍କୁ ବଞ୍ଚେଇଦେଲେ । ଭାବପ୍ରବଣତା ଅଛି ସେଇ ଶକ୍ତି ଉପରେ ଯାହା ସେ କେବେ ଦେଖିନାହାନ୍ତି ଅନୁଭବ କରିନାହାନ୍ତି କିମ୍ବା ପ୍ରମାଣିତ ହୋଇପାରିନାହିଁ । ରୋଗୀ ଜଣକ ଯଦି ଯୁକ୍ତିସଙ୍ଗତ ଭାବେ ଚିନ୍ତା କରିଥାନ୍ତେ ତେବେ ପ୍ରଥମ ଦୁଇଜଣ ସହୃଦୟ ବ୍ୟକ୍ତିଙ୍କୁ ହିଁ କୃତଜ୍ଞତା ଜଣାଇ ସେମାନଙ୍କ ପାରିଶ୍ରମିକ ବ୍ୟତୀତ ଅଧିକା କିଛି ଉପହାର ଦେଇଥାନ୍ତେ । କିନ୍ତୁ ତାଙ୍କ ଭିତରେ ଥିବା ଧାର୍ମିକ ଅନ୍ଧବିଶ୍ୱାସ ଯୋଗୁଁ ଅଯଥା କର୍ମକାଣ୍ଡକରି ପୂଜାରୀ ମାନଙ୍କୁ ଦାନଦକ୍ଷିଣା ଦେଇ ଦେବତାଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା ପ୍ରକାଶ କରିବେ ।

ଓଲଟା ରୋଗୀ ଜଣକ ଦେବତାଙ୍କୁ ପ୍ରଶ୍ନକରିବା ଉଚିତ ଯେ ମୋତେ ବଞ୍ଚେଇ ରଖିବା ପାଇଁ ଏତେ କାମ କଲ, ହେଲେ ମୋତେ ଦୁର୍ଘଟଣାର ଶୀକାର କଲ କାହିଁକି ? ମୋତେ ଶାରିରୀକ, ମାନସିକ ଓ ଆର୍ଥିକ ଭାବରେ କ୍ଷତି କରାଇଲ କାହିଁକି ? ଏଥିପାଇଁ ଧର୍ମଗୁରୁମାନେ ତର୍କ ଦେଇଥାନ୍ତି ଯେ ମଣିଷ କାଳେ ଦେବତାଙ୍କୁ ଭୁଲିଯିବ, ତେଣୁ ସେ ଦୁଃଖ କଷ୍ଟ ଦେଇଥାନ୍ତି |

ଉପରୋକ୍ତ ଉଦାହରଣ ଦେବାର ଉଦ୍ଦେଶ୍ୟ ହେଉଛି ମଣିଷର ବ୍ୟକ୍ତି ଓ ଶକ୍ତି ପ୍ରତି କୃତଜ୍ଞତା ପ୍ରକାଶରେ ଥିବା ପ୍ରଭେଦକୁ ବୁଝିବା | ବ୍ୟକ୍ତିକୁ ଧନ୍ୟବାଦ ନ ଦେଲେ ସେ ହୁଏତ ତୁମକୁ ଆଉ କେବେ ସାହାଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିବ ନାହିଁ | କିନ୍ତୁ ଶକ୍ତି (ଯାହା ନିର୍ବିବାଦ ସ୍ଥିତିର ପ୍ରମାଣ)କୁ ଧନ୍ୟବାଦ ନ ଦେଲେ ବି ସେ ସବୁବେଳେ ସମାନ ଭାବେ ତୁମକୁ ସାହାଯ୍ୟ କରିବ କାରଣ ଏହା ତା'ର ପ୍ରାକୃତିକ ଗୁଣ | ସୂର୍ଯ୍ୟକିରଣ, ବାୟୁ, ଜଳର ଶକ୍ତି ସମସ୍ତଙ୍କ ପାଇଁ ଉପଲବ୍ଧ |

ବାସ୍ତୁଶାସ୍ତ୍ରରେ ବୃକ୍ଷ ଓ ଲତା ମାନଙ୍କରେ ଅନେକ ଐଶ୍ବରୀୟ ଶକ୍ତି ରହିଛି ଏବଂ ଏମାନଙ୍କୁ ପୂଜା ନ କଲେ ମଣିଷର ଅନେକ କ୍ଷତି ହେବ ବୋଲି ଉଲ୍ଲେଖ ରହିଛି | ଏହା ସମ୍ପୂର୍ଣ୍ଣ ଅନ୍ଧବିଶ୍ବାସ ଓ ଅବୈଜ୍ଞାନିକ ବିଚାର | ବାସ୍ତୁଶାସ୍ତ୍ରୀ ମାନଙ୍କ ମତରେ କେତେକ ଗଛରେ ଦେବତା ବାସ କରୁଛନ୍ତି ଆଉ କେତେକ ଗଛରେ ରାକ୍ଷସ ବାସ କରୁଛନ୍ତି | ତେଣୁ ନିଜର ଘର ଆଖପାଖରେ କେଉଁ ଗଛ, କେଉଁ ଦିଗରେ ରହିଲେ ଶୁଭ ହେବ ବା ଅଶୁଭ ହେବ କହିଥାନ୍ତି | ବର, ଓସ୍ତ, ବେଲ, ନିମ, ନଡ଼ିଆ, ଆମ୍ବ, କଦଳୀ ଓ ତୁଳସୀ ଆଦି ଗଛରେ ଦେବତା ବାସ କରନ୍ତି ଏବଂ କାକ୍‌ଟସ ଓ କଣ୍ଟା ଯୁକ୍ତ ଗଛରେ ରାକ୍ଷସବାସ କରନ୍ତି | ଘରେ ମନିପ୍ଲାଣ୍ଟ ଲଗାଇଲେ ଧନବୃଦ୍ଧି ହୁଏ | ସ୍କନ୍ଦପୁରାଣରେ ଲେଖା ଅଛି, ଓସ୍ତଗଛକୁ ପୂଜାକଲେ ପୁତ୍ର ପ୍ରାପ୍ତ ହେବ, କାରଣ ଓସ୍ତଗଛକୁ ବିଷ୍ଣୁଙ୍କ ପ୍ରତୀକ ବୋଲି ବର୍ଣ୍ଣନା କରାଯାଇଛି | ଓସ୍ତଗଛକୁ ହାଣିବା ମାନେ ବ୍ରାହ୍ମଣକୁ ହାଣିବା ଭଳି ପାପ ହେବ | ଯିଏ ହାଣିବ ସେ ନର୍କକୁ ସିଧା ଯିବ | କୃଷ୍ଣ ବି ଗୀତାରେ କହିଛନ୍ତି - 'ବୃକ୍ଷ ମାନଙ୍କ ମଧ୍ୟରେ ମୁଁ ଅଶ୍ବତଥ୍' |

ବାସ୍ତୁଶାସ୍ତ୍ରର ଗୋଟିଏ ଗ୍ରନ୍ଥ 'ବିଶ୍ବକର୍ମପ୍ରକାଶ'ର ନବମ ଅଧ୍ୟାୟ, ଦଶମ ଶ୍ଲୋକରେ ଲେଖାଅଛି - 'କ୍ଷୀରଣଂ ଫଳିନଂ ଚୈବ କଣ୍ଟକାତ୍ୟଂ ଚ ବର୍ଯ୍ୟୟେତି' | ଅର୍ଥାତ୍ କ୍ଷୀର ଝରୁଥିବା, ଫଳଯୁକ୍ତ ଏବଂ କଣ୍ଟାଯୁକ୍ତ ଗଛମାନଙ୍କୁ ତ୍ୟାଗ କରିବା ଉଚିତ | ଏହାର ବିପରୀତ ସମସ୍ତେ ଫଳ, ଫୁଲ ଓ ନାଗଫେଣୀ ଗଛ ଆଦି ଘର ପାଖରେ ଲଗାଇବାକୁ ବେଶୀ ପସନ୍ଦ କରିଥାନ୍ତି, କାରଣ ଏସବୁ ଗଛ ବଗିଚାର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହିତ ବାତାବରଣକୁ ଶୁଦ୍ଧ କରିଥାନ୍ତି | ଆମ ପରିବାର ଲୋକମାନଙ୍କ ସମସ୍ୟା ସହିତ ଏହି ବୃକ୍ଷ ମାନଙ୍କର କି ଭଳି ସମ୍ବନ୍ଧ ରହିଛି ସେ କଥା କେଉଁଠି ବୁଝେଇ ଲେଖା ନାହିଁ |

'ସ୍ତ୍ରୀନାମନାୟେ ଚ ତରବସ୍ତେ ବର୍ଯ୍ୟା

ଗୃହକର୍ମଣି

କ୍ଷୀରିଶଃ କ୍ଷୀରନାଶାୟ ଫଳିନଃ ପୁତ୍ରନାଶନାଃ

କଣ୍ଟକୀ କଳହଂ କୁର୍ଯ୍ୟାତକାଚ୍ଛନ୍ନଂ ଧନକ୍ଷୟଂ

ଗୃଧ୍ରବୃକ୍ଷଂ ମହାରୋଗଂ ଶ୍ମଶାନସ୍ଥଂ ମୃତିପଦମ୍' |

(ବିଶ୍ବକର୍ମ ପ୍ରକାଶ ୯-୧୪ ଓ ୧୫ ଶ୍ଳୋକ)

ଅର୍ଥାତ୍ ଯେଉଁ ବୃକ୍ଷ ସ୍ତ୍ରୀ ଲିଙ୍ଗବାଚକ, ସେ ଗୁଡ଼ିକ ବର୍ଜନୀୟ | ଦୁଧଭଳି ରସ ନିର୍ଗତ ହେଉଥିବା ବୃକ୍ଷ ଗୃହର ଦୁଧ ଦେଉଥିବା ପ୍ରାଣୀର ଦୁଧ ନଷ୍ଟ କରିଦେବ | ଫଳ ଦେଉଥିବା ବୃକ୍ଷ ପୁତ୍ର ନଷ୍ଟ କରିଦେବ | କଣ୍ଟାଥିବା ବୃକ୍ଷ ଘରେ କଳହ ସୃଷ୍ଟି କରିବ | କାଉ ବାସ କରୁଥିବା ଗଛ ଧନକ୍ଷତି କରିବ, ଗୃଧ୍ରବାସ କରୁଥିବା ଗଛ ବ୍ୟାଧି ସୃଷ୍ଟି କରିବ, ଶ୍ମଶାନର ଗଛ ମୃତ୍ୟୁ ଆଣିଦେବ |

ଏହିଭଳି ଅହେତୁକ ଭୟ ସୃଷ୍ଟି କରୁଥିବା ଶାସ୍ତ୍ରବଚନର ଅସଲ ଉଦ୍ଦେଶ୍ୟ ହେଉଛି ଆପଣ ଘରେ ଯଦି କଳହ ସୃଷ୍ଟିହେବ, ପୁତ୍ରର ମୃତ୍ୟୁ ଘଟିବ, ଧନହାନୀ ହେବ, କିମ୍ବା କେହି ବ୍ୟାଧିଗ୍ରସ୍ତ ହେବ ତେବେ ଯଥାଶୀଘ୍ର ବାସ୍ତୁଶାସ୍ତ୍ରୀଙ୍କ ପାଖକୁ ଦୌଡ଼ି ଯିବେ ଏବଂ ସେ ଉପରୋକ୍ତ ସମସ୍ୟାର କାରଣ ଗଛମାନଙ୍କୁ ଦାୟୀ ବୋଲି କହିବେ | ସମାଧାନର ଉପାୟ ପାଇଁ ଯଥାକ୍ରମେ କର୍ମକାଣ୍ଡ, ମନ୍ତ୍ରପାଠ ଓ ପୂଜାପାଇଁ ଆପଣଙ୍କ କଷ୍ଟ ଅର୍ଜିତ ଧନକୁ ଲୁଣ୍ଠନ କରିବେ |

'କାଣେ ରାଜଭୟଂ, ବିଦ୍ୟାଂଦିତଜିର୍ଣ୍ଣେ ଗୃହକ୍ଷୟଃ, ତ୍ରିଶୀର୍ଷେ ଗର୍ଭପାତଃସ୍ୟାଦ ବହୁଶୀର୍ଷେ ମୃତପ୍ରଜା' |

(ବିଶ୍ବକର୍ମପ୍ରକାଶ ୯-୧୯ ଶ୍ଳୋକ)

ଅର୍ଥାତ କଣା ବୃକ୍ଷଦ୍ବାରା ରାଜଭୟ, ଅତ୍ୟନ୍ତ ଜୀର୍ଣ୍ଣ ବୃକ୍ଷଦ୍ବାରା ଘରର ସର୍ବନାଶ, ତିନିମୁଣ୍ଡିଆ ବୃକ୍ଷଦ୍ବାରା ସ୍ତ୍ରୀର ଗର୍ଭ ନଷ୍ଟ ହେବ, ଅନେକ ମୁଣ୍ଡଥିବା ବୃକ୍ଷଦ୍ବାରା ପ୍ରଜାଙ୍କ ମୃତ୍ୟୁ ହୋଇଯିବ |

ଏହି ଅଦ୍ଭୁତ ବାସ୍ତୁଶାସ୍ତ୍ରରେ କେଉଁଠି ବି ଲେଖା ଯାଇନାହିଁ ଯେ କଣା ବୃକ୍ଷ, ତିନିମୁଣ୍ଡିଆ ବୃକ୍ଷ ଓ ବହୁ ମୁଣ୍ଡିଆ ବୃକ୍ଷର ନାମ କଣ ବା ପରିଚୟ କଣ ? ଯଦି ମୁଣ୍ଡଥିବା ଆଖିଥିବା ବୃକ୍ଷ ଅଛି ତେବେ ହାତଗୋଡ଼ ମୁହଁ ଦାଢ଼ୀ ଓ ନିଶ ଥିବା ବୃକ୍ଷ ଥିବା ବି ସମ୍ଭବ |

'କୁବଜେ କୁବଜାସ୍ତଥୈବଚ' (ଅଧ୍ୟାୟ ୯-୧୮ ଶ୍ଳୋକ)

ଅର୍ଥାତ କୁବଜା ବୃକ୍ଷ ଯୋଗୁଁ ଘରେ କୁବଜା ସନ୍ତାନ ଜନ୍ମ ହେବ | ଏହା କିପରି ସମ୍ଭବ? ହୁଏତ କୁବଜା ପିତା ମାତା କିମ୍ବା ପିତାଙ୍କ କାରଣରୁ ସେଭଳି ସନ୍ତାନ ଜନ୍ମ ହୋଇପାରେ | ବାସ୍ତୁଶାସ୍ତ୍ର ଅନୁସାରେ ଯଦି ବିଭିନ୍ନ ଆକାରର ସନ୍ତାନ ଜନ୍ମ ହୋଇପାରେ ତେବେ ଯାହାକୁ ଲମ୍ବା ସନ୍ତାନ ଦରକାର ସେ ନିଜ ଘର ବାଡ଼ିରେ ୟୁକାଲିପ୍ଟସ ବା ଦେବଦାରୁ ଗଛ ଲଗେଇବ | ଆଉ ଯାହାକୁ ମୋଟା ପତଳା ସନ୍ତାନ ଦରକାର ସେ ନିଜ ବାଡ଼ିରେ ମୋଟା ବା ପତଳା ଗଛ ଲଗେଇବ | ଏହା ଯଦି ସତ ତେବେ ଯା'ଘରେ ବୋନ୍‌ସାଇ ଗଛ ଲଗାଯାଇଛି, ତା'ଘରେ ବାମନ ଛୁଆ ଜନ୍ମ ହେବା ଉଚିତ | ଏଭଳି କଥାତ କେଉଁଠି ଦେଖିବାକୁ ମିଳୁନାହିଁ |

'ବଲ୍ଲୀବୃତ୍ତେ ଦରିଦ୍ରତ୍ବଂ, ପୁଷ୍ପବୃକ୍ଷେ କୁଳକ୍ଷୟଃ' |
(ନବମ ଅଧ୍ୟାୟ ୨୦ ଶ୍ଳୋକ)

ଅର୍ଥାତ୍ ବୃକ୍ଷକୁ ଲତା ଆଚ୍ଛାଦିତ କରିଥିଲେ ଦରିଦ୍ର ହେବ ଏବଂ ପୁଷ୍ପବୃକ୍ଷ ଯୋଗୁଁ କୂଳନାଶ ହେବ | ଏହି ଶାସ୍ତ୍ରବଚନକୁ ଯଦି ଆମେ ମାନିବେ ତେବେ ଘର ଆଖ ପାଖରେ କୌଣସି ଗଛଲତା ଲଗାଇବା ଉଚିତ ହେବ ନାହିଁ | ପ୍ରଶ୍ନ ଉଠୁଛି-ଯେଉଁ ମାନଙ୍କ ଘର ଆଖପାଖରେ ଅନେକ ପ୍ରକାରର ବୃକ୍ଷଲତା ଆଗରୁ ରହିଛି ସେମାନଙ୍କର କୂଳନାଶ ହେଉନାହିଁ କାହିଁକି ?

'ତରୁବୈଧଂ ବିଜାନୀୟାଦ୍ଧଦି ଦ୍ବାରମୁଖେ ସ୍ଥିତମ୍,
କୁମାର ମରଣମ୍ଜ୍ଞେୟଂ ନାନା ରୋଗଶ୍ଚ ଜାୟତେ,
ଅପସ୍ମାରଭୟ ବିଦ୍ଧାଦ୍‌ଗୃହାଭ୍ୟନ୍ତରବାସିନାମ୍ ଦ୍ବାରାଗ୍ରେ
ପଞ୍ଚବେଧ ତୁ ଦୁଃଖଶୋକାମୟପ୍ରଦମ୍'|
(ଅଧ୍ୟାୟ - ୭୪ ଓ ୭୫ ଶ୍ଲୋକ)

ଅର୍ଥାତ୍ ଦ୍ବାର ସମ୍ମୁଖରେ ବୃକ୍ଷଥିଲେ ତାକୁ 'ତରୁବେଧ' କୁହନ୍ତି | ଏହି ନିଷେଧ ବୃକ୍ଷଦ୍ବାରା ପୁତ୍ରମୃତ୍ୟୁ ଓ ଅନେକ ରୋଗ ଭୋଗ କରିବାକୁ ପଡ଼େ | ଘର ଭିତରେ ବାସ କରୁଥିବା ବ୍ୟକ୍ତିଙ୍କୁ ମିରିଗି ରୋଗର ଭୟ ରହେ | ଦ୍ବାର ଆଗରେ ପାଞ୍ଚପ୍ରକାର ନିଷେଧ ବୃକ୍ଷଦ୍ବାରା ଦୁଃଖ, ଶୋକ ଓ ରୋଗ ଭୋଗ କରିବାକୁ ପଡ଼ିଥାଏ | (ନିଷେଧ ବୃକ୍ଷ ମାନଙ୍କ ନାମ ଉଲ୍ଲେଖ ନାହିଁ)

ବାସ୍ତୁ ଶାସ୍ତ୍ରମାନଙ୍କରେ ଗୃହର କଳହ, ଧନହାନୀ, ପ୍ରାଣହାନୀ, ରୋଗ ଓ ଶୋକ ପାଇଁ ଯଦିଓ ଆହୁରି ଅନେକ କାରଣ ଉଲ୍ଲେଖ ଅଛି | ସେମାନଙ୍କ ଭିତରେ ବୃକ୍ଷଲତାକୁ ବି ବାଦ ଦିଆଯାଇନାହିଁ | ବାସ୍ତୁଶାସ୍ତ୍ରର ଭୟ ଦେଖାଇ କେତେକ ପଣ୍ଡିତ ଜନସାଧାରଣଙ୍କୁ ବୋକା ବନେଇ ସହଜରେ ଧନ ଲୁଟି ନେଉଛନ୍ତି | କେହି ତର୍କବୁଦ୍ଧିର ପ୍ରୟୋଗକରି ଅସଲ ସତ୍ୟ ଜାଣିବାକୁ ଚେଷ୍ଟା ବି କରୁନାହାନ୍ତି | ପ୍ରତ୍ୟେକ ବୃକ୍ଷ ଓ ଲତା ପ୍ରକୃତିଦତ୍ତ ଅମୂଲ୍ୟ ସମ୍ପଦ | ସେଥିରେ କୌଣସି ଶୁଭଅଶୁଭ କଥା ନଥାଏ | ପ୍ରତ୍ୟେକ ଗଛର ଆକାର ପ୍ରକାର ଓ ଗୁଣ ଆଦି ଅଲଗା ଅଲଗା ହୋଇଥାଏ | ବୃକ୍ଷ ଓ ଲତାମାନଙ୍କ ବିଷୟରେ ନାନା ପ୍ରକାର ଅନୈଜ୍ଞାନିକ କଥା ପ୍ରଚାର କରିବା ଏବଂ ଲୋକମାନଙ୍କୁ ଗାଲୁଗପ ଶୁଣାଇ ଭୟଭୀତ କରିବା ପଛରେ ଥାଏ କେବଳ ବ୍ୟବସାୟିକ ମନୋବୃତ୍ତି | କିଛି ସ୍ବାର୍ଥାନ୍ବେଷୀ ବାସ୍ତୁଶାସ୍ତ୍ର ପଣ୍ଡିତ ବୃକ୍ଷଲତାକୁ ନେଇ ସମାଜରେ ଅନ୍ଧବିଶ୍ବାସ ବୃଦ୍ଧି କରୁଛନ୍ତି | ସେଥିପାଇଁ ଆମକୁ ସତର୍କ ଓ ସଚେତନ ହେବା ଅତି ଆବଶ୍ୟକ |

# ବସନ୍ତ ବିଜୟ

ଶ୍ରୀମତୀ ଶାନ୍ତିଲତା ପଣ୍ଡା

କମନୀୟ କାନ୍ତି    ଋତୁ ଅଧିପତି
ବସନ୍ତର ଆଗମନ ।
ପ୍ରକୃତି ରାଣୀକୁ    ଶୋଭା ସମ୍ପଦରେ
କରିଦେଲା ବିଭୂଷଣ ।୧

ଚକିତେ ଚମକି    ଉଠିଲା ଚୌଦିଗ
ସଞ୍ଚରିଗଲା ମଳୟ ।
ଶୀତେ ଥୁରୁଥରୁ    ଶୀତଳ ତନୁରେ
ଭରିଲା ଭାବ ତନ୍ମୟ ।୨

ବିଟପୀ ସାଜିଲେ    କଅଁଳ ପଲ୍ଲବେ
ପ୍ରେମେ ତନୁ କରି ଶୀକ୍ତ ।
ଶିରୀହୀନ ଶିତେ    ହୋଇଥିଲେ ଯେତେ,
ବସନ୍ତେ ହେଲେ ଶ୍ରୀଯୁକ୍ତ ।୩

ଚୂତ ଡାଳେ ସ୍ଫୀତ    ମୁକୁଳ ଯୁକତ
ସୁଦୃଶ୍ୟ ତରୁ ମୁକୁଟ ।
ସୁରଭି ପରଶେ    ପରସିଲେ କଷି
ଆନତ କରି କିରୀଟ ।୪

ବସନ୍ତ ଦୁତି'ତା    କଣ୍ଠ ବଲ୍ଲକୀରେ
ଲଗାଇଲା ନୁଆ ତାର ।
ବସନ୍ତ ବିଜୟ    ବାରତା ବଜାଇ
ତୋଳିଲା ପଞ୍ଚମ ସ୍ୱର ।୫

ଋତୁ ରାଜଙ୍କର    ଆଗମନେ ମର-
-ବାସୀଙ୍କ ଅଥୟ ମନ ।
ଅନୁରାଗେ ଭରା    ସବୁରି ହୃଦୟ,
ପ୍ରେମ ମୟ ଧରାଙ୍ଗନ ।୬

ବାଳ, ବୃଦ୍ଧ, ଯୁବା    ସବୁରି ମରମ
ମଧୁ ରସେ ରସାନ୍ୱିତ ।
ମଧୁବସନ୍ତର    କୁହୁକ ପରଷେ
ଯତି ଚିତ୍ତ ବିଚଳିତ ।୭

ତରୁକି ଲତିକା    ସଭିଏଁ ଉଚ୍ଛାଟ
ହୃଦୟେ ଭରିଲା ପ୍ରେମ ।
ଅତନୁ ହୋଇଲା    ପ୍ରବଳ ବସନ୍ତେ
ଜଗାଇଲା ମର୍ମେ କାମ ।୮

ଆଦ୍ୟରସେ ରସି    କୃଶାଙ୍ଗୀ ବ୍ରତତୀ
ତରୁ କଲା ଆଲିଙ୍ଗନ ।
କୁସୁମେ ମଣ୍ଡାଇ    ତନୁ ବଲ୍ଲରୀକୁ
ଶୀର୍ଷକୁ ଦେଲା ଚୁମ୍ବନ ।୯

ରୂପସୀ "ମଲ୍ଲିକା"    ପୁଷ୍ପିତ ହୋଇଲା
କଳେବର ଶୁଭ୍ର କରି ।
ଚୁପି ଚୁପି ଚୋରା    ମଳୟ ଚୋରାଇ
ତା'ବାସକୁ ନେଲା ହରି ।୧୦

ହାଟକ ବରନା    "ଚମ୍ପକ" ସୁନ୍ଦରୀ
ବସାଏ ସୌନ୍ଦର୍ଯ୍ୟ ହାଟ ।
ଋତୁ ନାୟକର    ଆଗମନେ ତା'ର
ଫିଟିଲା ବାସ କବାଟ ।୧୧

ଅସ୍ତରାଗ ରଙ୍ଗେ    "ଅଶୋକ" ସ୍ତବକ
ମୁକୁଳିତ ହେଲା ରଙ୍ଗେ ।
ଶୋଭା ସମ୍ଭାରକୁ    ଆବୋରି ମଣ୍ଡିଲା
ସରାଗେ ତା' ନିଜ ଅଙ୍ଗେ ।୧୨

ନିଶି ଅଭିସାରୀ    ସେ "ହେନା" ସୁନ୍ଦରୀ
ନିଶିରେ କଲା ସ୍ୱାଗତ ।
ଶେଷେ ବିଭାବରୀ    ଭାଗ୍ୟକୁ ଧିକ୍କାରୀ
ସୌରଭ ରଖି ଗୁପତ ।୧୩

ସୁକାନ୍ତି "ଗୋଲାପ" କାନ୍ତି ବିକଶିଲା
ଦିଗ ଚହଟାଇ ଗନ୍ଧେ ।
ଜନ ମାନସ'ତ କଲା ବିଚଳିତ
ମଦନ ଭାବ ଉନ୍ମାଦେ ।୧୪

ହର୍ଷେ "କୁରୁବକି" ଧାତକି ନାଚିଲେ
ରାଜ ଅରଚନା ଛଳେ ।
ତାଳେ ତାଳେ ରଙ୍ଗେ ବଜାଇଲେ ଭୃଙ୍ଗେ
ବିପଞ୍ଚି, ଭାବ ବିହ୍ୱଳେ ।୧୫

ମରମରେ ଛୁରୀ ଚଳାଇ ଦେଉଛି
"ଛୁରିଅନା" ସଜ ହୋଇ ।
ଋତୁନାଥ ପ୍ରୀୟ ବାନ୍ଧବୀ ଯେଣୁସେ
ଗରବ ହୁଏ ଦେଖାଇ । ୧୬

ପ୍ରେମେ ଉନ୍ମାଦିନୀ ହୋଇଲା "ପଦ୍ମିନୀ"
ସରାଗେ ପରାଗ ବୋଳି ।
ସରସୀର ଅଙ୍ଗେ "କୁମୁଦିନି" ସଙ୍ଗେ
ଖେଳୁଥିଲା ଲୁଚକାଳି । ୧୭

ସୁମନ ସଜନୀ ମେଳେ "କୁନ୍ଦ"ରାଣୀ
ଆଳତୀ କଲା ରଚନା ।
ପଲ୍ଲବ ପାଟଳ କରେ ଧରି ଥାଳ
କରିଲା ରାଜ ଅର୍ଚ୍ଚନା । ୧୮

ପ୍ରେମ ପୁଲକିତେ "ନିଆଳି" ହରଷେ
ସଜାଇ ନିଜ ତନୁକୁ ।
ବାସେ ଅଭିସାର ରଚିଲେ ସୁମନେ
ମୋହିବେ ରାଜ ମନକୁ । ୧୯

ଋତୁରାଜ ହେଲେ ଛତ୍ରପତି ଭବେ,
ଉଲ୍ଲାସ ହୃଦୟେ ଭରି ।
ବନ ଉପବନ ନଗର କି ଗ୍ରାମ
ସୁଷମାରେ ଗଲା ପୁରି ।୨୦

# ସୀମା ସେପାରିର ନଈ



ରାକେଶ ରଞ୍ଜନ ଓଝା

ସୀମା ସେପାରିର ନଈ

କୁହୁଡ଼ିଆ ସକାଳ ଭଳି,

ପାହାନ୍ତି ପହର ସ୍ୱପ୍ନ ଭଳି,

ଖୁବ୍ ଆପଣାର ଲାଗେ...

ଇଚ୍ଛାଥିଲେ ବି ପାଇହୁଏନି, ଛୁଇଁ ହୁଏନି

ସେଇ ନଈର କୁଳେ କୁଳେ, ହସୁଥିବା ଫୁଲମାନଙ୍କୁ

ଦୂରରୁ ମେଣ୍ଟେଇବାକୁ ହୁଏ, 'ତୃଷ୍ଣାବିହୀନ ତୃଷ୍ଣା'କୁ,

ସେ ନଈର କୁଳୁ କୁଳୁ ଧାର ଦେଖି...

ଏକ ଅଜଣା ସମ୍ମୋହନର ବଶବର୍ତ୍ତୀ ହୋଇ

ମୁଁ ନିଜ ଅଜାଣତରେ ଭଲପାଇ ବସେ,

ସୀମା ସେପାରିର ନଈକୁ,

ଟପିଯିବାକୁ ଚାହେଁ ସବୁ ସୀମାରେଖା

ଏ ମଳୟ ପବନ ଭଳି ବହିଯିବାକୁ ଚାହେଁ,

ଛୁଇଁ ଯିବାକୁ ଚାହେଁ

ସେ ନଈ କୂଳେ କୂଳେ ଯେତେ

ଘାସ ଫୁଲ ସବୁ...

ଏକ ନିଷିଦ୍ଧ ସ୍ୱପ୍ନର ଇଲାକା ଭଳି,

ଜୀବନର ଶେଷକ୍ଷଣ ଯାଏଁ, ଖାଲି ବଞ୍ଚିବାକୁ ହୁଏ...

ଏମିତି ଦୂରରୁ ଦେଖି ଦେଖି

ସୀମା ସେପାରିର ନଈକୁ...

ତା ମୋହିନୀ ସୌନ୍ଦର୍ଯ୍ୟ, ତା କୂଳେ କୂଳେ ଲହରୀ ଭାଙ୍ଗୁଥିବା

କାଶତଣ୍ଡୀ ଫୁଲ,

ଉଡ଼ି ବୁଲୁଥିବା ଟିକି ଡେଣାଲଗା ପ୍ରଜାପତି ମାନଙ୍କୁ....

ତଥାପି କାହିଁକି କେଜାଣି ଏତେ ଦୂରରୁ

ମତେ ଭଲଲାଗେ ସୀମା ସେପାରିର ନଈ,

କାହିଁକି ମୁଁ ଭଲପାଇବସେ ତାକୁ

ମୁଁ ନିଜେ ବି ଜାଣେନି....

# ରିକ୍ସାବାଲା



ସୁଷମା ତ୍ରିପାଠୀ

ଏ ରିକ୍ସା ବାଦାମବାଡି ଯିବୁ ?

ଯିବି ବାବୁ

କେତେ ନବୁ ?

ବାବୁ ଦଶ ଟା ଟଂକା ଦେବ ,

ଆଠ ଟଂକା ନେବୁ ଚାଲ୍

ବସ ବାବୁ ।

ହୃଷୀ ବସି ପଡିଲା ରିକ୍ସାରେ ।ରିକ୍ସା ମୁହାଁଇଲା ବାଦାମବାଡି ଆଡ଼େ | ରିକ୍ସାବାଲାଟି ପଚାରି ବସିଲା, ବାବୁ କ'ଣ ଏଠି କଲେଜରେ ପଢୁଛ ? ଏଠି କ'ଣ ହଷ୍ଟେଲ୍‌ରେ ରୁହ ? ଘର କେଉଁଠି ?....ଏମିତି କଣ କଣ ସବୁ | ନିଜ ବିଷୟରେ ମଧ୍ୟ କହି ଚାଲି ଥାଏ । କେଉଁ ଅବସ୍ଥାରେ ସ୍କୁଲ୍ ଛାଡିବାକୁ ପଡିଲା, ଆଉ ପେଟ ପୋଷିବା ପାଇଁ ରିକ୍ସା ଚଲାଇବାକୁ ପଡିଲା । ଗପି ଚାଲି ଥାଏ '.....ବୁଝିଲ ବାବୁ ରିକ୍ସା ଟାଣୁଚି, ଏ ରିକ୍ସା ଟାଣି ଟାଣି ଦେହ ବଥା ହୋଇଯାଏ, ହେଲେ ବାବୁ ଏ ବଥା ମାରିବାକୁ, ଦିନେ ହେଲେ ନାଲିପାଣି ଛୁଁଇନି କି ତିରିଲା ଉପରକୁ ହାତ ଉଠାଇନି | ଏ ରୋଜଗାରରୁ ଯାହା ଦୁଇ ଚାରି ପଇସା ବଳେଇଚି ପିଲାଙ୍କ ପାଠ ପଢ଼ାରେ ଖର୍ଚ୍ଚ କରୁଚି | ଆଉ ବାବୁ ସବୁ ଦିନେ ଶୋଇବା ଆଗରୁ ପିଲା ମାନଙ୍କୁ ଧରି ଭାଗବତ ପଢ଼େ । 'ବାବୁ, 'ଭାଗବତ' ହେଲା ଭଗବାନଙ୍କ ବାଣୀ । 'ତାପରେ ଗାଇ ଚାଲିଲା ଭାଗବତ, କରିଚାଲିଲା ତାର ବ୍ୟାଖ୍ୟା ।

ସଦ୍ୟ ରେଭେନ୍ସା ମହାବିଦ୍ୟାଳୟରେ ନାମ ଲେଖାଇଥିବା ମେଧାବୀ ଛାତ୍ର ହୃଷିକେଶ କିନ୍ତୁ ଥିଲା ଅନ୍ୟ ଏକ ଦୁନିଆରେ । ବାପା, ମା, ଶିକ୍ଷକ ସମସ୍ତଙ୍କର ସ୍ବପ୍ନକୁ ସାଂଗରେ ନେଇ ସେ ଆସିଚି ଏଠିକି । ତା ଆଗରେ ଏକ ରଂଗୀନ ଭବିଷ୍ୟତ । ସତରେ କଣ ସେ ଦିନ ଆସିବ ? ଯେଉଁ ଦିନ ସରିବା ତାର ଏ ଗତାନୁଗତିକ ପାଠର ଧାରା । ସମସ୍ତଙ୍କର ସ୍ବପ୍ନକୁ ସାକାର କରି ସେ ଗୋଟେ ବଡ଼ ଚାକିରୀ କରିବ, ସମାଜରେ ପ୍ରତିଷ୍ଠା ଲାଭ କରିବ, ତାକୁ ନେଇ ସମସ୍ତେ ଗର୍ବ କରିବେ ।

"ବାବୁ, କହିଲ ଦେଖି ରାଜା ଘରେ ଜନମ ହେଇ, ପାଣ୍ଡବ ପାଞ୍ଚଭାଇ, ମା କୁନ୍ତି କଣ ରାଜ ସୁଖ ପାଇଲେ? ବଣ ଜଙ୍ଗଲରେ ବୁଲି ବୁଲି କେତେ କଷ୍ଟ ସହିଲେ, ଶେଷରେ ବିରାଟ ରାଜ ଉଆସରେ ଘୋଡ଼ାଶାଳ ବି ଜଗିବାକୁ ପଡିଲା । ଦ୍ରୌପଦୀ ଅଲିଅଳି ରାଜଝିଅ, ସିଏ ବି କେତେ କଷ୍ଟ ନ ସହିଲେ? ହେଲେ ବାବୁ ଏତେ ସରି ହେଲେ ସିନା, ଧର୍ମର ରାସ୍ତା ଛାଡିଲେ କି ଆଉ ?ଭଗବାନ କୃଷ୍ଣ କେତେ ପାଖେ ପାଖେ ନ ଥିଲେ? କେତେ ଧୈର୍ଯ୍ୟ ନ ଦେଲେ ଆଉ? କେତେ ବିପଦରୁ ତ୍ରାହି ନ କଲେ ?ହେଲେ କଷ୍ଟ କାହାର ନେଇଗଲେକି? 'ମହି ମଣ୍ଡଳେ ଦେହ ଧରି ଦେବତା ହେଲେ ବି ମରଇ' | ସବୁ ପରେ ବି ଧର୍ମ ରାସ୍ତାରେ ଥିଲେ ବୋଲି ଶେଷରେ ଧର୍ମଯୁଦ୍ଧରେ ଜିତିଥିଲେ | ଧର୍ମରାଜ ଯୁଧିଷ୍ଠିର ପଦୁଟିଏ ମିଛ କୁ ଆଖି ବୁଜିଦେଲେ ବୋଲି ସ୍ବଦେହରେ ସ୍ବର୍ଗକୁ ଗଲେ ବି, ନର୍କ ଦର୍ଶନ କରିବାକୁ ପଡିଥିଲା |"

ଆମେ ବା ଆଉ କେତେକାର ମଣିଷ ? ଭଗବାନ ରାସ୍ତା ଦେଖାଇ ଦେଇ ଗଲେ, ଆମେ ଯଦି ସେ ରାସ୍ତା ରୁ ହୁଡ଼ିବା ତେବେ ସଂସାର ଚାଲିବ କେମିତି? ଆମେ ଯେଉଁ କାମ କରିବା, ସେ କାମର ଫଳ ତ

ଆମକୁ ଭୋଗ କରିବାକୁ ପଡିବ, ନ ହେଲେ କେଉଁ ନିୟମରେ ଏ ସଂସାର ଚାଲିବ? ଆତ୍ମା, ପରମାତ୍ମା, ଜୀବ, ବ୍ରହ୍ମ ଏମିତି କେତେ କଣ ସେ ଗପି ଚାଲିଥାଏ ...................... |

ଏସବୁ ଶୁଣିବାର ମାନସିକତା ହୃଷିକେଶର ଥିଲା କି ନାହିଁ, ସେ ନିଜେ ମଧ୍ୟ ତଉଲି ପାରୁ ନ ଥିଲା | ତାର ରଂଗୀନ ସ୍ବପ୍ନ ସହିତ ରିକ୍ସାବାଲାର ଭାବଗର୍ଭକ ବାଣୀ ଗୁଡିକ ସତେ ଯେପରି ଧକ୍କା ଖାଇ ଏଣେ ତେଣେ ଛିଟିକି ଯାଉଥିଲେ |

କାର୍‌ର ହର୍ଣ୍ଣ୍ ଶବ୍ଦରେ ପ୍ରକୃତିସ୍ଥ ହେଲେ ହୃଷିକେଶ ବାବୁ |ଆରେ ନା ଏବେ ସେ ରିକ୍ସାରେ ବସିନାହାନ୍ତି, ବରଂ କେତେବେଳୁ ତାଙ୍କ ମନର ରିକ୍ସାରେ ସେଇ ରିକ୍ସାବାଲାକୁ ବସାଇ ନିଜେ ଟାଣି ଚାଲିଛନ୍ତି | ଆଜି ସେ ଆଉ ସେଇ ପଚିଶ ବର୍ଷ ତଳର ଛାତ୍ର ନାହାନ୍ତି, ସେ ସମାଜର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହୃଷିକେଶ ମିଶ୍ର, ବର୍ତ୍ତମାନ ତାଙ୍କୁ ବୋହି ଚାଲିଛି ଡ୍ରାଇଭର ଚାଳିତ ତାଙ୍କ ମର୍ସଡ଼ିଜ୍ | ଏମିତି କେତେବେଳେ କେମିତି ସେ ରିକ୍ସାବାଲାଟି ତାଙ୍କ ମନ ସାମ୍ରାଜ୍ୟରେ ପଶିଆସେ, ପୁଣି ଚାଲିଯାଏ | ଗାଡ଼ିର ଗତି ସଂଗେ ସଂଗେ ତାଙ୍କ ମନର ଗତି ତାଳ ଦେଇ ଦୌଡୁଥିଲା | ଭାବନାର ସ୍ରୋତ ଭିତରେ ହଜି ଯାଉଥିଲେ ସେ |

ସେ ଦିନର ସେଇ ଗଭୀର ସ୍ମୃତି ତାଙ୍କ ମନରୁ ଯାଉ ନ ଥିଲା | ବିଶ୍ବବିଦ୍ୟାଳୟର ମାଟି ମାଡ଼ିନଥିବା ସେହି ରିକ୍ସାବାଲାଟି ପାଖରେ ସେଦିନ ସେ ଯେଉଁ ଆତ୍ମପ୍ରତ୍ୟୟ ଦେଖିଥିଲେ, ଆଜି ଯେମିତି ନିଜ ଭିତରେ ସେତକ ସେ ଖୋଜି ପାଉ ନ ଥିଲେ | ତେବେ ଏତେ ଜ୍ଞାନ ସେ ଲୋକଟି ପାଇଲା କେଉଁଠୁ ? ମନେ ମନେ ସେ ଆଶ୍ଚର୍ଯ୍ୟ ହେଉଥିଲେ :ସତେ ଯେମିତି ତାଙ୍କର ବିଶ୍ବବିଦ୍ୟାଳୟ ଡିଗ୍ରୀ, ରିକ୍ସାବାଲାଟିର ଜ୍ଞାନ ଆଗରେ ମଳିନ ପଡ଼ିଯାଉଥିଲା | ଯେଉଁ ଭାଗବତ ଆଜି ବି ତାଙ୍କୁ ଅବୋଧ ଲାଗେ, କେତେ ସାବଲୀଳ ଭାବରେ ସେ ତାକୁ ଗାଇ ଯାଉଥିଲା | ସତେ ଯେମିତି ରିକ୍ସା ଚଲାଇ ଚଲାଇ ସେ ଲୋକଟି କେବଳ ମାଟି ଗୋଡ଼ିର ରାସ୍ତା ନୁହେଁ, ଜୀବନ ରାସ୍ତାକୁ ମଧ୍ୟ ଓତଃ ପ୍ରୋତଃ ଭାବରେ ଚିହ୍ନି ଯାଇଥିଲା | ଖାଲି ଯେ ଚିହ୍ନି ଥିଲା ସେ କଥା ନୁହେଁ, ତାଙ୍କ ଭଳି ଆହୁରି କେତେ ଯାତ୍ରୀଙ୍କୁ ମଧ୍ୟ ଏ ରାସ୍ତା ଦେଖାଇବାର ପ୍ରୟାସ କରି ନ ଥିବ ସତେ; ଦୀପଟିଏ ଭଳି ଜଳି ଜଳି, ଅନ୍ୟକୁ ଆଲୋକ ଦେଖାଇବାରେ ସତେ ଯେପରି ତାର ଆନନ୍ଦ, ତାହା ଏବେ ମଧ୍ୟ ହୃଷିକେଶ୍ ବାବୁଙ୍କ ହୃଦୟରେ ସଳିତା ସାଜି ଜଳି ଚାଲିଛି |.......ଆଜି ସେସବୁ କଥା ଗୁଡିକ ତାଙ୍କ ମନର ସମୁଦ୍ରକୁ ମନ୍ଥି ଚାଲିଥିଲା | ଭାବନାର ଜଂଗଲ ଭିତରୁ ନିଜକୁ ସେ ମୁକୁଳାଇ ପାରୁନଥିଲେ |ସତରେ କଣ ସେଦିନର ସେ ସ୍ବପ୍ନ, ଆଜି ତାଙ୍କର ସାର୍ଥକ ହୋଇଛି ?ଏଇ ବର୍ତ୍ତମାନଟା କଣ ଥିଲା ସେ ଦିନର ସେଇ ରଂଗୀନ ସ୍ବପ୍ନ ? ନିଜ ପାଇଁ ବାଛି ନେଇଥିବା ରାସ୍ତାରେ ସେ ଆଜି କେତେଦୁର ସନ୍ତୁଷ୍ଟ ? ବାପା, ମା, ତଥା ଶିକ୍ଷକମାନେ ତାଙ୍କୁ ନେଇ କଣ ଏଇ ସ୍ବପ୍ନ ଦେଖି ଥିଲେ ? ବାରମ୍ବାର ନିଜ ଭିତରେ ସେ ନିଜକୁ ତଉଲାଇ ଚାଲିଥିଲେ | ଜୀବନ, କର୍ମ, କର୍ତ୍ତବ୍ୟ, ଦାୟିତ୍ବ ଏସବୁ ଚିନ୍ତା ତାଂକ ମନକୁ ଆନ୍ଦୋଳିତ କରିଚାଲିଥିଲା | ମନ ଭିତରେ ଅନେକ ଦ୍ବନ୍ଦ |

"ବାବୁ ,କର୍ମ ହିଁ ଉପାସନା ; ତାକୁ ଭଗବତ୍ ପାଦରେ ଅର୍ପଣ କରିଦିଅ | ଭାଗବତରେ ପଢିନା 'କରି କରାଉ ଥାଏ

ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ ' | ସୂର୍ଯ୍ୟ, ଚନ୍ଦ୍ର, ତାରା ସମସ୍ତେ ତ ତାଙ୍କରି ଇଚ୍ଛାରେ କର୍ମ କରି ଚାଲିଛନ୍ତି | ବାବୁ ସବୁ ତାଙ୍କୁ ସମର୍ପଣ କରିଦିଅ, ବଳେ ସିଏ ରାସ୍ତା ଦେଖାଇ ଦେବେନି ?" ହସି ହସି କହି ଚାଲିଥିଲା ରିକ୍ସାବାଲାଟି | ଚମକି ପଡ଼ିଲେ ହୃଷିକେଶ ବାବୁ | ଆରେ ନା; ପାଖରେ ରିକ୍ସାବାଲାଟି ନ ଥିଲା | ମାତ୍ର ଆଲୋକର କିରଣ ଭଳି ତାଙ୍କୁ ଝଲସାଇ ଦେଇ ଚାଲିଗଲା |

******************************

ଅପ୍ରତ୍ୟାଶିତ ଭାବରେ ଏତେ ସକାଳୁ ନିଦ ଭାଙ୍ଗିଯାଇଥିଲେ ମଧ୍ୟ ସତେଜ ଅନୁଭବ କରୁଥିଲେ ହୃଷିକେଶ | ଆଖି ତଥାପି ଥିଲା ତନ୍ଦ୍ରାଛନ୍ନ | ଗତକାଲିର ଭାବନା ସବୁ ରାତ୍ରିର ସ୍ବପ୍ନ ଭଳି ଆଖି ଆଗରେ ନାଚି ଯାଉଥିଲା | ଝରକା ଖୋଲି ବାହାରକୁ ଚାହିଁଲେ, ଆକାଶରେ ସିନ୍ଦୁରା ଫିଟି ଆସୁଥିଲା | ଅଳସ ଛଡାଇବା ପାଇଁ ସେ ଚାଲିଲେ ଛାତ ଉପରକୁ | ଖୋଲା ଆକାଶ ତା ସଂଗରେ ମୃଦୁ ପବନ ତାଙ୍କୁ ମୁକ୍ତ ଛାତର ପ୍ରାଙ୍ଗଣକୁ, ସ୍ବାଗତ ଜଣାଉଥିଲେ | ଅଦୁରରେ ଥିବା ଦେବାଳୟ ଉପରେ ତାଙ୍କର ନଜର ପଡିଲା, ଏ ବ୍ୟସ୍ତ ବହୁଳ ଜୀବନ ଭିତରେ ଦେବାଳୟ କୁ ଯିବା ତ ଦୂର କଥା; ତା'ର ଅବସ୍ଥିତିକୁ ସେ ପାଶୋରି ଦେଇଥିଲେ | ଆକାଶର ଗଭୀରତା, ପୁଣି ପୃଥିବୀ ସଂଗେ ତା'ର ସମ୍ପର୍କ ସେ ମାପୁଥିଲେ | ମନେ ପକାଉ ଥିଲେ ଅତୀତର ସେହି ସ୍ମୃତି.... ଏତେ ସକାଳୁ ଉଠି ସୁର୍ଯ୍ୟ ଉଦୟ ଦେଖିବାର ସୁଯୋଗ ....... | ଏଇ ଭିତରେ କେତେ ଯେ ବର୍ଷ ବିତିଯାଇଛି, ସୁର୍ଯ୍ୟ କେତେବେଳେ ଉଦୟ ହୋଇଛନ୍ତି, ଆଉ କେତେବେଳେ ଅସ୍ତ ଯାଇଛନ୍ତି, ତାର ହିସାବ ସେ ରଖି ନାହାନ୍ତି | ଅପଲକ ନେତ୍ରରେ ସେ ଚାହିଁ ରହିଥିଲେ, ପୂର୍ବ ଆକାଶରେ ସୂର୍ଯ୍ୟ ଧିରେ ଧିରେ ଉପରକୁ ଉଠୁଥିଲେ | ସୂର୍ଯ୍ୟଙ୍କର ବିଛୁରିତ କିରଣରେ ଜୀବନର ଅନେକ ଦିଗର ପ୍ରତିଫଳନକୁ ସେ ଦେଖିପାରୁଥିଲେ |

.........................................

ପାହାଚରେ କେହି ଉପରକୁ ଆସିବାର ପାଦଶବ୍ଦ ଶୁଭୁଥିଲା |

# ଘଟ ବଦଳ



ଉର୍ମିଳା ମିଶ୍ର

ତୁମେ କୁହନା
ମୁଁ କାଳେ ଟାଇଟାନିକ୍ ର
ସେଇ ହିରୋଇନ୍, ବଞ୍ଚିବି
ଶେଷ ଯାଏଁ, ଗୋଟି ଗୋଟି
ଘଟିଥିବା ସ୍ମୃତି ପୁଞ୍ଜାକୁ
ପୃଷ୍ଠା ପୃଷ୍ଠା କରି ଓଲଟାଇବା ପାଇଁ
ଆଉ ମନେ ପକାଇ ଜୀବନ୍ତ
ରଖିବି ସମସ୍ତଙ୍କୁ,
ମୋ ପୁତ୍ର ନାତି ଆଗେ...
ତୁମେ କୁଆଡ଼େ ତୁମ
ଆୟୁଷର ତାରିଖକୁ
ପକେଟ୍‌ରେ ଧରି ବୁଲୁଛ,
ସତ କୁହ
ତୁମେ କଣ ଏଇୟା ହିଁ ଚାହଁ !
ତେବେ ସେ ଦିନ କାହିଁକି
ଭରି ଯାଇଥିଲା ତୁମ ନୟନ
ନିମିଷକ ପାଇଁ ?
କଣ ଏଇ ସୁନ୍ଦର ମୁହୂର୍ତ୍ତ ସବୁକୁ
ହରାଇ ଦେବା ଭୟରେ, ଅବା
ମୋ ସ୍ନେହ ପାଇଁ
ତୁମ ଦୁର୍ବଳତାର
ନିଛକ ସମ୍ମତି ରେ ... ?
ଏଇଆ ବି ହୋଇପାରେ
ଆମ ମୁହୂର୍ତ୍ତ ଗୁଡ଼ିକ
ଆହୁରି ରୋମାଞ୍ଚକର ହୋଇ ପାରେ
ବଞ୍ଚିବାର ସ୍ପୃହା ହୁଏତ
ବଢ଼ିଯାଇପାରେ,
ଫୁଲ ଶ୍ରାବଣରେ ଭିଜିଲା ବେଳେ
ହୁଏତ ଆମ ପାଖରେ
କାରଣ ନଥିବ ଏଇ
ସୁନ୍ଦର ମୁହୂର୍ତ୍ତ ଗୁଡ଼ିକୁ
ଛାଡ଼ିବା ପାଇଁ...
ଅବା ଏମିତି ବି ହୋଇପାରେ
ତୁମ ଅଭିନୟର ତାରିଖ
ପୁରିବା ପୂର୍ବରୁ ତୁମେ ସଜାଡ଼ି ରଖିବ
ଘଟ ବିଦାୟ ସବୁ, ଆଉ
ସମୟ ଆସିଲାଣି କହି ଶୋଇଯିବ
ମିଛି ମିଛିକା...
ହଠାତ୍
ଅନୁଭବ କରିବ ଶୂନ୍ୟତା, ନିଶବ୍ଦତା
ଆଉ ତୁମ ଆଖି ଖୋଲିଯିବ,
ନିଜର ସଭିଙ୍କୁ ଖୋଜିଲା ଭିତରେ
ଦେଖିବ ଘଟ ବଦଳି ଯାଇଛି,
ତୁମ ତାରିଖରେ ଲାଞ୍ଚ ଦେଇ
ମୁଁ ପୁରଣ କରିଛି ସେଇ ସ୍ଥାନ
ତୁମ ଆଖିରୁ ବୋହି ଯିବ
ଦୁଇ ଟୋପା ଲୁହ, ତୁମ ଅଜାଣତେ
କହିବ ମୋ ଉପରେ ଅଭିମାନ କରି
ଚାଲି ଗଲୁ, ଆଉ ବିଦାୟରେ ଦେବ
ମୋର ଅତିପ୍ରିୟ ସେଇ ନାଲି ଡାଏରୀ
ଯାହା ଏତେଦିନ ସାଇତି ଥିଲା
ସବୁ ସ୍ମୃତିକୁ...

# ମୋ ଭ୍ରମଣ କାହାଣୀ







ପ୍ରଶାନ୍ତ କୁମାର ଭୂୟାଁ,


ଟରୋଣ୍ଟୋ -୪

( ପୂର୍ବ ପ୍ରକାଶିତ ଉତ୍ତାରୁ )

କଥାଲଥା ତ ଏଇମିତି ଚାଲିଥିବ ଅସରନ୍ତି ବୁଢ଼ିଆଣୀ ଜାଲ ଭଳି। ପ୍ରଥମେ ଆପଣମାନଙ୍କୁ ଏବଂ ପରିବାରର ସମସ୍ତଙ୍କୁ ମୋର ଦୀପାବଳିର ହାର୍ଦ୍ଦିକ ଶୁଭେଚ୍ଛା । ସାତ ସମୁଦ୍ର ତେର ନଈ ପାରିରେ ବସି ଭାଇ – ବନ୍ଧୁ – କୁଟୁମ୍ବଙ୍କୁ ଝୁରିବା ଛଡ଼ା ଅନ୍ୟୋପାୟ ନାହିଁ । ଏଇଠି ମୁଁ ବସି କେବଳ ସେଇ ଦୀପାବଳି ର ଉତ୍ସବ, ପିଠାପଣା ଆଉ ତା ସାଙ୍ଗରେ ହେ ବଡ଼ ବଡ଼ିଏ... ଗଙ୍ଗା ଯ ... ଗୟା ଯ.. !!! ର ଉଚ୍ଚାରଣ ଆଳରେ ଆବୋରି ବସିଛି ମୋର ସ୍ମୃତି ପସରାକୁ ଅତି ସରାଗରେ । ଏଇଠି ବି ଟରୋଣ୍ଟୋରେ ଭାରତୀୟମାନେ ଦୀପାବଳି ଉତ୍ସବର ଆୟୋଜନ କରନ୍ତି ବିଭିନ୍ନ ମନ୍ଦିର ଓ ଅନୁଷ୍ଠାନ ମାନଙ୍କରେ । ସାଇ ପଡ଼ିଶା ସବୁ ପଚାରନ୍ତି ଆମର ସଂସ୍କୃତି ଓ ପରମ୍ପରାର ବିଷୟରେ ଆଉ ମୁଁ ମୋର ମନ ଫରୁଆରୁ ସେମାନଙ୍କୁ ଭଳି କି ଭଳି ସବୁ କାହାଣୀ କିମ୍ବଦନ୍ତୀ ସବୁ ବଖାଣି ବସେ । କିଏ ବୁଝିଲା ପରି ମୁଣ୍ଡ ହଲାନ୍ତି ଓ ତାଜୁବ୍ ହୁଅନ୍ତି ତ ଆଉ କେତେଜଣ ସେମାନଙ୍କ ଉତ୍ସବ ଓ ପରମ୍ପରା ଶୁଣାଇ ବସନ୍ତି । ଏଇଭଳି କାନାଡ଼ା ନିବାସୀଙ୍କ ସହ ମେଳ ମିଳାପ ସବୁ ଧୀରେ ଧୀରେ ବଢ଼ିବାରେ ଲାଗିଲାଣି ।

ବିଭିନ୍ନ ରଙ୍ଗ ବିରଙ୍ଗର ଗଛ ସବୁ ପତ୍ରଝଡ଼ା ଦେବାକୁ ଆରମ୍ଭ କଲେଣି । ଏଇଟା ଶୀତ ଦିନ ଆରମ୍ଭର ଏକ ପ୍ରାରମ୍ଭିକ ସୂଚନା । ଧିରେ ଧିରେ ସବୁ ଗଛ ଗୁଡ଼ାକ ଶୀତଋତୁର ଏ ଅନଧିକାର ପ୍ରବେଶ କୁ ନାପସନ୍ଦ କରିବା ରୀତିରେ ସବୁ ପତ୍ରଗୁଡ଼ାକ ଝାଡ଼ଝୁଡ଼ି ଥୁଣ୍ଟା ହୋଇ ଠିଆ ହୋଇ ରହିଛନ୍ତି । ଏଇତ କାଲିଭଳି ଲାଗୁଛି କେତେ ସୁନ୍ଦର ଥିଲା ଏ ସହରଟା ! ବର୍ଣ୍ଣାଳୀର ଅପରୂପ ସୌନ୍ଦର୍ଯ୍ୟରେ ଅମରାବତୀର ଭ୍ରମ ସୃଷ୍ଟି କରୁଥିଲା ହେଲେ ଗୋଟିଏ ସପ୍ତାହରେ ଏତେ ପରିବର୍ତ୍ତନ ? ଏଇ ଥୁଣ୍ଟାଗଛ ଭରା ସହରଟା ଟିକିଏ ଅଲଗା ଧରଣର ନିଶ୍ଚୟ ଥିଲା ହେଲେବି ସୁନ୍ଦର ଦିଶୁଥିଲା । ପତ୍ରଝଡ଼ା ପରର ବୃକ୍ଷରାଜି ସବୁ ଧୂସର ବର୍ଣ୍ଣର ଏକ ଆସ୍ତରଣ ଭଳି ଛାଇ ରହିଥିଲେ ସହର ସାରା । ପକ୍ଷୀର କାକଳୀ, ଗୁଣ୍ଡୁଚି ମୂଷାଙ୍କ ଗୋଡ଼ାଗୋଡ଼ି, ଗୁଜ୍ ପକ୍ଷୀଙ୍କ ଘାସଚରା ଓ ଛୋଟ ଛୋଟ ଘରଚଟିଆଙ୍କ ଗହଳି ଚହଳି ସବୁ ଶାନ୍ତ ପଡ଼ିଯାଇଥିଲା । ସହରର କଳା ମଟମଟ ଶିରା ପ୍ରଶିରା ଭଳି ଖେଳେଇ ରହିଥିବା ରାସ୍ତା ଗୁଡ଼ାକରେ କେବଳ ଥିଲା ଯାନ୍ତ୍ରୀକ କଳରବ । ଏଇ ନିର୍ଜୀବ ଯନ୍ତ୍ରଯାନ ଗୁଡ଼ାକ ମଣିଷ ଗୁଡ଼ାକୁ ନିଜ ନିଜ ପେଟରେ ବସେଇ ସହର ବୁଲେଇବାରେ ଲାଗିଥିଲେ । ସତରେ କେତେ ବିଚିତ୍ର ଏଇ ଋତୁ ପରିବର୍ତ୍ତନର ସମ୍ଭାର । ଆମ ଦେଶରେ ଏହି ଫରକଟା ଜଣା ପଡ଼େନାହିଁ । କେବଳ ତାପମାନର ଭରସାରେ ହିଁ ଋତୁ ପରିବର୍ତ୍ତନର ସୀମା ଆମ୍ଭେ ନିରୁପଣ କରିଥାଉ । ହେଲେ ଏ



ଦେଶରେ କୁଆଡ଼େ ଗ୍ରୀଷ୍ମ, ବର୍ଷା, ଶରତ, ଶୀତ ଅତି ସୁନ୍ଦର ଭାବେ ପରିଲକ୍ଷିତ ହୁଏ । କହିବାକୁ ଗଲେ ଶରତ ଋତୁଟା ଏଠାରେ ଶରତ, ହେମନ୍ତ ଓ ବସନ୍ତର ଏକ ସମ୍ମିଶ୍ରଣ ଭଳି ପ୍ରତୀୟମାନ ହୁଏ । ଶତ ଶୃଙ୍ଗାରରେ ସଜାଇ ହୋଇଥିବା ବାଗ ବଗିଚା ସବୁ ଶ୍ରୀହୀନ ହେବାରେ ଲାଗିଥିଲେ ।

ମୋତେ ମନେ ହେଉଥିଲା ଯେପରି ପ୍ରକୃତି ରାଣୀ ତାର ଅଳଙ୍କାର ଆଭରଣ ସବୁ ଖୋଲି ଦେଇ ଆଉ ଏକ ରୂପରେ ନିଜକୁ ପ୍ରକାଶ କରିବାର ଉପକ୍ରମ କରୁଥିଲା । ଏଇ ଅନ୍ୟବର୍ଣ୍ଣରେ ମଧ୍ୟସେ ଅପରୂପା ଦିଶୁଥିଲା ମୋତେ । ଏହି ପରିପ୍ରେକ୍ଷୀରେ ମନକୁ ଚାଲି ଆସୁଥିଲା ଦୁଇଧାଡ଼ି କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ବିରଚିତ...

ବିଭୂଷଣ ପୁଷ୍ପେ କାନ୍ତି ଜାଣ

ବିଭୂଷଣ କରି କନ୍ୟାକୁ ଆଣ

କେତେ ସତ ଏହି ଉକ୍ତିଟିରେ ଯଦିଓ ଏହା ସୀତାଙ୍କ ବିଷୟରେ ଉଲ୍ଲେଖ କରାଯାଇଛି କିନ୍ତୁ ମୁଁ ଏଠାରେ ପ୍ରକୃତିରାଣୀଙ୍କ ବିଷୟରେ ଭାବି ଚାଲିଥିଲି । ସେ ବିଶେଷ ଭୂଷଣରେ ଯେପରି ଅପରୂପା, ବିନା ଆଭୂଷଣରେ ମଧ୍ୟ ଶତରୂପା । ଈଶ୍ୱରଙ୍କ ବିଚିତ୍ର ସୃଷ୍ଟି । ସତ୍ୟ ଶିବ ସୁନ୍ଦର ଏଇଆକୁ ହିଁ କହନ୍ତି ।

ଏଠାକାର ଟିଟିସି (ଟରୋଣ୍ଟୋ ଟ୍ରାନ୍ସିଟ୍ କମିଶନ )ର ମାସିକ ଟିକଟଟିଏ କିଣି ନେଇଥିଲି । ଆମ ଓଡ଼ିଶାରେ ଯେପରି ଓ.ଆର୍.ଟି. ସଡ଼କ ପରିବହନର ଏକ ମାଧ୍ୟମ ସେହିପରି ଟିଟିସି ହେଉଛି ଟରୋଣ୍ଟୋର ଯାତାୟତ ପ୍ରଣାଳୀର ମୁଖ୍ୟ ଉପାଦାନ । ଏହି ଟିକଟ ଜରିଆରେ ଆପଣ ବସ୍, ଟ୍ରାମ୍ ଅଥବା ଭୂତଳଗାମୀ ରେଳ ଇଞ୍ଜିନ୍‌ରେ ଆତଯାତ ହୋଇପାରିବେ । ବହୁତ ଭଲ ଯୋଜନାଟିଏ ।

ଏଠାକାର ଲୋକଙ୍କୁ ଆମ୍ଭେ ମ୍ଲେଚ୍ଛ କହୁ ହେଲେ ଏଠାକାର ସମସ୍ତ ସ୍ଥାନରେ ଅତି ସୁନ୍ଦର , ପରିଷ୍କାର ଓ ପରିଚ୍ଛନ୍ନତା ପରିଲକ୍ଷିତ ହୁଏ । ନିଜ ଅନୁଭୂତିରୁ କହୁଛି, ମୁଁ କେବଳ ଲକ୍ଷ୍ୟ କରି ଆସିଛି କେବଳ ସକାଳର ପ୍ରଭାତ ଆଳତୀ ଆଉ ସନ୍ଧ୍ୟା ଆଳତୀ ସମୟରେ ହିଁ ଆମର ମନ୍ଦିର ଗୁଡ଼ିକରେ ଏହି ପରିଷ୍କାର ଓ ପରିଚ୍ଛନ୍ନତାକୁ ପ୍ରାଧାନ୍ୟ ଦିଆ ହୋଇଥାଏ । ଏଣୁ, ବସ୍, ଟ୍ରାମ୍ ଓ ଟ୍ରେନ୍‌ରେ ପରିଷ୍କାର ବହୁତ ଭଲରେ ବାରି ହୁଏ ଏଠାରେ । ସହରର କୋଠାବାଡ଼ି ସବୁ ଦେଖିଲେ ମନେହୁଏ ଯେପରି କାନ୍‌ଭାସ୍ ଉପରେ କିଏ ଏହି ସୁଉଚ୍ଚ ଅଟ୍ଟାଳିକାର ତୈଳଚିତ୍ର ଅତି ସୁନ୍ଦର ଭାବେ ଆଙ୍କି ଦେଇଛି । ଏକାଧାର ରେ ନିର୍ମଳ, ପ୍ରଦୂଷଣ ମୁକ୍ତ, ପରିଷ୍କାର ସହର ଟିଏ ଟରୋଣ୍ଟୋ । ମୁଁ ଏହା ମଧ୍ୟ ଦେଖିଛି ଯେ, ଯଦି କୌଣସି ପୁରୁଷ କିମ୍ବା ମହିଳା କୁକୁରକୁ ସାଙ୍ଗରେ ନେଇ ଆସନ୍ତି ଏବଂ ରାସ୍ତାରେ କୁକୁରଟି ଝାଡ଼ା ଫେରିଦିଏ ତାହାହେଲେ ଏମାନେ ନିଜର ମୁଣାରୁ ଗୋଟିଏ କଳା



ପଲିଥିନ୍ ବାହାର କରନ୍ତି ଆଉ ସେହି ବିଷ୍ଠାକୁ ଅତି ସତର୍କର ସହ , ସେହି ସ୍ଥାନକୁ ନିର୍ମଳ କରି ସଂଗ୍ରହ କରନ୍ତି । ସେହି ସଂଗୃହୀତ ବିଷ୍ଠାକୁ ସେମାନେ ନେଇ ନିକଟସ୍ଥ ଆବର୍ଜନା ପେଟିରେ ନିକ୍ଷିପ୍ତ କରନ୍ତି । ଏହି ସବୁ କରିଲା ବେଳେ ଏମାନଙ୍କ ମୁହଁରେ କୁଞ୍ଚବି ପଡ଼େନାହିଁ, ଆଉ ଆମ ଦେଶରେ ନିଜ ପିଲା ଯଦି ବି ଝାଡ଼ା ଫେରିଦିଏ , କେତେଜଣ ମା ଓ ଭଉଣୀ ଅଛନ୍ତି ଯେଉଁମାନେ ଇସ୍..! ଛି...ଛା କରି ତାକୁ ଗୋଟିଏ ବୋମା ଭଳି ଉଠେଇଥାନ୍ତି ।

ଏହି ନିର୍ମଳତା ପାଇଁ କେବଳ ସରକାର ଅଥବା ସରକାରୀ କର୍ମଚାରୀଙ୍କ ପ୍ରୟାସ ଯଥେଷ୍ଟ ନୁହେଁ । ଜନସାଧାରଣଙ୍କ ସମ୍ପୂର୍ଣ୍ଣ ସହଯୋଗ ମଧ୍ୟ ଅତ୍ୟାବଶ୍ୟକ । ଗାଁ, ସହର, ରାଜ୍ୟ ଅଥବା ବସବାସ କରି ରହୁଥିବା ଘର ହେଉ , ଏହାର ପରିଷ୍କାର , ପରିଚ୍ଛନ୍ନତା ଓ ପରିବେଶର ସୁରକ୍ଷା ଆମ୍ଭମାନଙ୍କର ନୈତିକ କର୍ତ୍ତବ୍ୟ । ଆପଣମାନେ ଲକ୍ଷ କରିଥିବେ ଯଦି କେଉଁଠାରେ ନାଳ ନର୍ଦ୍ଦମା ଓ ରାସ୍ତାଘାଟରେ ପାଣି ଜମି ପୂତି ଗନ୍ଧମୟ ହୁଏ ତାହାହେଲେ ସମସ୍ତ ଆଙ୍ଗୁଠି ସରକାରଙ୍କ ଆଡ଼େ ଉଠିଯାଏ । ହଇଓ ବାବୁ ତମେ ରାସ୍ତାରେ ଛେପ ପକାଇବ, ପାନ ବିଡ଼ି ସିଗାରେଟ୍ ଫୋପାଡ଼ିବ, କୁରୁକୁରେ ଲେଏସ୍ ଖାଇ ପ୍ଲାଷ୍ଟିକ୍ ଖୋଳ ସବୁ ଏଣେତେଣେ ବିକ୍ଷିପ୍ତ ଭାବେ ପକାଇବ ଆଉ ପରିଶେଷରେ ସେଥିରୁ ଉପୁଜୁଥିବା ସମସ୍ୟାର ଦୋଷୀ ହେବେ ସରକାର ?

ଆମ ଶ୍ରୀ ମନ୍ଦିର ସମ୍ମୁଖରେ ମଧ୍ୟ କୁଢ଼ କୁଢ଼ ଅଳିଆ ଆବର୍ଜନା ଆଉ ମନ୍ଦିର ର ପାଚେରୀ ଉପରେ ଖଣ୍ଡିଆ ଭଙ୍ଗା ଦୋକାନ ସବୁ ଲଦାଲଦି ହୋଇ ରହିଥିବେ । ଆମ୍ଭମାନଙ୍କ ବସ୍ ଷ୍ଟପ୍ ହେଉ ବା ରେଳ ଷ୍ଟେସନ୍ ସେଇଠି ଠିଆ ହେବାଟା କାଠିକର ପାଠ । ଘର ଚୁଲିମୁଣ୍ଡେ ବିଲେଇ ନହୁଣିଆ ପାରୁଥିବ ପଛେ ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଏହିଭଳି ସର୍ବସାଧାରଣ ସ୍ଥାନରେ ଖଣ୍ଡିଆ ଫିଲ୍ଟର୍ ସିଗାରେଟ୍ ଅବା ମେଘନା ବିଡ଼ିରେ ମାଗିଯାଚି ନିଆଁ ଚେଙ୍କ ଲଗାଇ ରେଳ ଇଞ୍ଜିନ୍ ଭଳି ଭକ୍ ଭକ୍ ଧୂଆଁ ଆପଣଙ୍କ ମୁହଁ ନିକଟରେ ଛାଡୁଥିବେ । ଯଦି ଆପଣ ସେହି ଭଦ୍ର (ଅ) ଲୋକଙ୍କୁ ଏ ବିଷୟରେ କିଛି ବୁଝାଇବାକୁ ଯିବେ, ସେ ତୁରନ୍ତ ତାର ଭାଷାକୋଷ ଖୋଲିଦେବ ଆପଣଙ୍କ ନିକଟରେ । ସେ ଅତ୍ୟନ୍ତ ଉତ୍ତ୍ୟକ୍ତ ହୋଇ ଆପଣଙ୍କୁ କମ୍ ଅନ୍ୟମାନଙ୍କୁ ଶୁଣାଇ କହିବେ " ହ୍ୟାଲିପ, ଯା ମ, ମୁଁ କଣ ଯାଙ୍କର ପିତୃଅର୍ଜ୍ଜନରେ ସିଗାରେଟ ଖାଉଛି , ଯଦି ଧୂଆଁ ବାଜିଗଲେ ପ୍ରବ୍ଲେମ୍ ହେଉଛି ତେବେ ମାସ୍କ ଲଗେଇ ବୁଲୁନ ! କ୍ୟାପିଟାଲ୍ ଷ୍ଟେସନ୍ ଟି ଏଇ ଟା , ଏଇଠି ଶଳା ନଖରା ଦେଖେଇଲେ ଉତ୍ତମ ମଧ୍ୟମ ହେଇଯିବ ହୋ ।"

ଏହା ହେଲା ଅନେକ ଭାଇ ଓ ଭଉଣୀଙ୍କ ବିଚାରଧାରା । ଏହି ପରିପ୍ରେକ୍ଷୀରେ ଆପଣ କଣ କରିବେ କୁହନ୍ତୁ ? କଥାରେ ଅଛି "ଗାଁ ପରିମଳ ଧୋବାତୁଠରୁ ଜଣାପଡ଼େ" ହେଲେ ଏବେତ ଆଉ ଏ ସବୁ ପରଖିବାକୁ ଧୋବାତୁଠ ରହିନାହିଁ କିନ୍ତୁ ଆପଣ ବଳେ ବୁଝିଯିବେ ପରିବେଶ ଦେଖିଲେ । ମୁଁ ଏହିଭଳି ଲୋକଙ୍କୁ ଦେଖିଛି ଯଦି ସେମାନଙ୍କ ଦାଣ୍ଡପିଣ୍ଡା ନାଳରେ


ଟରୋଣ୍ଟୋର ପ୍ରତ୍ୟେକ ଗଳି କନ୍ଦିରେ ଦେ ମିଳୁଥିବା ମାଗଣା ପତ୍ର ପତ୍ରିକା

ଗୋଟିଏ ଭଙ୍ଗା କୁଲେଇ ଆସି ଲାଗିଯାଏ ଆଉ ସେଇଠି ପାଣି ଜମିଯାଏ ସେମାନେ କହନ୍ତି ଏହା ପଞ୍ଚାୟତର କାମ , ମୋର ନୁହଁ । ମୁଁ ଏଇଠି କହିବି "ଆଲୋ ସଖୀ ଆପଣା ମହତ ଆପେ ରଖି" । ଆମ୍ଭେ ବେଳହୁଁ ଏଥିପ୍ରତି ସାବଧାନ ହୋଇ ଏହାର ପ୍ରତିକାର ନକଲେ "ନେଡ଼ିଗୁଡ଼ ଯେ କହୁଣୀକୁ ବୋହିଯିବ " ଏଥିରେ ଦ୍ୱିରୁକ୍ତି ନାହିଁ ।

ଆରେ ବାଃ...ମୁଁ କଥା ଛଳରେ ଉପଦେଶ ଦେବା ଆରମ୍ଭ କରିଦେଲିଣି । ଚାଲନ୍ତୁ ଏବେ ଯିବା ଟରୋଣ୍ଟୋ ସହର ବିଷୟରେ ଆଉ କିଛି କଥା ଜାଣିବାକୁ । ଏଠାକାର ବିଭିନ୍ନ ଅଞ୍ଚଳରେ ବୁଲିବା ସମୟରେ ମୁଁ ଦେଖିଲି ଯେ ରଙ୍ଗ , ନୀଳ , ହଳଦିଆ ପ୍ରଭୃତି ଭଳିକି ଭଳି ଲୁହା ଡବା ଗୁଡ଼ିଏ ବସ୍ ଷ୍ଟପ୍ ଓ ବିଭିନ୍ନ ସପିଙ୍ଗ୍ ମଲ୍ ନିକଟରେ ରେ ରହିଅଛି । ପଚାରି ବୁଝିଲି ଯେ ସେହି ଡବା ଗୁଡ଼ିକରେ ବିଭିନ୍ନ ପ୍ରକାର ର ସମ୍ବାଦ ପତ୍ର (ମେଟ୍ରୋ ଟରୋଣ୍ଟୋ, ୨୪ଆୱାରସ୍ ଟରୋଣ୍ଟୋ), ଘର ଖୋଜିବା ବହି, ଚାକିରୀ ଖୋଜିବା ପାଇଁ ପ୍ରଭୃତି ବିଭିନ୍ନ ପତ୍ର ପତ୍ରିକା ସବୁ ମିଳୁଅଛି । ସବୁଠାରୁ ମଜା କଥା ହେଲା , ଏ ସବୁ ମାଗଣାରେ ଉପଲବ୍ଧ ହୁଏ । ଚାକିରୀ, ବ୍ୟବସାୟ, ବଜାର ସଉଦା କରିବା ଲୋକ ସବୁ ଏ ସବୁକୁ ପଢ଼ିଥାନ୍ତି । ଆଉ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଯେ ପଢ଼ିବା ପରେ ଏମାନେ ଏ ସବୁକୁ ନିକଟସ୍ଥ ଆବର୍ଜ୍ଜନା ପେଟିରେ ଫିଙ୍ଗିଦିଅନ୍ତି । ଆମ ଗାଁ ଗଣ୍ଡା ରେ ଆମେ ଏ ସବୁ ସମ୍ବାଦ ପତ୍ର ସବୁ ଗଦେଇ ପରେ କିଲୋ ୫-୭ଟଙ୍କା ହିସାବରେ ବିକ୍ରି କରିଥାଉ । ବମ୍ବେ, ବାଙ୍ଗାଲୋର୍ ଭଳି ବଡ଼ ବଡ଼ ସହର ମାନଙ୍କରେ ଲୋକେ ଏହା ବିଗ୍‌ବଜାର ରେ ଦେଇ କିଲୋ ପିଛା ୮୦ ଟଙ୍କାରୁ ୧୨୫ ଟଙ୍କା ଯାଏଁ ପାଇବାର ମୁଁ ଦେଖିଛି ।

ଏହି ସବୁ ବ୍ୟବସ୍ଥା ଅତି ସୁନ୍ଦର ଓ ସୁରୁଖୁରୁରେ ସମସ୍ତ ନାଗରିକଙ୍କ ସେବା ଉଦ୍ଦେଶ୍ୟରେ କରାଯାଉଅଛି । ଏହା ଦେଖିଲା ପରେ ମୋତେ "ଗଭର୍ଣ୍ଣମେଣ୍ଟ୍ ଇଜ୍ ଅଫ୍ ଦି ପପୁଲ୍, ଫର୍ ଦି ପିପୁଲ୍ ଏଣ୍ଡ୍ ବାଇ ଦି ପିପୁଲ୍" ର ଯଥାର୍ଥତା ଅନୁଭବ ହେଲା । "ହଜିଲା ବଳଦ ଖୋଜିଲା ଠେଇଁ" ନ୍ୟାୟରେ ସବୁ ଆବଶ୍ୟକୀୟ ପଦାର୍ଥ ଏମାନଙ୍କ ହାତ ପାଆନ୍ତାରେ ।

ଏଇତ ପଡ଼ୋଶୀ ଜଣକ କବାଟରେ ଠକ୍ ଠକ୍ କଲେଣି । ବୋଧହୁଏ ସଉଦାପତ୍ର ଆଣିବା ପାଇଁ ଡାକି ଆସିଥିବେ । ଆପଣମାନେ ବି ଯାଆନ୍ତୁ , ଦୀପାବଳିର ପବିତ୍ର ଆଲୋକରେ ଘର ଦ୍ୱାର ସବୁ ସଜାଇ ରଖନ୍ତୁ । ମୋର ଶୁଭେଚ୍ଛା ଆପଣମାନଙ୍କ ସହ ଅଛି । ଭଗବାନଙ୍କ ନିକଟରେ ଆପଣଙ୍କ ଶୁଭ ମନାସୀ ରହୁଛି ଏଥର।

ଧନ୍ୟବାଦ ।

( କ୍ର ମ ଶଃ )

# ସଞ୍ଜୀକୁ ଡାକରା



ମନୋଜ କୁମାର ମୁଦୁଲୀ

ଦେବ ନଗରୀରେ ଦୀପ ଜଳୁଥିଲା, ତୁମ ପଥ ଧାରେ ଧାରେ
ବିଶ୍ବ ସମୁହ ଆରତି କରିଲେ, ଜହ୍ନର ପ୍ରଦୀପରେ,
ତାରାପଥେ ତାରା ଧୂସର ଗଗନେ, ଜ୍ୟୋତି ତାର ଥର ଥର
ଅନ୍ଧାର ଅନ୍ଧାର......
ତମସ୍ବନୀ ଗନ୍ଧା, ମଲ୍ଲୀ ଫୁଲର, ଘେନ ଶୁଭ ଉପହାର..(1)

ଦିବସ ପ୍ରାନ୍ତର ଶାନ୍ତ ସମୟେ, ମିଳିଥିଲେ ଚନ୍ଦ୍ର ତାରା,
ତାରା ଆଲୋକର ଟିମ୍ ଟିମ୍ ରଶ୍ମୀ, ଦେଲେନି ଜହ୍ନକୁ ଧରା
ଜହ୍ନ ସେ ଜ୍ୟୋତି କରାଗତ ପାଇଁ ପ୍ରସାରିଲା ବାହୁ ତାର
ଅନ୍ଧାର ଅନ୍ଧାର .....
ଏଇ ଜ୍ୟୋତି ପରା ତୁମରି ଗଳାରେ ଲମ୍ବାଇଲା ହେମହାର...(2)

ତୁମ ଆଗମନ ସମୟ ଆସିଲା, ଝିଂକାରୀ ହୁଏ ସଜ
ଝିଂକାର ଶବଦେ ପୁରିଉଠେ ଧରା, କାହିଁ ତୁମପାଇଁ ଆଜ
ନକ୍ଷତ୍ର ନୟନୁ ଝରିପଡେ ଜ୍ବାଳା, ଅଶ୍ରୁ ସେ ଆନନ୍ଦର
ଅନ୍ଧାର ଅନ୍ଧାର....
ସ୍ବାଗତ ଘେନହେ ତୁମ ଆଗେ ଆଗେ ଚାଲେ ନାଟ ପଟୁଆର..(3)

ତୁମ ବାହୁ ଛାୟ ଅପେକ୍ଷା କରଇ, ବ୍ୟାକୁଳିତ ପ୍ରିୟାପ୍ରିୟ
ତୁମ ଏ ଅନ୍ଧାର ଆଢୁଆଳେ ଲୁଚି, ସାନିଧ୍ୟ ଅଭିପ୍ରାୟ
ଇଚ୍ଛା ଦୁହିଁକର, ଅନ୍ଧାରେ ଛପି, ମହାପ୍ରେମେ ବୁଡିବାର
ଅନ୍ଧାର ଅନ୍ଧାର.....
ସେଇଥି ପାଇଁ ତ ତୁମ ଆଗମନ ବିଶ୍ବରେ ମହାଦର.....(4)

ଆସ ମହାଭାଗ, ଭାବୁକ ରଜନୀ, ଏ ବିଶ୍ବ ତୁମର ଘର
ପ୍ରତି ଦୁଆରରେ ଜଳିଉଠେ ପରା, ସଂଜବତୀ ସ୍ବାଗତର
ଆମ ଗାଁ ଗଣ୍ଡା, ମନ୍ଦିର ଆଉ, ଭାଗବତ ଟୁଂଗୀ ଘର
ଅନ୍ଧାର ଅନ୍ଧାର ....
ସବୁଠାରେ ଘେନ, ମହାଭାଗ ଏଇ, ମହାବେଦ ମହାସ୍ବର..(5)

# ପୂଜାଛୁଟିରେ ଗୋଆ ଭ୍ରମଣ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବିଗତ ଦିନରେ ଦଶହରା ଛୁଟିଦିନ ଥିଲା । ଏଇ ସମୟରେ ଅନେକ ବ୍ୟକ୍ତି ବା ପରିବାର ଭ୍ରମଣରେ ବିଭିନ୍ନ ସ୍ଥାନ ସବୁ ଯାଆନ୍ତି । ସେହିପରି ଆମେ ଯାଇଥିଲୁ ଏକ ଦଶ ଦିନିଆ ଛୁଟି ବିତାଇବା କାର୍ଯ୍ୟକ୍ରମରେ ପୁନେ, ଗୋଆ ଓ ମୁମ୍ବାଇ । ଏହି ଭ୍ରମଣର ଅନୁଭୂତି ଆପଣମାନଙ୍କ ପାଇଁ ଉପସ୍ଥାପନ କରୁଛି । ଆଗାମୀ ବର୍ଷମାନଙ୍କରେ ଆପଣମାନେ ଯେବେ ବି କୌଣସି ସ୍ଥାନକୁ ଭ୍ରମଣ କରିବାପାଇଁ ଯିବେ ତେବେ ନିମ୍ନରେ ଲିଖିତ ଅନେକ ବିଷୟବସ୍ତୁ ପ୍ରତି ବିଶେଷ ଧ୍ୟାନ ରଖିଲେ ଆପଣଙ୍କ ଯାତ୍ରା ଶୁଭ ଓ ମଙ୍ଗଳମୟ ହେବ ।

## ପୂଜା ଛୁଟି ପାଇଁ ଯୋଜନା

ପୂଜା ଛୁଟିରେ ରାଜ୍ୟବାହାରକୁ ବୁଲି ଯିବାର ଯୋଜନା ଆମେ କରିଥିଲୁ ପ୍ରାୟ ଏକ ବର୍ଷ ତଳେ । ସେହି ସମୟରେ ଆମେ ଚାରୋଟି ପରିବାରମିଛି ବିଶାଖାପାଟଣା ନିକଟବର୍ତ୍ତୀ ବିଭିନ୍ନ ସ୍ଥାନ ପରିଦର୍ଶନରେ ଯାଇଥିଲୁ, ଏବଂ ସେଠାରେ ନିଷ୍ପତ୍ତି ନେଇଥିଲୁ ଯେ ଆଗାମୀ ବର୍ଷ ଆମେ ପୁଣିଥରେ ପୂଜା ଛୁଟିରେ ରାଜ୍ୟବାହାରକୁ ବୁଲି ଯିବା । ହେଲେ କେଉଁ ସ୍ଥାନକୁ ଯିବୁ ସେ କଥା ନିଷ୍ପତ୍ତି ନେଇନଥିଲୁ । ଚଳିତବର୍ଷ ଖରାଛୁଟିବେଳେ ବିଭିନ୍ନ କାରଣରୁ ସମୟ ଅଭାବ ହେବାଯୋଗୁଁ ଛୁଟିଟା ଖାଲିରେ ଖାଲିରେ କଟିଗଲା, ତେଣୁ ପୂଜାଛୁଟିରେ ବୁଲିଯିବାର ଯୋଜନା କରାଗଲା । କାଶ୍ମୀର, ଗୋଆ ଓ ଦାର୍ଜିଲିଂ ଭିତରୁ ଯେକୌଣସି ଗୋଟିଏ ସ୍ଥାନ ବାଛିବାକୁ ନିଷ୍ପତ୍ତି ନେଲୁ । ଶୀତଦିନ ଆରମ୍ଭରେ କାଶ୍ମୀର ଓ ଦାର୍ଜିଲିଂ ଭଲ ନ ଲାଗିପାରେ ବୋଲି ଭାବି ଶେଷରେ ଗୋଆ ଯିବା କାର୍ଯ୍ୟକ୍ରମ ଠିକ୍ କଲୁ । ଏହା ସହିତ ମୁମ୍ବାଇ ବି ଦେଖି ହେବ ବୋଲି ଯୋଜନା ହେଲା । ପୂଜା ଛୁଟିରେ ଅନ୍ୟୁନ ଦଶଦିନ ଛୁଟି ଥିବାର ଜାଣି ଆମ କାର୍ଯ୍ୟକ୍ରମକୁ ସେହିପରି ତିଆରି କରାଗଲା ।

## ପ୍ରଥମ ପଦକ୍ଷେପ :

ସ୍ଥାନ ନିରୂପଣ କରିବା ଥିଲା ଆମ କାର୍ଯ୍ୟକ୍ରମର ପ୍ରଥମ ପଦକ୍ଷେପ । ଯେତେବେଳେ ଗୋଆ ଓ ମୁମ୍ବାଇ ଯିବାପାଇଁ ଶେଷ ନିଷ୍ପତ୍ତି ନିଆଗଲା, ଏହାକୁ ଆମର ସମସ୍ତ ବନ୍ଧୁମାନଙ୍କୁ ଜଣାଇ ଦିଆଗଲା । ଏହି ଭ୍ରମଣ ଯୋଜନାରେ ଯୋଗଦେବାପାଇଁ ଆଉ ତିନୋଟି ପରିବାର ରାଜିହେଲେ । ହୀରାକୁଦରୁ କାବୁଲିଭାଇଙ୍କ ପରିବାର, ବ୍ରହ୍ମପୁରରୁ ମୋପେଟ୍ ଭାଇଙ୍କ ପରିବାର ଓ ବଲାଙ୍ଗୀରରୁ ସୁନ୍ମୁନ୍ଙ୍କ ପରିବାର ଏହି ଭ୍ରମଣ ପାଇଁ ସହମତି ଦେଇଥିଲେ । ସମୁଦାୟ ଆଠଜଣ ବୟସ୍କ ଓ ଚାରିଜଣ ଛୁଆଙ୍କୁ ନେଇ ଆମର ଯୋଜନା କରାଗଲା । ସୂଚନା ଦିଆଗଲା ଯେ ସମସ୍ତେ ବ୍ରହ୍ମପୁର ଆସିଲାପରେ ଏଠୁ ଯାତ୍ରା ଆରମ୍ଭ କରାଯିବ ।

## ଦ୍ୱିତୀୟ ପଦକ୍ଷେପ :

ଆମ ଯାତ୍ରାର ତିନିମାସ ପୂର୍ବରୁ ରେଳଯାତ୍ରା ନିମନ୍ତେ ଟିକେଟ୍ କରିଦିଆଗଲା । କାରଣ ପୂଜାଛୁଟି ସମୟରେ ରେଳ ଟିକେଟ୍ ମିଳିବା ଅସମ୍ଭବ । ଭୁବନେଶ୍ବରଠାରୁ ମୁମ୍ବାଇ ଯାଉଥିବା କୋଣାର୍କ ଏକ୍ସପ୍ରେସ ଟ୍ରେନରେ ଟିକେଟ୍ ମିଳିଲା । ଭୁବନେଶ୍ବରଠାରୁ ଗୋଆ ଯିବାପାଇଁ ଭାସ୍କୋ-ଡ଼ା-ଗାମା ଏକ୍ସପ୍ରେସ୍ ଥିବା ସତ୍ତ୍ୱେ ଆମକୁ ଟିକେଟ୍ ମିଳିନଥିଲା । ସେ ଯା'ହେଉ ମୁମ୍ବାଇ ପର୍ଯ୍ୟନ୍ତ ଯିବା ଓ ଆସିବା ଟିକେଟ୍ ମିଳିଗଲା । ଏହାପରେ ଆମ

ଯାତ୍ରାରେ ସମ୍ୟକ ପରିବର୍ତ୍ତନ କରିଥିଲୁ । ଯୋଜନା ହୋଇଥିଲା ଯେ ଯିବାବେଳେ ଆମେ ମୁମ୍ବାଇରେ ଓହ୍ଲାଇବୁ ଏବଂ ଦିନଟିଏ ମୁମ୍ବାଇରେ ବିତାଇ ସେଇ ରାତ୍ରୀରେ ଗୋଆ ପାଇଁ ବସରେ ଯାତ୍ରା କରିବୁ । ଫେରିବା ସମୟରେ ମୁମ୍ବାଇଆସି ଫେରିବୁ ।

## ତୃତୀୟ ପଦକ୍ଷେପ :

ଆମର ଯାତ୍ରା ପୂର୍ବରୁ ଆମେ ରହଣୀ କରିବାର ବିଭିନ୍ନ ସ୍ଥାନରେ ହୋଟେଲ୍ ରୁମ୍ ଅଗ୍ରୀମ ବୁକିଂ କରିବା ଶ୍ରେୟସ୍କର ମଣିଲୁ । ଅନେକ ବନ୍ଧୁ ମତଦେଲେ ଯେ ଦଶହରା ସମୟରେ ଗୋଆରେ ସାମାନ୍ୟ ହୋଟେଲ୍ ମାନଙ୍କରେ ଦୈନିକ ରହଣୀ ଶୁଳ୍କ ଚାରିରୁ ପାଞ୍ଚ ହଜାର ହୋଇଯିବ । ତେଣୁ ଅଗ୍ରୀମ ବୁକିଂ କରିଦେବା ଭଲ ବୋଲି ଚିନ୍ତାକରି ସ୍ଥାନୀୟ ଟ୍ରାଭେଲ୍ ଏଜେଣ୍ଟ୍ ମାନଙ୍କ ସହ ଯୋଗାଯୋଗ କଲୁ । ଗୋଆରେ ୩ ଦିନ ଏବଂ ୨ ରାତ୍ରୀର ରହଣୀପାଇଁ ପ୍ରତି ରୁମ୍ ସାଢ଼େ ଚାରିହଜାର ପ୍ରତିଦିନ ବୋଲି ଆମକୁ ଜଣାଇଥିଲେ ସେ । ଆଉ ମୁମ୍ବାଇରେ ବି ସେଇ ଏକା ଦାମ୍ । ଅର୍ଥାତ୍ ସମୁଦାୟ ସାତ ଦିନର ରହଣୀପାଇଁ ଖର୍ଚ୍ଚ ଆସିବ ସାଢ଼େ ବାଇଶି ହଜାର ଟଙ୍କା । ମନ ଉଣା ହୋଇଗଲା । ପରେ ଚିନ୍ତାକରି ବୁକିଂ କରିବୁ କହି ଫେରି ଆସିଥିଲୁ । ଘରେ ଆସି ଇଣ୍ଟରନେଟରେ ସେ ଯେଉଁସବୁ ହୋଟେଲ୍ କଥା କହୁଥିଲେ ସେଇ ସବୁ ହୋଟେଲର ଛବି ଓ ସୁବିଧାମାନ ଦେଖିଲୁ । ଏବଂ ମେକ୍ ମାଇଁ ଟ୍ରିପ୍ ଡଟ୍ କମ୍ ସାଇଟ୍‌ରେ ଗୋଆରେ ହୋଟେଲ୍ ରୁମ୍ ବୁକିଂ କରିବାପାଇଁ ଚେଷ୍ଟା କଲୁ । ତିନିତାରକା ବିଶିଷ୍ଟ, ରିସର୍ଟରେ ରହଣୀହେତୁ ଆମକୁ ମାତ୍ର ସାଢ଼େ ଚାରିହଜାରରେ ରୁମ୍ ମିଳିଗଲା । ଅର୍ଥାତ୍ ଟ୍ରାଭେଲ୍ ଏଜେଣ୍ଟ୍ କହିଥିବା ଦାମର ଅଧା । ଚାରି ପରିବାର ପାଇଁ ସମୁଦାୟ ଅଠର ହଜାର ଟଙ୍କା ।

ସେହିପରି ମୁମ୍ବାଇରେ ସେ ଯେଉଁ ହୋଟେଲରେ ଆମ ପାଇଁ ବୁକିଂ କରିବେ ବୋଲି କହିଥିଲେ ଆମେ ସେଇ ହୋଟେଲରେ ବୁକିଂ କରିଥିଲୁ ଟ୍ରାଭେଲ୍‌ଗୁରୁ ଡଟ୍ କମ୍ ସାଇଟ୍‌ରେ, ଏବଂ ସେ କହିଥିବା ଦାମର ଏକ ତୃତୀୟାଂଶରେ । ସେ ଯା ହେଉ ଏହି ଯାତ୍ରା ସମୟରେ ପ୍ରତି ପରିବାରକୁ ହୋଟେଲରେ ରହଣୀହେତୁ ମାତ୍ର ସାଢ଼େ ସାତ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଲା । ଟ୍ରାଭେଲ୍ ଏଜେଣ୍ଟ୍ ଦେଇଥିବା ଦାମଠାରୁ ୬୦-୭୦ % କମ ଦାମରେ ।

## ଚତୁର୍ଥ ପଦକ୍ଷେପ :

ଯାତ୍ରା ପୂର୍ବରୁ ଯାତ୍ରା ନିମିତ୍ତ ଅନେକ ଅତ୍ୟାବଶ୍ୟକ ପଦାର୍ଥ କିଣି ଏକାଠି ରଖିବା ଥିଲା ଏକ ଗୁରୁତ୍ତ୍ୱପୂର୍ଣ୍ଣ ପଦକ୍ଷେପ । ଯେହେତୁ ଆମେ ଯୋଜନା କରିଥିଲୁ ଯେ ଯେଉଁଠିକୁ ବି ଯିବୁ ସେଠାରେ ସ୍ୱିମିଂ ପୁଲ୍‌ରେ କିଛି ସମୟ ଏକାଠି ବିତାଇବୁ ଏବଂ ସମୁଦ୍ରରେ ସ୍ନାନ କରିବୁ ତେଣୁ ନାଇଲନ୍ ତିଆରି ସ୍ନାନ ବସ୍ତ୍ର ( ସ୍ୱିମିଂ କଷ୍ଟ୍ୟୁମ୍ ) କିଣିଥିଲୁ । ସେଭଳି ଯାତ୍ରା ସମୟରେ ଆବଶ୍ୟକ ଜିନିଷ ସବୁ କିଣାକିଣି କରିଥିଲୁ । ଯାତ୍ରା ବେଳେ ଯେପରି ବେଶି ବୋଝ ନ ହୁଏ ଏଇ ସବୁ ବିଷୟକୁ ଆଖି ଆଗରେ ରଖି ଜିନିଷ ନେବା ଆଣିବା କରିବାପାଇଁ କାନ୍ଧରେ ଧରି ହେଉଥିବାଭଳି ବ୍ୟାଗ କିଣିଥିଲୁ ।

## ଯାତ୍ରା ପୂର୍ବରୁ ପରିବର୍ତ୍ତନ :

ଯାତ୍ରାର ମାତ୍ର କେଇଦିନ ଆଗରୁ ଆମ ସହିତ ଯାତ୍ରା କରୁଥିବା ଭାଇଜଣେ ମତ ଦେଲେ ଯେ ଆମେ ଗଲାବେଳେ ମୁମ୍ବାଇ ନ ଯାଇ ଯଦି ପୁନେ ରେ ଓହ୍ଲାଇ ଯାଆନ୍ତେ

ତେବେ ଦିନଟିଏ ପୁନେ ବି ଦେଖିପାରନ୍ତେ । ମୁମ୍ବାଇ ଦେଖିବାପାଇଁ ବ୍ୟାକୁଳ ହେଉଥିବାରୁ ଏହି ଯୋଜନାରେ ପ୍ରଥମେ ଆମେ ଅସହମତି ପ୍ରକାଶ କରିଥିଲୁ କିନ୍ତୁ ଶେଷରେ ସମସ୍ତ ପରିବାରର ସୁବିଧା ପାଇଁ ଆମେ ରାଜି ହୋଇଯାଇଥିଲୁ । ହେଲେ ପୁନେଠାରେ ହୋଟେଲ୍ ରୁମ୍ ଭଡ଼ାନେବା ପାଇଁ ଭାଇ କହିଥିଲେ ଯେ ସେ ସବୁ ବ୍ୟବସ୍ଥା ସେ ନିଜେ କରିଦେବେ । ଏବଂ ପୁନେଠାରୁ ଗୋଆ ଯିବାପାଇଁ ବସ୍ ବ୍ୟବସ୍ଥା ବି ସେ କରିଦେବେ । ବାସ୍ ତାହେଲେ ଆଉ କିଛି ଅସୁବିଧା ନାହିଁ ବୋଲି ଭାବି ଆମେ ମନେ ମନେ ପୁନେରେ ରହିବା ପାଇଁ ବି ରାଜି ହୋଇଗଲୁ । ଅବଶ୍ୟ ପୁନେରେ ମୋର ଶାଳକ ମହାଶୟ ରହନ୍ତି, କିନ୍ତୁ ଏହି ସମୟରେ ସେ ଚେନ୍ନାଇରେ ତାଲିମ୍ ନେଉଥିବା ହେତୁ ପୁନେ ରେ ଦେଖା ହେବାର ସୁଯୋଗ ମିଳିବ ନାହିଁ ବୋଲି ମନ ଦୁଃଖ ହୋଇଥିଲା ।

## ଯାତ୍ରା ଆରମ୍ଭ

ଅକ୍ଟୋବର ୧୭ ତାରିଖ ଅପରାହ୍ନରେ ଆମେ ବ୍ରହ୍ମପୁର ରେଳ ଷ୍ଟେସନ ଠାରୁ ଯାତ୍ରା ଆରମ୍ଭ କରିଥିଲୁ । କୋଣାର୍କ ଏକ୍ସପ୍ରେସର ତ୍ରିତଳ ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ବଗିରେ ଗୋଟିଏ ସ୍ଥାନରେ ନଅଟି ସିଟ୍ (ବର୍ଥ) ପାଇଥିଲୁ । ନୂଆ ଜାଗା ସବୁ ଦେଖିବାର ଉତ୍ସାହ ମନକୁ ଆନ୍ଦୋଳିତ କରୁଥିଲା । ବିଶେଷ କରି ଗୋଆରେ ସମୁଦ୍ରରେ ସ୍ନାନ କରିବା ଓ ବିଭିନ୍ନ ଦୁଃସାହସିକ କ୍ରୀଡ଼ାରେ ଭାଗନେବା ଏବଂ ମୁମ୍ବାଇରେ ବୁଲାବୁଲି କରିବା କଥା ଭାବି ମନ କୁରୁଳି ଉଠୁଥିଲା । ସନ୍ଧ୍ୟା ଛଅଟାରେ ରେଳରେ ବସିବାପରେ ରାତ୍ରୀ ଭୋଜନ ପାଇଁ ସାଥିରେ ନେଇଥିବା ପରଟା, ଆଳୁଭଜା, ଚିକେନ୍ ତରକାରୀ, ଆଚାର, ସାଧା ତରକାରୀ ସବୁ ପରଶି ଖାଇଲୁ ଏବଂ ସଅଳ ଶୋଇଯାଇଥିଲୁ ।

## ନେହାର ଖୁଡ଼ି

ସକାଳ ସାଢ଼େ ଦଶଟା ବେଳକୁ ଟ୍ରେନ୍ ହାଇଦ୍ରାବାଦ୍ ଷ୍ଟେସନରେ ପହଞ୍ଚିବ ବୋଲି ସୂଚନା ପାଉଥିଲୁ । ଏବଂ ଏହା ସହିତ ଆମ ସହ ଯାତ୍ରା କରୁଥିବା କାବୁଲି ଭାଇଙ୍କ ଝିଅ ବହୁତ ଖୁଶି ହେଇ ଯାଉଥିଲା ଯେ ହାଇଦ୍ରାବାଦ ଷ୍ଟେସନରେ ତା ପ୍ରିୟ ଖୁଡ଼ି ଆସି ତା'କୁ ଦେଖା କରିବେ । ସାଢ଼େ ଏଗାରଟା ବେଳେ ହାଇଦ୍ରାବାଦ୍ ଷ୍ଟେସନରେ ଗାଡ଼ି ଅଟକିବାପରେ ସତକୁ ସତ ନେହାର ଖୁଡ଼ି ଆସିଲେ । କେବଳ ସେ ନୁହେଁ ତାଙ୍କ ସହ ସେ ଆଣିଥିଲେ ଆମ ସମସ୍ତଙ୍କ ପାଇଁ ଖାଇବାପାଇଁ ଅନେକ ପଦାର୍ଥ । ଆଳୁ ପରଟା, ମାଞ୍ଚୁରିଆନ୍ ତରକାରୀ, କୋବି ମସଲା, ଆଚାର, ଦହି, ଲଙ୍କା ମରିଚ, ପିଆଜ, ମିଠା, ବିସ୍କୁଟ୍ ଓ ଆହୁରି କେତେ କଣ । ବିଶେଷ କରି ମହିଳା ମାନଙ୍କ ପାଇଁ ସେ ଚାରମିନାର ଅଞ୍ଚଳରୁ ହାତପାଇଁ ଚୁଡ଼ି କିଣି ଆଣିଦେଇଥିଲେ ସମସ୍ତଙ୍କ ପାଇଁ । ପ୍ରାୟ କୋଡ଼ିଏ ମିନିଟ୍ ହାଇଦ୍ରାବାଦ୍ ଷ୍ଟେସନରେ ଗାଡ଼ି ଅଟକିବା ସମୟରେ ଅଣ୍ଟାପିଠି ସଳଖିବାକୁ ସମୟ ପାଇଥିଲୁ ଆମେ । ଏହା ସହ କାବୁଲି ଭାଇଙ୍କ ପରିବାର ସହ ମିଶିବାର ସୁଯୋଗ ।

ନେହାର ଖୁଡ଼ିଙ୍କ ଭୁରି ଭୁରି ପ୍ରଶଂସା କରି ଆମେ ସମସ୍ତେ ସେ ଆଣିଥିବା ଖାଇବା ଜିନିଷ ସବୁକୁ ଉଦରସ୍ଥ କରିଦେଇଥିଲୁ । ତଥାପି ଖାଇ ପାରିନଥିଲୁ । ସନ୍ଧ୍ୟାରେ ପୁଣି ଖାଇବାପାଇଁ ବଳକା ରହିଯାଇଥିଲା ଅନେକ ଖାଦ୍ୟ । ସେ ଉପହାରରେ ଆଣି ଦେଇଥିବା ଚୁଡ଼ି ସବୁ ମହିଳାମାନଙ୍କ ଚର୍ଚ୍ଚାର ବିଷୟ ରହିଥିଲା ଅନେକ ସମୟ ଧରି ।

ଅପରାହ୍ନ ପାଞ୍ଚଟା ସମୟକୁ ଗାଡ଼ି କର୍ଣ୍ଣାଟକ ରାଜ୍ୟର ସୀମାରେ ପ୍ରବେଶ କରି ଅଟକିଥିଲା ଗୁଲବର୍ଗା ଷ୍ଟେସନରେ । ସେଠି ବେଶ୍ କିଛି ସମୟପାଇଁ ଗାଡ଼ି ଅଟକିବା ଦ୍ବାରା ପୁଣିଥରେ ଗାଡ଼ିରୁ ଓହ୍ଲାଇ ଅଣ୍ଟାପିଠି ସଳଖିଥିଲୁ ଆମେମାନେ । ଏହାପରେ ପୁଣିଥରେ ଗାଡ଼ି ଅଟକିଥିଲା ସୋଲାପୁର ଷ୍ଟେସନରେ । ବାସ୍ ତା'ପରେ ଗାଡ଼ିର କବାଟ ସବୁ ବନ୍ଦ କରିଦିଆ ଯାଇଥିଲା । କେହି କହୁଥିବାର ଶୁଣୁଥିଲୁ ଯେ କାଳେ ଏହି ଅଞ୍ଚଳରେ ଟ୍ରେନର ଗତି ଧିମା ହେଉଥିବାର ସୁଯୋଗ ନେଇ ଡକାୟତି ବେଶୀ ହୁଏ ତେଣୁ ଏହି ସବୁ ସ୍ଥାନରେ ଟ୍ରେନର ସବୁ କବାଟ ବନ୍ଦ ରଖନ୍ତି । ସେ ଯା ହେଉ ରାତି ବାରଟା ବେଳେ ଆମେ ପୁନେରେ ପହଞ୍ଚିଲୁ ।

**ପୁନେରେ ରହଣୀ :**

ପୁନେ ଷ୍ଟେସନ ସଂଲଗ୍ନ ଏକ ହୋଟେଲରେ ରହିବା ବ୍ୟବସ୍ଥା କରାଯାଇଥିବା ସୂଚନା ଥିଲା, କିନ୍ତୁ ସେଠି ପହଞ୍ଚିବା ବେଳକୁ ସେମାନେ ଜଣାଇଲେ ଯେ କେବଳ ତିନୋଟି ରୁମ୍ ଖାଲି ଅଛି । ଅଗତ୍ୟା ସେଇ ତିନୋଟି ରୁମରେ ଆଡ଼ଜଷ୍ଟ କରିବା ପାଇଁ ବାଧ ହେଲୁ । ମନେ ହେଉଥିଲା ଆଉ କିଛି ଦିନ ଆଗରୁ ଜାଣିଥିଲେ ଅନ୍ୟ ସବୁ ସ୍ଥାନପରି ଏଇଠି ମଧ୍ୟ ଅନଲାଇନ୍ ରୁମ୍ ବୁକିଂ କରିଦେଇଥାନ୍ତି । ଅନ୍ତତଃ କମ ଦାମ ସହିତ ସମସ୍ତଙ୍କ ରହିବା ପାଇଁ ରୁମ ତ ମିଳିଯାଇଥାନ୍ତା । ରାତି ବହୁତ୍ ହୋଇଯାଇଥିବାରୁ ସବୁ ବଳକା ଆଳୁପରଟା ଓ ଭଜା ଖାଇଦେଇ ଶୋଇଗଲୁ ।

ପରଦିନ ସକାଳୁ ସକାଳୁ ସମସ୍ତେ ହୋଟେଲ୍ ସାମନାରେ ଥିବା ଜଳଖିଆ ହୋଟେଲରେ ଦୋସା, ଉତ୍ତପମ୍, ପୁରୀ ଆଦି ଖାଇଦେଇ ପୁନେ ସହର ବାହାରେ କିଛି ଦୂରରେ ନିର୍ମାଣାଧୀନ ଥିବା ଏକ ଛୋଟିଆ କୃତ୍ରିମ ସହର ଲଭାସା ଦେଖିଯିବାର ଯୋଜନା କଲୁ । ଦେଢ଼ଘଣ୍ଟାର ଯାତ୍ରା ପରେ ଆମେ ଲଭାସାରେ ପହଞ୍ଚିଲୁ । ପାହାଡ଼ ପର୍ବତ ଘେରା ଏହି କୃତ୍ରିମ ସହର ରାସ୍ତାଘାଟ ଯଦିଓ ନିର୍ମାଣାଧୀନ ତଥାପି ସବୁଆଡ଼େ ସଫା ପରିବେଶ, ଯିବା ଆସିବା ରାସ୍ତାକୁ ସୁନ୍ଦର ଭାବରେ ସଜାଯାଇଛି, ସହରକୁ ଯିବା ରାସ୍ତାରେ ଏକ ବନ୍ଧ ପାହାଡ଼ ଉପରୁ ସୁରମ୍ୟ ଦେଖାଯାଉଛି । ଲଭାସାରେ କିଛି ସମୟ ବୁଲିବା ପରେ ସେମିତି କିଛି ଖାସ ଲାଗିନଥିଲା । ଅବଶ୍ୟ ସେଠାରେ ବସି କାଲାଖଟ୍ଟା ଚୁସ୍କି ଆଇସ୍‌କ୍ରିମ୍ ଖାଇବା ସମସ୍ତଙ୍କୁ ଉପଭୋଗ୍ୟ ଲାଗିଥିଲା । ଆଉ ବେଶ ଫୋଟୋ ନେବାପରି ସ୍ଥାନଟିଏ ଥିଲା ଲଭାସା । ସେଠାରେ ଘଣ୍ଟାଏ ରହିବାପରେ ଆମେ ପୁନେ ଫେରିଆସିଥିଲୁ । ରାସ୍ତାରେ ଏକ ରେଷ୍ଟୋରାଁରେ ଦିନବେଳର ଭୋଜନ କରିଦେଇ ଆମ ସହ ଯାଇଥିବା ଜଣେ ଭାଇଙ୍କ ଜନୈକ ବନ୍ଧୁଙ୍କ ଘରକୁ ଯାଇଥିଲୁ । ପୁନେରେ ରହୁଥିବା ଲୋକମାନଙ୍କ ରହଣିସହଣୀ ବିଷୟରେ ଜାଣିବାର ଅନୁସନ୍ଧିତ୍ସୁ ମନକୁ ସାମାନ୍ୟ ଶାନ୍ତି ମିଳିଥିଲା । ନା, ସେମାନେ ବି ଆମପରି ହିଁ ରହନ୍ତି, ବିଶେଷ କିଛି ପରିବର୍ତ୍ତନ ନାହିଁ ।

ଲଭାସାରୁ ଫେରିବା ବେଳେ ଡ୍ରାଇଭରକୁ କହିଦେଲୁ ଆମକୁ ଏକ ମଲ୍‌ରେ ଛାଡ଼ିଦେବାପାଇଁ, କିନ୍ତୁ ସେ ଆମକୁ ପୁନେର ବିଭିନ୍ନ ରାସ୍ତାରେ ବୁଲେଇ ବୁଲେଇ ଆଣି ହୋଟେଲ୍ ସାମନାରେ ଛାଡ଼ି ଦେଇଥିଲା । ପରେ ଆମେ ସବୁ ଅଭିଯୋଗ କରିବାପରେ ଆମକୁ ନେଇ ଏମଜି (ମହାତ୍ମା ଗାନ୍ଧୀ) ରୋଡ଼ରେ ଛାଡ଼ିଦେଇଥିଲା । ସେଠାରେ ଏକ ସପିଂ ମଲ୍‌ରେ ପହଞ୍ଚିବା ପରେ ଆଇସ୍‌କ୍ରିମ୍

ଖାଇ ଦିନ ସାରାର ପରିଶ୍ରମକୁ ମେଣ୍ଟାଇବାକୁ ଚେଷ୍ଟା କଲୁ । ରାତି ଦଶଟାରେ ଗୋଆ ପାଇଁ ବସ ଧରିବାର ଥିଲା ତେଣୁ ଶୀଘ୍ର ଶୀଘ୍ର ସେଠାରୁ ବୁଲିଦେଇ ଆମେ ରୁମକୁ ଫେରି ପୁଣିଥରେ ଜିନିଷପତ୍ର ସଜାଡ଼ିଲୁ । ଗୋଆ ଯିବାପାଇଁ । ପୁନେରେ ବିତେଇଥିବା ଦିନଟି ଅତ୍ୟନ୍ତ ହାଲିଆ କରିଦେଇଥିଲା, ଦେଖିବା ଭଳି କିଛି ନଥିଲା ଲଭାସାରେ । ଆମେ ଚାହିଁଥିଲେ ଲୋନାବଲା କିମ୍ବା ଖଣ୍ଡାଲା ନଚେତ୍ ପଞ୍ଚଗଣୀ ଯାଇ ପାରିଥାନ୍ତୁ, କିନ୍ତୁ ଶେଷମୁହୂର୍ତ୍ତର ଯୋଜନାରେ ଅସୁବିଧା ହୋଇଗଲା । ଆମ ଯାତ୍ରା ସମୟରେ ପୁନେରେ ରହଣୀଟା ଅନାବଶ୍ୟକ ଥିଲା ଏବଂ ଖର୍ଚ୍ଚାନ୍ତ ବି ଥିଲା ବୋଲି ମଧ୍ଯ କୁହାଯାଇପାରେ ।

ରାତି ଦଶ ଚାଳିଶରେ ଆମେ ପୁନେଠାରେ ନୀତା ଟ୍ରାଭେଲ୍ସର ବସ୍‌ରେ ଚଢ଼ିଲୁ । ଏହା ଏକ ଅନନ୍ୟ ଅନୁଭୂତି ଥିଲା । ପ୍ରଥମତଃ ବସ ଭିତରେ ସିଟ୍ ନଥିଲା । ଥିଲା ଦ୍ବିତଳ ବିଶିଷ୍ଟ ଶୟନୋପଯୋଗୀ ଶଯ୍ୟା । ଅର୍ଥାତ ଯାତ୍ରା କରୁଥିବା ଲୋକମାନେ ସେଠି ଆରମରେ ଶୋଇଶୋଇ ଯିବେ । ବହୁତ୍ ସୁନ୍ଦର ବ୍ୟବସ୍ଥା । ମନେ ମନେ ଭାବୁଥିଲି ଯେ ପୁନେରେ ହୋଇଥିବା କଷ୍ଟ ଏମିତି ଶୋଇ ଶୋଇଗଲେ ଦୁର ହୋଇଯିବ । ପୁନେ ଛାଡ଼ିବାର କିଛି ସମୟପରେ ହିଁ ମନର ଭାବନା ସବୁ ଉଭେଇଗଲା, ଯେତେବେଳେ ବସ ଘର୍ଘର ନାଦ କରି ବାରମ୍ବାର ଏପାଖ ସେପାଖ ବୁଲାଣି ରାସ୍ତାରେ ଚାଲିବାକୁ ଲାଗିଲା । ଫୁଲବାଣୀ ବୌଦ୍ଧ ରାସ୍ତାରେ ଥିବା ରାଣୀପଥର ଘାଟିରେ ରାତିରେ ଓଆରଟି ବସରେ ଯାତ୍ରାକରୁଥିବା ସମୟର କଥା ମନେପଡ଼ିଲା । ସେ ଯାହେଉ ପରିଶ୍ରମଯୋଗୁଁ ଶୋଇପଡ଼ିଲୁ । ପାହାନ୍ତି ସକାଳରେ ବସ ବାଟରେ କେଉଁ ଗୋଟିଏ ସ୍ଥାନରେ ଅଟକିଲା । ସବୁ ଯାତ୍ରୀ ଓହ୍ଲାଇଲେ, ସେଠାରେ ଶୌଚ କାମଟା ସାରିଦେଇ ନିଶ୍ଚିନ୍ତ ହୋଇ ପୁଣି ଶୋଇଗଲି ।

କ୍ରମଶଃ...

# ଧଳା କାଗଜରେ ଛାଇ



ସରୋଜ ମିଶ୍ର

(କୁଆଁରୀ ମନ -୧)

ସପନ ରାଇଜୁ ରୂପା ପାଲିଙ୍କିରେ ଓହ୍ଲାଇ ଆସେ କେ ଧିରେ
ପରିଚୟ ତା'ର କିଛି ଦେଲାନାହିଁ, ହସିଗଲା ପୀରତିରେ
ଅଚିହ୍ନା ମହକ ଖେଳିଗଲା ଦେହେ ପବିତ୍ର ପବିତ୍ର ଲାଗେ
କାଉଁରୀ ପରଶ ପରି ମୋହକଲା ମୁକ୍ତିର ଶରଣ ମାଗେ
ବସନ୍ତରାଗର ରାଗିଣୀ ଶୁଭଇ ଚାରିଆଡ଼ ପୁଷ୍ପମୟ
ଏ ଆଖି ଖୋଜୁଛି ସେବେଠୁ ତାହାକୁ ଦେବାପାଇଁ ପରିଚୟ... ୧

ଏକାକି ବସିଲେ ବାରବାର ଆସେ ଅବାସେ ସ୍ବପ୍ନିଳ ଛବି
କୋଟି କାମରପ ଲିଭୁନି ଆଖିରୁ ହସୁଛି ମୁଁ ଭାବି ଭାବି
ପ୍ରଜାପତି ଆଉ ଇନ୍ଦ୍ରଧନୁ ରଙ୍ଗ କରେ ମନ ଆନ୍ଦୋଳନ
ଗୋଲାପପାଖୁଡ଼ା ଛିଣ୍ଡାଇ ଫିଙ୍ଗଇ କେବେ ଆସିବ ସେ ଦିନ
ଦିବସରେ ମନ ଖୋଜେ ଚଞ୍ଚଳତା ରଜନୀ ଆଣଇ ଭୟ
ତଥାପି ଖୋଜୁଛି ଏ ଆଖି ତାହାକୁ ଦେବାପାଇଁ ପରିଚୟ... ୨

କେତେ ଯତନରେ ସାଇତି ରଖିଛି ତନୁମନ ଜଉଘର
ଜାଣିଛି ମୁଁ ଦିନେ ଅଚିହ୍ନା ପରଶେ ହେବ ସେ ଯେ ନାରଖାର
ଆଇନା ଆଗରେ ମୁହଁକୁ ଲୁଚାଇ ଭାବେ ମୁଁ ଓଢ଼ଣା ଦେଇ
ପିତା-ମାତାଙ୍କର ଅମୂଲ୍ୟ ସଞ୍ଚୟ ଯିବ ବାଲିଚର ହୋଇ
ସବୁ ଜାଣି ସୁଦ୍ଧା ମନ କାହିଁପାଇଁ ତା'ଲାଗି ହୁଏ ଅଥୟ
ଏ ଆଖି ଖୋଜୁଛି ସେବେଠୁ ତାହାକୁ ଦେବାପାଇଁ ପରିଚୟ... ୩

# ସତ କୁହ



ହିମାଂଶୁ ପରିଡ଼ା

ସତ କୁହ ଶ୍ୟାମ
ତୁମେ କଣ ମୋତେ ସତରେ ଭଲ ପାଅ
ମୁଁ ତ ପାଗଳୀ ପରି ଧାଇଁ ଆସେ ତୁମ ପାଖକୁ
ଜାଣିନାହିଁ ତୁମେ କଣ ଆଉ କାହା ଭାବ ରେ ମଗ୍ନ !
ସତ କୁହ ସତରେ କଣ ତୁମେ ମୋତେ ଭଲ ପାଅ ?
ନାରୀ ଦେଖିଲେ ତ ତରଳି ଯାଅ
ପୁଣି ତୁମେ ତ ଏମିତି ;
ଯିଏ ଦେଖେ ତୁମକୁ ହୁଏ ତୁମ ରୂପ ଗୁଣେ ମୁଗ୍ଧ
ମୋର ତ ଈର୍ଷା ହୁଏ
ତୁମେ ତ କେମିତି ଲୋକ ଟେ
କେତେ ଯେ ହୃଦୟ କୁ ମୋହ କର
ପୁଣି କହ ଯେ ତୁମେ ଗୋଟା ପଣେ ମୋର ।
କେମିତି ବ ବିଶ୍ୱାସ କରିବି ;
ତୁମର ତ ମନ ମଧୁପ ର
ଏତେ ମନ ତୁମକୁ ଝୁରନ୍ତି
ତୁମ ପାଇଁ ମୁଁ ଅବା କଣ
ତୁମେ ତ ରସିକ ନାଗର
ଯେତେ ଯେତେ ବିରକ୍ତ ମୁଁ ହୁଏ ତୁମ କୁ
ସେତେ ସେତେ ହୁଏ ମୋର ପ୍ରେମ ଗଭୀର ।
କଣ ବା କରିବି ତୁମେ ତ ବଡ ରହସ୍ୟ
ଯେତେ ଯେତେ ବୁଝି ବାକୁ ଚେଷ୍ଟା କରେ ତୁମକୁ
ତୁମେ ହୁଅ ସେତେ ସେତେ ଅବୋଧ ମୋହର ,
ପ୍ରତିଥର ଲଗାଅ ଭଲ ପାଇବାର ନାଟ
ମତେ ଲାଗେ ତୁମେ ବଡ ଅଧୀର
କେତେ ବେଳେ କାହା ସାଥେ ଥାଅ
କହିଲେ କୁହ ସମସ୍ତଙ୍କ ସଙ୍ଗେ ଖେଳ
ଭଲ ପାଇବାର ନାଟକ
ଖାଲି ମୋ ସଙ୍ଗେ ଯାହା ଖେଳ ଜୀବନ
ଭଲ ପାଇବାର ରଙ୍ଗରେ ରଙ୍ଗାଇ ଦେଇ
କରି ଦିଅ ପାଗଳ ।
ମୁଁ ତ ତୁମକୁ ମନ ଦେଇଦିଏ
ଦେହ ଦିଏ, ସ୍ୱପ୍ନ ସବୁ ବାଢିଦିଏ
ସମର୍ପି ଦିଏ ମୋର ଇଚ୍ଛା ର ଅନନ୍ତ ଆକାର
ତୁମେ ତ ଏତେ ପରିବ୍ୟାପ୍ତ
ହାରିଯାଏ ମୋ ଅଭିମାନ ର ଅମାନିଆ କଟାଳ ।
ମୁଁ ତୁମର ହୋଇଥାଏ,
ବିଶ୍ୱାସ ର ଏମିତି ପରଳ ଥାଏ ମୋ ଆଖିରେ
ତୁମକୁ ତୁମେ ଯେମିତି ଚାହଁ
ସେମିତି ହିଁ ଦେଖୁଥାଏ
ମୁଁ ଭାବେ ତୁମେ କିଭଳି ଯାଦୁକର !
ଧୀରେ ଧୀରେ ଦଂଶୁ ଥାଅ
ଯେମିତି ସର୍ପ ର ଚୁମ୍ବନ ,
ମୋ ଦେହରେ ଚରୁଥାଏ
ତୁମ ସ୍ୱେଚ୍ଛାଚାର ର ଜହର
ସେ ଜହର ର ଅନୁଭବ ତ ଏମିତି ସୁନ୍ଦର
ଫୁଟି ଉଠେ ଦେହ ମୋର ସୌନ୍ଦର୍ଯ୍ୟର ଭାବ ରେ
ଏକ ନାରୀ ଦେହ ର ସମ୍ପୂର୍ଣ୍ଣ ଆକାର ।
ମୁଁ ବଶ ହୁଏ ତୁମ କଥାରେ
ମନ ତ ଦେଇ ଦେଇ ଥାଏ
ଖାଲି ଦେହ ମୋ ପାଖରେ ଥାଏ
ଯାଚିଦିଏ ପ୍ରତଦିନ
ତୁମେ ପ୍ରତିଦିନ ଭିନ୍ନ ଭିନ୍ନ ଭାବରେ
ଉପଭୋଗ କର ।
ମତେ ତ କେବେ କେବେ ଲାଗେ ;
ତୁମକୁ ସବୁ ଦେଇ ଦେଇ ହୋଇଛି କାଙ୍ଗାଳ ।
କଣ ବା ଅଛି ଏବେ ମୋ ଦେହରେ
ମନ ତ ତୁମର
ଆଉ କଣ ଅଛି ମୋ ପାଖରେ
ତୁମକୁ କରିବି ଅର୍ପଣ
ସବୁ ତ ନେଇଛ ମୋ ଠୁ
ମୋର ତନୁ ମନ
କଳ୍ପନା ରେ ବି ତୁମେ
ଆଉ କାହିଁ ଅଛି କିଛି ଜାଗା ଯେ
ଭେଟି ଦେବି ତୁମକୁ
ଭରିଦେବ ତୁମ ମନେ ନୂତନତା ର ସଂଭାର ।

# ସାମାଜିକ ସମୀକ୍ଷାର ଏପାଖ ସେପାଖ

ଦିଲୀପ କୁମାର ଦାସ

କୌଣସି ଗୋଟିଏ 'ଅବସ୍ଥା'ରେ ପରିବର୍ତ୍ତନ ବା ଉନ୍ନତି ଆଣିବାପାଇଁ ହେଲେ ଉପଯୁକ୍ତ 'ବ୍ୟବସ୍ଥା'କୁ ଆପଣେଇବାକୁ ପଡ଼େ । ସେହି ବ୍ୟବସ୍ଥାରେ କୌଣସି ତ୍ରୁଟିବିଚ୍ୟୁତି ରହିଲେ ଅବସ୍ଥାରେ ସୁଧାର ଆସେନାହିଁ । ବ୍ୟବସ୍ଥାରେ କୌଣସି ଖୁଣ ବା ଭୁଲଭଟକା ରହିଥିଲେ ତାହା ସୁଧାରିବା ସମ୍ଭବ । କିନ୍ତୁ ଏଥିପାଇଁ ଦୃଢ଼ ଇଚ୍ଛାଶକ୍ତି ଓ ମନୋଭାବର ଆବଶ୍ୟକତା ରହିଛି । କିନ୍ତୁ 'ମନୋଭାବ' ବା Intentionରେ ତ୍ରୁଟି ରହିଥିଲେ ତାହା ସୁଧାରିବା ହୁଏତ ଏକ ଅସମ୍ଭବ ବ୍ୟାପାର ।

ଏ ସବୁ କହିବାର ଅର୍ଥ ହେଲା ଆମ ଦେଶରେ ଥିବା ଦାରିଦ୍ର୍ୟକୁ ଏକ 'ଅବସ୍ଥା' ବୋଲି ବିବେଚନା କଲେ ତାକୁ ଦୁର କରିବାପାଇଁ ଯେଉଁ ସବୁ ବ୍ୟବସ୍ଥା କରାଯାଉଛି ତାର ସଫଳ ରୂପାୟନ ହୋଇପାରୁନାହିଁ ବୋଲି ଆମେ ସବୁବେଳେ କହି ଆସୁଛୁ, ଶୁଣି ଆସୁଛୁ ଏବଂ ଅନୁଭବ କରି ଆସୁଛୁ । ସରକାରଙ୍କ ତରଫରୁ ଯେତେସବୁ ଦାରିଦ୍ର୍ୟ ଦୂରୀକରଣ ଯୋଜନା ପ୍ରଚଳନ କରାଯାଇଛି ବା ଯାଉଛି ସେ ସବୁର ସୁଫଳ ଗରୀବ ଲୋକଙ୍କ ପାଖରେ ପହଞ୍ଚିପାରୁନାହିଁ ବୋଲି ସବୁ ସ୍ତରରେ ଆଲୋଚନା ହେଉଛି । ତାକୁ ପୁଣି ସୁଧାରିବା ପାଇଁ ନୂଆ ନୂଆ ଯୋଜନା ପ୍ରଚଳନ କରାଯାଉଛି, ତଥାପି ଦେଶରୁ ଦାରିଦ୍ର୍ୟ କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି । କିଛି ବର୍ଷପରେ ପୁଣି ଦେଖାଯାଉଛି ସେହି ନୂଆ ଯୋଜନାର ସଫଳତା ମଧ୍ୟ ଲୋକଙ୍କ ପାଖରେ ପହଞ୍ଚିନାହିଁ । ଯୋଜନା ଗୁଡ଼ିକ ଆରମ୍ଭ ହେବା ପୂର୍ବରୁ ହିଁ ଏଥିରେ କିପରି ବାଟମାରଣା କରାଯାଇ ପାରିବ ତାର ଖସଡ଼ା କାର୍ଯ୍ୟ ନିର୍ବାହୀମାନେ ପ୍ରସ୍ତୁତ କରି ରଖି ଦେଉଛନ୍ତି । ଯୋଜନା ଆରମ୍ଭ ହେବାମାତ୍ରେ ଦୁର୍ନୀତି ଆରମ୍ଭ ହେଇଯାଉଛି । ଏହାକୁ ହିଁ କହନ୍ତି 'ମାନସିକତା' ବା 'ମନୋଭାବ'ର୍ ରେ ତ୍ରୁଟି ବିଚ୍ୟୁତି । ତେଣୁ ଯୋଜନା ଗୁଡ଼ିକରେ ଦୁର୍ନୀତି ଓ ବାଟମାରଣା ରୋକିବା ପାଇଁ ଯେତେ ସବୁ ବ୍ୟବସ୍ଥା କରାଗଲେ କଣ ହେବ, ତାର ଫାଙ୍କ ବାଟ ଦେଇ ଗଳିଯିବାର ପନ୍ଥା କାର୍ଯ୍ୟନିର୍ବାହୀମାନେ ଆଗରୁ ବାହାର କରିଦେଉଛନ୍ତି । ଏହାର ଉଦାହରଣ ଖୋଜିଲେ ଏତେ ବଡ଼ ଲମ୍ବା ତାଲିକା ହେବ ଯେ ତାହା ମହାଭାରତ ଗ୍ରନ୍ଥଠାରୁ ମଧ୍ୟ ବଡ଼ ହୋଇଯିବ ।

ଏଠାରେ ଆମେ ଦୁର୍ନୀତି ରୋକିବାର ଗୋଟିଏ ପନ୍ଥା 'ସାମାଜିକ ସମୀକ୍ଷା' ବା Social Audit ବିଷୟରେ ଆଲୋଚନା କରିବା । ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାର ବିକେନ୍ଦ୍ରୀକରଣ ହେବାପରେ ବହୁତ ଗୁଡ଼ିଏ ଯୋଜନା ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ମାଧ୍ୟମରେ କାର୍ଯ୍ୟକାରୀ କରିବା ପାଇଁ ସରକାରୀ ସ୍ତରରେ ପଦକ୍ଷେପ ନିଆଗଲା ଯାହାକି ସ୍ୱାଗତଯୋଗ୍ୟ ।

ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ମାଧ୍ୟମରେ ଉନ୍ନୟନମୂଳକ ଯୋଜନା ଗୁଡ଼ିକ କାର୍ଯ୍ୟକାରୀ ହେବାଦ୍ୱାରା ଲୋକଙ୍କ ଦ୍ୱାରା ଗଣତନ୍ତ୍ର ପଦ୍ଧତିରେ ନିର୍ବାଚିତ ଲୋକ ପ୍ରତିନିଧିମାନେ ଏହାର ପରିଚାଳନା ଦାୟିତ୍ୱରେ ରହିଲେ ଏବଂ ଆଶା କରାଗଲା ଯେ ଏହାଦ୍ୱାରା ନିଯୁକ୍ତ ଅଧିକାରୀ ମାନଙ୍କ ଆଧିପତ୍ୟରୁ ଲୋକେ ନିସ୍ତାର ପାଇବେ । ଗ୍ରାମସ୍ତରରେ ଯୋଜନା ହୋଇ ତା'ର କାର୍ଯ୍ୟକାରୀତା ଦିଗରେ ଲୋକଙ୍କ ସହଭାଗୀତା ବଢ଼ିବ । କିନ୍ତୁ ପ୍ରକୃତ ପକ୍ଷେ ଏଭଳି ବ୍ୟବସ୍ଥା ଠିକ୍ ଭାବରେ ଚାଲି ପାରୁଛି କି ? ନୂଆ ବୋତଲରେ ପୁରୁଣା ମଦ ଭଳି ପ୍ରତ୍ୟେକ ସ୍ତରରେ ସରକାରୀ ବାବୁମାନେ କାର୍ଯ୍ୟ ପରିଚାଳନାରେ ମୁଖ୍ୟ ଭୂମିକା ନିର୍ବାହ କରିବା ପ୍ରଥା ଏଯାବତ୍ କମ ହୋଇ ପାରିନାହିଁ । କେବଳ କାଗଜ କଲମରେ ଗ୍ରାମ ସଭାର ବିବରଣୀ ପ୍ରସ୍ତୁତ ହୋଇ ପଞ୍ଚାୟତର ଯୋଜନା ଲୋକଙ୍କ ଦ୍ୱାରା ତିଆରି ହେଲା ବୋଲି

ନଥିପତ୍ର ଗଢ଼ି ଦିଆଯାଉଛି । ସରପଞ୍ଚ ବା ପଞ୍ଚାୟତିରାଜ ଅନୁଷ୍ଠାନର ମୁଖ୍ୟ ବୋଲି ଯିଏ ରହୁଛନ୍ତି ସେ ସରକାରୀ ବାବୁଙ୍କ ଇଶାରାରେ ହିଁ ସବୁ କାମ କରି ଚାଲୁଛନ୍ତି ।

ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ଜରିଆରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡ଼ିକରେ ସ୍ୱଚ୍ଛତା ଆଣିବାପାଇଁ 'ସାମାଜିକ ସମୀକ୍ଷା' ବୋଲି ଶବ୍ଦଟିଏ ଯୋଡ଼ି ଦିଆଗଲା । ପ୍ରତ୍ୟେକ କାର୍ଯ୍ୟର ଯୋଜନା ଲୋକଙ୍କ ଦ୍ୱାରା ହେବା ଭଳି ପ୍ରତ୍ୟେକ କାର୍ଯ୍ୟର ହିସାବ କିତାବ ଜାଣିବାପାଇଁ ଏହି ସାମାଜିକ ସମୀକ୍ଷା ବ୍ୟବସ୍ଥାକୁ ଆଇନ ନୀତି ନିୟମ ଭିତରେ ଏକ ସ୍ୱତନ୍ତ୍ର ସ୍ଥାନ ମିଳିଲା । ସାମାଜିକ ସମୀକ୍ଷା ହେଲେ ଲୋକେ ନିଜ ଗାଁରେ ନିଜ ଅଞ୍ଚଳରେ ହେଉଥିବା କାମର ହିସାବ ନିଜେ ତଦାରଖ କରିବା ସହିତ ଉନ୍ନୟନ କାମପାଇଁ ଆସୁଥିବା ଅର୍ଥକୁ ଅଫିସର ମାନଙ୍କ ଦ୍ୱାରା ହେଉଥିବା ବାଟମାରଣାରୁ ରକ୍ଷା କରି ପାରିବେ ବୋଲି ବିଶ୍ୱାସ କରାଗଲା ।

କିନ୍ତୁ 'ସାମାଜିକ ସମୀକ୍ଷା' ସରକାରୀ ବାବୁଙ୍କ ଅନୁପସ୍ଥିତିରେ ହୋଇ ପାରେନାହିଁ । ପ୍ରଥମେ ଖବର କାଗଜରେ ବିଜ୍ଞାପନ ବାହାରେ କେଉଁ ପଞ୍ଚାୟତରେ କେଉଁ ଦିନ ସାମାଜିକ ସମୀକ୍ଷା ହେବ ଯାହାକି ସରକାରୀ ବାବୁମାନେ ହିଁ ଠିକ୍ କରିଥାନ୍ତି । ସେହି ବିଜ୍ଞାପନରେ ଦିଆଯାଇଥାଏ କେଉଁ ଅଧିକାରୀ କେଉଁ ପଞ୍ଚାୟତକୁ ସାମାଜିକ ସମୀକ୍ଷାପାଇଁ ଯିବେ । ସେ ଯଦି ଅନୁପସ୍ଥିତ ରହନ୍ତି ତେବେ ସାମାଜିକ ସମୀକ୍ଷା ହୋଇପାରେନାହିଁ । ତେବେ ଏହା କିଭଳି ଲୋକକୈନ୍ଦ୍ରିକ ସାମାଜିକ ସମୀକ୍ଷା ?

ବିଗତ ବର୍ଷମାନଙ୍କରେ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (NREGA) ମାଧ୍ୟମରେ ହୋଇଥିବା କାମର ସମୀକ୍ଷାର ଏକ ଆଦର୍ଶ ଢାଞ୍ଚା ଲୋକଙ୍କୁ ଦର୍ଶାଇବାପାଇଁ ଗ୍ରାମୀଣ ବିକାଶ ନିମନ୍ତେ ଜାତୀୟ ଅନୁଷ୍ଠାନ (NIRD), ହାଇଦ୍ରାବାଦଙ୍କ ତରଫରୁ ଓଡ଼ିଶାର ବିଭିନ୍ନ ଜିଲ୍ଲାର ୪୦ ଗୋଟି ଗ୍ରାମ ପଞ୍ଚାୟତକୁ ବାଛି ସେଠାରେ ସାମାଜିକ ସମୀକ୍ଷା କରାଇବା ପାଇଁ ଏକ ସ୍ୱତନ୍ତ୍ର ଦଳକୁ ପ୍ରେରଣ କରାଗଲା ଏବଂ ସେଥିପାଇଁ ଲକ୍ଷ ଲକ୍ଷ ଟଙ୍କା ମଧ୍ୟ ଖର୍ଚ୍ଚ କରାଗଲା । ସେ ସବୁ ଗ୍ରାମପଞ୍ଚାୟତରେ ସାମାଜିକ ସମୀକ୍ଷା କରାଗଲା କିନ୍ତୁ ସାମାଜିକ ସମୀକ୍ଷାରୁ କଣ ମିଳିଲା ତାର ବିବରଣୀ ଜନ ସାଧାରଣ ଆଜି ପର୍ଯ୍ୟନ୍ତ ଜାଣିପାରିଲେ ନାହିଁ । ଲୋକ ମୁଖରୁ ଶୁଣିବାକୁ ମିଳେ ଯେ ଏହି ସାମାଜିକ ସମୀକ୍ଷା ପ୍ରକ୍ରିୟା କିଛି ସରକାରୀ ବଡ଼ପଣ୍ଡାମାନଙ୍କର କଳା କାରନାମାକୁ ଘୋଡ଼େଇ ପକାଇବାପାଇଁ ସରକାରଙ୍କ ଏକ ଚାଲ । ଦ୍ୱିତୀୟରେ ସାମାଜିକ ସମୀକ୍ଷା ହୁଏ ଗୋଟିଏ କାର୍ଯ୍ୟରେ କେତେ ଖର୍ଚ୍ଚ ହୋଇଛି ତାହା ଜନ ସାଧାରଣଙ୍କୁ ଜଣାଇବା ପାଇଁ । କିନ୍ତୁ ସାମାଜିକ ସମୀକ୍ଷା କରାଇବା ପାଇଁ କେଉଁ ପଞ୍ଚାୟତରେ NIRD ତରଫରୁ କେତେ ଖର୍ଚ୍ଚ କରାଯାଇଛି ତାର ତଥ୍ୟ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟ ମିଳୁନାହିଁ । ତା'ହେଲେ ସାମାଜିକ ସମୀକ୍ଷାର ସାମାଜିକ ସମୀକ୍ଷା କରିବ କିଏ ?

ଶେଷରେ ଆଉ ଏକ ପ୍ରସଙ୍ଗରେ ପାଠକମାନଙ୍କୁ ଅବଗତ କରାଇବାର ଆବଶ୍ୟକତା ରହିଛି । ଦେଶରେ ଯେତେସବୁ ଖାଦ୍ୟ ନିରାପତ୍ତା ଓ ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ ବା ଯୋଜନାମାନ ଚାଲିଛି (ଯଥା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ସାଧାରଣ ବଣ୍ଟନ ବ୍ୟବସ୍ଥା, ଅଙ୍ଗନୱାଡ଼ିରେ ମିଳିବାକୁ ଥିବା ଖାଦ୍ୟ, ଅନ୍ନପୂର୍ଣ୍ଣା ଯୋଜନା, ମାତୃମଙ୍ଗଳ ଯୋଜନା ଇତ୍ୟାଦି) ତାର ସଠିକ୍ କାର୍ଯ୍ୟକାରୀତା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କମିଶନର୍ ମାନଙ୍କୁ ନିଯୁକ୍ତି ଦିଆଯାଇଛି । କମିଶନରଙ୍କୁ ସହଯୋଗ କରିବାପାଇଁ ରାଜ୍ୟମାନଙ୍କରେ ଉପଦେଷ୍ଟା ମାନଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଉଛି । ଏଥିପାଇଁ ସରକାରଙ୍କ କେତେ ଅର୍ଥ ଖର୍ଚ୍ଚ ହେଉଛି ତାର

ଅବଶିଷ୍ଟାଂଶ ୪୯ ପୃଷ୍ଠାରେ...

# ସରଗ ବାସ



ପ୍ରିୟରଞ୍ଜନ ଦାସ

ଛାତିତଳେ ଯେତେ କୋହ
ଆଖିକୋଣେ ଯେତେ ଲୁହ
ଅଧରର ସମସ୍ତ ହସ
ପାପୁଲିର ସବୁ ଟଣାଗାର
କିଛି କହନ୍ତି ମିଛ ସତ
ସତ ମିଛର କାହାଣୀ ଅନେକ ।

ଲୁହର ସୁଅରେ କାଗଜ ଡଙ୍ଗା
ବିନା ଗ୍ରନ୍ଥର ଅଭାଗା କାହାଣୀ
ଅସଙ୍ଗତ ରେଖା, ଅବୁଝା ହସ
ନଈପରି, ଶେଫାଳି ପରି, ବାଦଲ ପରି
ଖୋଜନ୍ତି ଟିକେ ଆଶ୍ରା
ନିଃଶେଷ ହେବାର ପରମ ସୌଭାଗ୍ୟ ।

ସବୁଠି ତ ନଥାଏ
ଶେଫାଳିର ବରଦାନ
ନଈର ଅଜସ୍ର ଅନନ୍ତ ଉର୍ଜା
ଋତୁ ନିର୍ଘଣ୍ଟ ଜୀବନ;
ଜାଳା ଜ୍ବାଳା ବତାସର
କାହାଣୀ ତ କୋହ,
ଶୋଷ ଭୋକ ଦରଦର
କାହାଣୀ ତ ଲୁହ,
ସ୍ନେହ ପ୍ରେମ ପରଶର
ଭିନ୍ନ ନାମ ହସ,
ଡର ଭୟ କୁହୁଡ଼ିରେ ବଳିୟାନ୍
ଭବିଷ୍ୟତ ଗାର ।

ସବୁଠି ସଂଗ୍ରାମ
ଏକ ନିଆରା ଖେଳ
ଜୀବନ ଓ ଯୌବନର
ଇତିହାସ ଭୂଗୋଳର
ଚିତା ଓ ଚେତନାର,
ସବୁଠି ସଂଗ୍ରାମ
ଏକ ନିଆରା ଖେଳ
ନିଆଁର ଖେଳ ସେ
ପାଉଁଶର ଖେଳ
ବିନା ନିଶୁଣୀରେ ସରଗବାସ ।

# ବିଭୀଷଣ



ଅକ୍ଷୟ କୁମାର ରାଉତ

ଆଜି ବି ବିଲୁପ୍ତ ହୋଇନି
ମାନସ ପଟ୍ଟ ସେ ଦିନର ସ୍ମୃତି
ଆଷାଢ଼ର ଧାନ କ୍ଷେତକୁ
ଶ୍ରମିକଙ୍କ ଲାଗି ଚାହା ଜଳଖିଆ ନେବା
ଜଳମଗ୍ନ କ୍ଷେତରେ ଉଚା ହିଡ଼ଟିଏ ଖୋଜି ବସିବା
ଚୁଡ଼ା ସହିତ ଗୁଡ଼କୁ ଚକଟିବା
ଅଦାମିଶା ନାଲି ଚାହା
କଂସାଏ କଂସାଏ ପିଇବାର ଦୃଶ୍ୟ... |
ଚାଷିଟିଏ କେଡ଼େ ଅସହାୟ ଥିଲା ସେଦିନ
ଧାନକ୍ଷେତକୁ ବିଷାକ୍ତ କୀଟମାନଙ୍କ
କବଳରୁ ରକ୍ଷା କରିବାକୁ
ଆଜି ସେ ବିଜ୍ଞାନ ବଳରେ ବଳିୟାନ
କ୍ଷେତରୁ କ୍ଷେତ ଉଡ଼ିବୁଲୁଥିବା କୀଟ ହୁଅନ୍ତୁ
ଅବା ମାଟିତଳେ ଲୁଚିଥିବା ବିଷାକ୍ତ କୀଟ
ସଭିଙ୍କୁ ସେ ଦମନ କରିବା ଜାଣିଛି... |
ହେଲେ ବିଡ଼ମ୍ବନା
ସବୁଜ ସମାଜରେ ଅସୁମାରି ବିଷାକ୍ତ କୀଟ
ପ୍ରତିଟି ମୁହୂର୍ତ୍ତରେ ଦଂଶି ଚାଲିଛନ୍ତି
ନିରୀହ, ନିଷ୍ପାପ ଶରୀରକୁ
ବାହାରୁ ଲୁଚିଛପି ଭେଜୁଥିବା କୀଟଙ୍କୁ
ସଂହାର କରିବା ବିଧି ଆମକୁ ବେଶ ଜଣା
ନିତିଦିନ ଘଉଡ଼ାଇ ଚାଲିଛୁ
ସଂହାର କରି ଚାଲିଛୁ ସେମାନଙ୍କୁ
ହେଲେ କେବେ ମୁକ୍ତି ମିଳିବ
ଆମ ଘରେ ଲୁଚି ରହିଥିବା ବିଷାକ୍ତ
କୀଟ ମାନଙ୍କ କବଳରୁ
କେବେ ମୁକ୍ତି ମିଳିବ ଏଇ ଘର ଭେଦି
ବିଭୀଷଣ ମାନଙ୍କ ଠାରୁ
କେବେ ହସି ଉଠିବ ଆମର ଏଇ
ସବୁଜ ସମାଜ ଉଲ୍ଲାସରେ...???
କେବେ ???

# ବୁଢ଼ିଆଣୀ ଜାଲ



ଶ୍ୱେତା ଆଚାର୍ଯ୍ୟ

ମୁଁ ଯୁଝିଛି ଏଭେରେଷ୍ଟର ଜଡ଼ତାକୁ
ଖେଳିଛି 'ଏଲା'ର ରକ୍ତମୁଖା ଘୂର୍ଣ୍ଣୀଝଡ଼ ପରି ମୁହଁ ସାଥେ
ଆକଣ୍ଠପାନ କରିଛି 'ଏଟନା' ର ଲାଭାକୁ;
ହେଲେ, ସତ୍ତାମୋର ସ୍ଥିର ନୁହେଁ !!!
ଚାରିଆଡ଼େ ହା ହା କାର
ନିଷ୍ପାପ ଶିଶୁର କୁଆଁ କୁଆଁ କ୍ରନ୍ଦନ
ହାସପାତାଳର ଫଟା କାନ୍ଥ କଡ଼ରୁ
ବ୍ୟାପୀ ବ୍ୟାପୀ ଆଜି ବୁଢ଼ିଆଣୀ ଜାଲ କରିଛି
ଆହ୍..
ଜୀବନର କରୁଣ, ଦାରୁଣ ସତ,
ବୁଢ଼ିଆଣୀ ଲାଳ ଭଳି ବହି ବହି ଚାଲିଛି
ଥର୍ ମରୁଭୂମିର ପଥର ହୃଦୟ କେବେ କଣ ତରଳେ ?
ପ୍ରଶ୍ନବାଚୀର ସୀମା ନାହିଁ |
ସୀମାନାହିଁ ଉତ୍ତର ଖୋଜିବାରେ ବି;
ହେଲେ, କେତେଦିନ ?
ଆଉ କେତେଦିନ ଏମିତି ପାଷାଣ ହୃଦୟରେ ଖୋଳି ଚାଲିଥିବି ପ୍ରେମର ଝରଣା !
ପାଷାଣ ଫାଟି ଚାରିଆଡ଼େ ଏବେ ଖାଲି ଚୁନା ଚୁନା ସୁଖିଲା ପଙ୍କ !
ପ୍ରେମର ଝରଣା ଏବେ ଖାଲି ନିଖୋଜ୍ ସରସ୍ୱତୀ ତଥା...
ତ୍ରିବେଣୀ ସଙ୍ଗମର ପୂର୍ଣ୍ଣତା ନାହିଁ |
ବରଂ ଭଲ,
ବୁଢ଼ିଆଣୀ ଜାଲରେ ଛନ୍ଦି ହେଇଯିବି,
ବାଟ ଭାଙ୍ଗି ଚାଲିଯିବି,
ଅଣନିଶ୍ୱାସୀ ଲାଳ ମାନଙ୍କ ଭିତରେ ବୁଡ଼ି ବୁଡ଼ି ଶ୍ୱାସରୁଦ୍ଧ ହେବି |
ହୁଏ ତ ଶେଷରେ ତୃଷା ମେଣ୍ଟିଯିବ
ଆଉ ପାଇଯିବି ଶେଷ ଉତ୍ତର |

# ଆହ୍ବାନର ପାଠକୀୟ ମତାମତ



ବାଲ୍ମିକୀ ନାୟକ

ଇ-ପତ୍ରିକା 'ଆହ୍ବାନ'ର ଅଗଷ୍ଟ ସଂଖ୍ୟା ପଢ଼ିଲି । ସମ୍ପାଦକୀୟ ପ୍ରକାଶିତ ଆଲେଖ୍ୟଟି ସମୟୋପଯୋଗୀ ତଥା ବିଚାର ଉତ୍ତେଜକ ହୋଇଛି । ସତରେ ଆମ ଜୀବନଟା ଏକ ବ୍ୟଙ୍ଗ ବା ଉପହାସ୍ୟ ହୋଇ ସାରିଲାଣି । ଏହା ପଛରେ ଆମର ଥିବା ଅନ୍ଧଶ୍ରଦ୍ଧା, ଅଜ୍ଞାନତା ଏବଂ ଅବୈଜ୍ଞାନିକ ଦୃଷ୍ଟିକୋଣ ହିଁ ଆମକୁ ଦୁନିଆରେ ଅପମାନିତ, ଲାଞ୍ଛିତ ଓ ଉପହାସିତ କରିଛି । ଆମ ଦେଶରୁ ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ ଓ ବୁଦ୍ଧିଜୀବି ଆଜି ବିଦେଶକୁ ଯାଇ କୃତୀତ୍ବ ଅର୍ଜନ କରିବା ସହିତ ସେହି ଦେଶର ଜନତାଙ୍କୁ ଫାଇଦା ଦେଇ ପାରୁଛନ୍ତି, ଅଥଚ ଆମ ଦେଶର କୁଟୀଳ ରାଜନୈତିକ ପରିସ୍ଥିତି ଯୋଗୁଁ ସେମାନେ ସ୍ବଦେଶକୁକ୍ ଆସି ସେହି କାମ କରିବାପାଇଁ ସାହାସ କରି ପାରୁନାହାନ୍ତି । ଏହା ଏକ ଗଭୀର ଚିନ୍ତାର ବିଷୟ । କିନ୍ତୁ ଯେଉଁମାନେ ଚିନ୍ତା କରିବା କଥା ସେହିମାନେ କେବଳ ନିଜ ସ୍ବାର୍ଥସାଧନରେ ବ୍ୟସ୍ତ ରହୁଛନ୍ତି ।

ସ୍ବରୂପ କୁମାର ମଲ୍ଲଙ୍କ ମନ୍ଦିର ପଣ୍ଡାଙ୍କୁ ଦୂରୁ ଜୁହାର ଆଲେଖ୍ୟଟିରେ କେତେକ ଅପ୍ରିୟ ସତ୍ୟ କଥା ପ୍ରକାଶ ପାଇଛି । ସେ ଲେଖିଛନ୍ତି, 'କିଆଁ ଯିବି ମୁଁ ମନ୍ଦିର, କାହିଁହେବି ପଣ୍ଡାଙ୍କ ଶୀକାର । ଘରୁ ପୂଜିବି ଭଗବାନଙ୍କୁ ମୋହର, ଲଭିବି ଆଶୀର୍ବାଦ ତାଙ୍କର' । ଏହି ମର୍ମରେ ଆମେ ଆଉ ଟିକିଏ ବିସ୍ତାର ଭାବେ ହେତୁବାଦୀ ପ୍ରଶ୍ନ ଓ ମତ ଦେବା ଉଚିତ ମନେକରୁଛି ।

ପ୍ରଶ୍ନ - ଭକ୍ତମାନଙ୍କର କାହିଁକି ବିଶ୍ବାସ ହେଉନାହିଁ ଯେ ଘରେ ଜଗନ୍ନାଥଙ୍କୁ ପୂଜାକଲେ ଆଶୀର୍ବାଦ ମିଳିବ ? ସେ ତେବେ ଭକ୍ତଙ୍କ ଭଗବାନ ହେଲେ କିପରି ? ଜଗନ୍ନାଥଙ୍କ ଘରେ (ବଡ଼ଦେଉଳ) ହିଁ ପଣ୍ଡା ମାନଙ୍କ ଦ୍ବାରା ଅପଦସ୍ତ ହେଉଥିବା ଭକ୍ତଙ୍କୁ ସୁରକ୍ଷା ମିଳୁନାହିଁ କାହିଁକି ? କଣ ଜଗନ୍ନାଥଙ୍କ ଐଶ୍ବରୀୟ ଶକ୍ତି କେବେ ବି ନଥିଲା ନା ଏବେ ଆଉ ନାହିଁ ? କଣ ପଣ୍ଡା ଓ ସେବାୟତ ମାନଙ୍କ ଦ୍ବାରା ସ୍ବୟଂ ଜଗନ୍ନାଥ ପରିଚାଳିତ ହେଉଛନ୍ତି ? ଜଗନ୍ନାଥ କେବେ ଖାଇବେ ? କେବେ ପହଡ଼କୁ ଯିବେ ? କେବେ ଭକ୍ତଙ୍କୁ ଦର୍ଶନ ଦେବେ ? ଦେଉଳରେ ପ୍ରବେଶ କରି କେଉଁମାନେ ଜଗନ୍ନାଥଙ୍କ ଦର୍ଶନ କରିପାରିବେ ? ଇତ୍ୟାଦି କେବଳ ସେବାୟତ ମାନେ ହିଁ କାହିଁକି ନିର୍ଦ୍ଧାରଣ କରିବେ ?

ହେତୁବାଦୀ ମତ : - ଉପରୋକ୍ତ ସମସ୍ତ ପ୍ରଶ୍ନର ଉତ୍ତର ଖୋଜିଲେ ଯେ କୌଣସି ଶିକ୍ଷିତ ଓ ସଚେତନ ଭକ୍ତ ସ୍ପଷ୍ଟଭାବେ ବୁଝିପାରିବ ଯେ ତଥାକଥିତ ଜଗନ୍ନାଥଙ୍କର କୌଣସି ଐଶ୍ବରୀୟ ଶକ୍ତିନାହିଁ କିମ୍ବା ଶେଷ ହୋଇଯାଇଛି । ସେଥିପାଇଁ କେତେକ ମଣିଷ ମନ୍ଦିରର ସମସ୍ତ ନୀତି ନିର୍ଦ୍ଧାରଣ କରୁଛନ୍ତି ।

କେତେକ ଭୟାଳୁ ଭକ୍ତ କୌଣସି ସଠିକ୍ ଉତର ନ ପାଇ କହିଦିଅନ୍ତି - ଏ ସବୁ ସେଇ ଜଗନ୍ନାଥଙ୍କ ଲୀଳା । ଯଦି ଏହା ସତ ତେବେ ଆଉ ସମସ୍ୟା ରହିଲା କେଉଁଠାରେ ? ଜଗନ୍ନାଥଙ୍କ ମନ୍ଦିର ଭିତରେ, ଜଗନ୍ନାଥଙ୍କ ସାମନାରେ ଚୋରମାନେ କାହାରି ପକେଟରୁ ପର୍ସ କାଢ଼ିନେବା, ମହିଳା ମାନଙ୍କ ବେକରୁ କାନରୁ ସୁନା ଗହଣା ଟାଣିନେବା, ମହିଳା ଭକ୍ତଙ୍କ ଦେହରେ ହାତ ବୁଲାଇ ଅସଦା ଚରଣ କରିବା, ପଣ୍ଡାମାନେ ଭକ୍ତମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଦେଇ ଅପମାନିତ କରିବା ଆଦି ବି ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଲୀଳା ହୋଇପାରେ । ଶାନ୍ତରୁହ, ଦୁଃଖ କରନାହିଁ । କାରଣ ଧର୍ମଗୁରୁମାନେ କହନ୍ତି, 'ଈଶ୍ବର ଯାହା କରନ୍ତି, ପ୍ରାଣୀର ମଙ୍ଗଳ ପାଇଁ' ।

ଆମ ମତରେ ମନ୍ଦିରର ପଣ୍ଡା ମାନଙ୍କୁ ଦୋଷ ଦେବାପୂର୍ବରୁ ଆମର କର୍ମ ଓ ବ୍ୟବହାରକୁ ବି ପରୀକ୍ଷା କରିନେବା ଉଚିତ । ଆପଣ ଯେ କୌଣସି କାମ କରେଇବା ପାଇଁ

ଅନ୍ୟ ବ୍ୟକ୍ତିକୁ ପାରିଶ୍ରମିକ ଦେଇଥାନ୍ତି । ବେଳେ ବେଳେ କାମର ମହତ୍ତ୍ୱ ଓ ଲାଭକୁ ଦେଖି ଆପଣ ତାଙ୍କୁ ଅଧିକ ପାରିଶ୍ରମିକ (ଉତ୍କୋଚ/ଲାଞ୍ଚ) ବି ଦେଇ ପାରନ୍ତି । ମନ୍ଦିର ଭିତରେ ଠାକୁରଙ୍କ ଦ୍ବାରା ଆପଣଙ୍କ ସମସ୍ତ ସମସ୍ୟାର ସମାଧାନ କରେଇ ଦେବାପାଇଁ ଯେଉଁ ପଣ୍ଡାମାନେ ପୂଜା ଓ ପ୍ରାର୍ଥନା କରି ପରିଶ୍ରମ କରୁଛନ୍ତି, ସେମାନେ ବି ପାରିଶ୍ରମିକ ପାଇବା ପାଇଁ ଯୋଗ୍ୟ । ସେଇଠାରୁ ଆରମ୍ଭ ହେଉଛି ସମସ୍ୟା । ଆପଣଙ୍କ ମତରେ ମାତ୍ର ଏକ ଶହଟଙ୍କାରେ ସେ ପୂଜା ସମ୍ପୂର୍ଣ୍ଣ କରିବା ଉଚିତ କିନ୍ତୁ ପଣ୍ଡା ମାଗୁଛନ୍ତି ଏକ ହଜାର ଟଙ୍କା । ଆପଣଙ୍କ ସମସ୍ୟା ତୁଳନାରେ ସେ ଭାବୁଛନ୍ତି ମୁଁ ଏତିକି ପାଇବା ଉଚିତ । ଆପଣଙ୍କ କେତୋଟି ସମସ୍ୟାର ଉଦାହରଣ ଦେଖିବା । ପଣ୍ଡା ଆପଣଙ୍କ ପିତୃପୁରୁଷାଙ୍କୁ ସ୍ବର୍ଗରେ ନେଇ ଖାଦ୍ୟ ପହଞ୍ଚାଇ ଦେବ, ଆପଣଙ୍କ ଅଯୋଗ୍ୟ ପୁତ୍ର ବା କନ୍ୟା ପାଇଁ ଯୋଗ୍ୟ ପାତ୍ର ବା ପାତ୍ରୀ ଯୋଗାଡ଼ କରିଦେବ, ଆପଣଙ୍କ ଅନୈତିକ କର୍ମକୁ ବିରୋଧ କରୁଥିବା ଶତ୍ରୁକୁ ସଂହାର କରିଦେବ, ଆପଣଙ୍କ ବିରୋଧୀ ଦଳର ନେତାକୁ ନିର୍ବାଚନରେ ହରେଇ ଦେବ, ଆପଣଙ୍କ କୋର୍ଟ କେଶ(ମିଥ୍ୟା କେଶ୍ ହେଉପଛେ)ରେ ଜିତେଇ ଦେବ, ଇତ୍ୟାଦି ବଡ଼ ବଡ଼ କାମ ମନ୍ତ୍ରପଢ଼ି, ପୂଜା ପ୍ରାର୍ଥନା ଦ୍ବାରା ଠାକୁରଙ୍କୁ ମନେଇ ସମ୍ପୂର୍ଣ୍ଣ କରିଦେଉଛି । ସେମାନଙ୍କୁ ଆପଣ ପାରିଶ୍ରମିକ ଦେବାରେ କୃପଣ ହେଲେ ଚଳିବ କିପରି ? କାରଣ ସେମାନେ ଏହି କାମ କରି ଜୀବିକା ନିର୍ବାହ କରୁଛନ୍ତି ।

ଏହି ସମସ୍ୟାରୁ ଯଦି ମୁକ୍ତ ରହିବାକୁ ଇଚ୍ଛା କରନ୍ତି ତେବେ ଆମର ମତ ହେଉଛି ଯେ, ଆପଣ ଘରେ ପୂଜାକଲେ ଜଗନ୍ନାଥ ଜାଣିପାରିବେ ନାଃଇଁ ବୋଲି ଯଦି ଅବିଶ୍ବାସ ହେଉଛି, ତେବେ ବଡ଼ ଦେଉଳକୁ ଯାଆନ୍ତୁ କିନ୍ତୁ କୌଣସି ପଣ୍ଡାଙ୍କ ସେବା ଗ୍ରହଣ କରନ୍ତୁ ନାହିଁ । ସେମାନଙ୍କୁ ବିନୀତଭାବରେ ଉପେକ୍ଷା କରି ଆଡ଼େଇ ଯାଆନ୍ତୁ । ସେମାନେ ଦୁଇ ତିନିଥର ଆପଣଙ୍କ ଠାରୁ ନାସ୍ତିବାଣୀ ଶୁଣିବା ପରେ ଆପଣଙ୍କ ପଶ୍ଚାତଗମନ କରି ସମୟ ନଷ୍ଟ କରିବେ ନାହିଁ । କାରଣ ଆପଣଙ୍କ ପଛରେ ଅନେକ ଭକ୍ତ ଥିବେ । ଆପଣ ଗର୍ଭଗୃହରେ ଠିଆ ହୋଇ ବା ମୁଣ୍ଡିଆ ମାରି ନିଜର ସମସ୍ୟା ଜଗନ୍ନାଥଙ୍କୁ ଜଣାଇ ମନକୁ ଶାନ୍ତ କରନ୍ତୁ । ଜଗନ୍ନାଥ ଆପଣଙ୍କ ଭକ୍ତିରେ କେତେଦୂର ପ୍ରଭାବିତ ହେବେ ? ସେ ପ୍ରସନ୍ନ ହୋଇ ଆପଣଙ୍କ ଅଧୁରା କାମ ସମ୍ପୂର୍ଣ୍ଣ କରିବେ କି ନାହିଁ ? ସେ କଥା ଆପଣ ହିଁ ବୁଝିପାରିବେ । ମୋର ବ୍ୟକ୍ତିଗତ ଅଭିଜ୍ଞତାରୁ କହୁଛି, ମୁଁ ମୋର ପରିବାର ଓ ସାଙ୍ଗମାନଙ୍କ ସହ ମନ୍ଦିର ଭ୍ରମଣ କରି ଅନେକଥର ଖୁସି ମନରେ ଫେରିଛି । ଅଯଥା ପଣ୍ଡାଙ୍କ ସେବା ନେଇ ଯୁକ୍ତିତର୍କ କରି ଦର କଷାକଷି କଲେ ହିଁ ଧନହାନୀ, ପ୍ରାଣପୀଡ଼ା ଭୋଗ କରିବାକୁ ହୁଏ ।

ଓଡ଼ିଶାର ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ସହିତ ଯେଉଁ ସାରସ୍ବତ ଲେଖକ ମାନଙ୍କ ଗଳ୍ପ, କବିତା, ବ୍ୟଙ୍ଗ ଆଲେଖ୍ୟ ଆଦି ଏହି ସଙ୍କଳନରେ ପ୍ରକାଶ ପାଇଛି ସେ ସବୁ ଗୁଡ଼ିକ ଉପରେ ମତାମତ ଲେଖିଲେ ବହୁତ ଦୀର୍ଘ ହୋଇଯିବ, ତେଣୁ ମୋଟ ଉପରେ ଏହି ସଙ୍କଳନଟି ସୁଖପାଠ୍ୟ, ଶିକ୍ଷଣୀୟ ଓ ରଚିଶୀଳ ହୋଇଛି ଏବଂ ଆମେ ସମସ୍ତ ଲେଖକମାନଙ୍କୁ ସାରସ୍ବତ ଅଭିନନ୍ଦନ ଜଣାଉଛୁ । ଏହି ପତ୍ରିକା ମାଧ୍ୟମରେ ସମାଜରୁ ଅନ୍ଧବିଶ୍ବାସ ଓ ରଢ଼ିବାଦୀ ପରମ୍ପରା ଦୂରକରି ଜନତାଙ୍କ ମନରେ ବୈଜ୍ଞାନିକ ଚିନ୍ତନ ସୃଷ୍ଟି କରିବା ଦିଗରେ ଲେଖକମାନେ ପ୍ରୟାସ କରନ୍ତୁ ।

ଧନ୍ୟବାଦ ।

# ଆମ ସହରର ହାଲ୍‌ଚାଲ୍



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏଇ ଲୋକମାନଙ୍କୁ ଦେଖିଲେ ସ୍ମିତାକୁ ବହୁତ ଦୟା ଆସେ । ଖରା ବର୍ଷା ଶୀତ ସବୁଦିନ ଏମାନେ ଯାଯାବର ଭାବରେ ସହର ସହର ବୁଲନ୍ତି ଆଉ ସହର ବାହାରେ ଟେଣ୍ଟ ପକାଇ ରହନ୍ତି । କେହି କେହି ଖେଳକରତବ ଦେଖାଇ ପଇସା କମାନ୍ତି ତ ଆଉ କେହି କେହି ଟିଣରେ ତିଆରି ଘରକରଣା ବିକ୍ରୀକରି ପଇସା କମାନ୍ତି । ଆଉ କେହି କେହି ତମ୍ବୁ ପକାଇ ବିଭିନ୍ନ ଚେରମୂଳ ଔଷଧ ବିକ୍ରୀକରନ୍ତି । ଦଶହରାପୂର୍ବରୁ ଏମାନେ ପ୍ରାୟ ସହରରେ ଦେଖାଯାଆନ୍ତି । ଏଥର ବି ବିଲକୁଲ୍ ସେଇୟା ହେଇଛି ।

ସହର ଉପକଣ୍ଠରେ ଥିବା ନିଜ ଘରୁ ଅନତି ଦୂରରେ ଏଇ ଯାଯାବରମାନଙ୍କର ତମ୍ବୁ ଦେଖି ସ୍ମିତା ରମେଶକୁ କହୁଥିଲା, କେତେ କଷ୍ଟ ଏମାନଙ୍କ ଜୀବନ ସତେ । ରମେଶ ହସିଦେଇ କହିଲା, ଦେଖି ଚାହିଁ ରହିବ ଏଗୁଡ଼ାକ ଠକ, ଘରେ ପଶିଯିବେ ଆଉ ଚୋରୀକରିବାରେ ଏମାନେ ଓସ୍ତାଦ । ନିଜ ଘର ଛାତ ଉପରେ ବସି ଏଇମିତି କଥା ହେଉଥିବା ସମୟରେ ରମେଶର ଫୋନ ବାଜି ଉଠିଲା । 'ଆରେ ବିଜୟ, କଣ ଏତେ ଦିନପରେ କେମିତି ଫୋନ କରିଲୁ ?' ରମେଶଙ୍କ ବନ୍ଧୁ ବିଜୟଙ୍କ ଫୋନ ଆସିଥିଲା ।

'ହଁ, ଆମ ଘର ସାମନାରେ ହିଁ ତମ୍ବୁ ପକେଇ ରହିଛନ୍ତି ।' ରମେଶ କହୁଥିଲା । ସ୍ମିତା ମନେ ମନେ ଭାବୁଥିଲା ଏଇ ଯାଯାବର ମାନଙ୍କ ବିଷୟରେ କଣ ଫୋନ କରିଥିବେ ସେ । ରମେଶ ଫୋନ୍ ଧରି ତଳକୁ ଚାଲିଗଲେ । କିଛି ସମୟପରେ ବିଜୟ ଆସି ସେଇଠି ପହଞ୍ଚିଗଲେ । ଦୁହେଁ ସେଇ ଯାଯାବରଙ୍କ ତମ୍ବୁ ଆଡ଼କୁ ଗଲେ । କିଛି ସମୟପରେ ସେମାନେ ଫେରି ଆସିଲେ । ସ୍ମିତା ଗେଟ୍ ପାଖରେ ଠିଆ ହୋଇଥିଲା । ରମେଶ୍ ତା ହାତକୁ ଛୋଟ ଛୋଟ ବିରି ସାଇଜର କିଛି ପଥର ଦେଲା । ସ୍ମିତା କିଛି ବୁଝିବାପୂର୍ବରୁ ସେ କହିଲା, 'ଇୟେ ସବୁ ସୁନା ।' ସ୍ମିତା ବୁଝିପାରିଲାନି । ରମେଶ ପଥର ସବୁ ଧରି ବିଜୟ ସାଙ୍ଗରେ ସହର ଭିତରକୁ ଚାଲିଗଲା । ସନ୍ଧ୍ୟାରେ ଘରକୁ ଦୁଇଜଣ ମିଶି ଫେରି ଆସିଲେ, ବୈଠକରେ ବସି ଗୁଣୁଗୁଣୁ ହେଉଥିଲେ । ସ୍ମିତା ପାଣି ନେଇ ଆସିଲା ବେଳକୁ ରମେଶ କହୁଥିଲା, 'ଖାଣ୍ଟି ସୁନାଟା । ହେଲେ ଦରଦାମ ଠିକ୍ କର, ମିଶିକି କିଣିବା । ଅଧା ଅଧା ରଖିବା ।' ସ୍ମିତା ପ୍ରଶ୍ନିଳ ନୟନରେ ଚାହିଁଥିଲା, ରମେଶ କହିଲା, 'ସେଇ ଯାଯାବର ମାନେ ଏଇ ସୁନା ଦେଇଛନ୍ତି । ଆମେ ପରୀକ୍ଷା କରି ଦେଖିଲୁ ୧୦୦ ପ୍ରତିଶତ ଖାଣ୍ଟି ସୁନା । ଏହାର ବଜାର ମୂଲ୍ୟ ପାଖାପାଖି ଚାରିହଜାର ଲେଖାଏଁ ହେବ । ସେମାନେ ଗୋଟେ ଗୋଟେ ସୁନାଖଣ୍ଡକୁ ମାତ୍ର ଦୁଇ ହଜାରରେ ଦେବାପାଇଁ ରାଜି ହେଇଛନ୍ତି । ସେମାନଙ୍କ ପାଖରେ ଏମିତି ଚାଳିଶ

ଖଣ୍ଡେ ସୁନା ଅଛି । ଭାବୁଛି ଦରଦାମ କରି ନେଇ ଆସିବି । ବିଜୟ ଆଉ ମୁଁ ଅଧା ଅଧା ରଖିବୁ ।' ସୁନା କଥା ଶୁଣି ସ୍ମିତା ମନେ ମନେ ଭାରୀ ଖୁସି ହେଇଥିଲା ।

ରାତିରେ ରମେଶ ଆଉ ବିଜୟ ଟଙ୍କା ନେଇ ଯାଇଥିଲେ, ରାତିରେ ଖାଇବା ସମୟରେ ରମେଶ ଟେବୁଲ୍ ଉପରେ ନାଲି କନାରେ ବନ୍ଧା କୋଡ଼ିଏଟି ସୁନା ଗୁଣ୍ଡ ଆଣି ଥୋଇଦେଲା । ସ୍ମିତା ସେ ସବୁ ଉପରେ ହାତ ଫେରାଇ ଆଣି କନାକୁ ବାନ୍ଧିଦେଇ ନେଇ ଆଲମିରାରେ ରଖିଦେଇଥିଲା ।

ପରଦିନ ସକାଳୁ ସକାଳୁ ସ୍ମିତା ଛାତ ଉପରେ ଲୁଗା ଶୁଖାଇବା ପାଇଁ ଯାଇଥିବା ସମୟରେ ସାମନା ପଡ଼ିଆରେ ପଡ଼ିଥିବା ସବୁ ତମ୍ବୁ ଖାଲି ହେଇଯାଇଥିବା ଦେଖି ତଳକୁ ଆସିଲା । ରମେଶକୁ ସକାଳର ଜଳଖିଆ ଦେଉଥିବା ସମୟରେ ସ୍ମିତା ସେଇ କଥା କହିବା ପରେ, ରମେଶ ସାମାନ୍ୟ ହସିଦେଇ କହିଲା, ସେମାନେ ଯୋଉଥି ପାଇଁ ଆସିଥିଲେ ସେଇଟା ହେଇଗଲା, ତେଣୁ ପଳେଇଥିବେ । ସ୍ମିତା ମନେ ମନେ ପାପ ଛୁଇଁଲା ଆଉ ପଚାରିଲା, 'ସେମାନେ ସେ ସବୁ ସୁନା ଚୋରାରେ ଆଣି ବିକ୍ରୀ କରୁନାହାନ୍ତି ତ ?' ରମେଶ ହସିଦେଇ କହିଲା, 'ହେଇଥାଇପାରେ, ଆମେ କେମିତି ଜାଣିବା ? ଆମକୁ ତ ସୁନାଗୁଣ୍ଡ ଦେଇଛନ୍ତି । ଅଳଙ୍କାର ହେଇଥିଲେ ଆମେ ସନ୍ଦେହ କରିଥାନ୍ତେ ।'

ସ୍ମିତା ରୋଷେଇ ଘରକୁ ଚାଲିଯାଉଥିବା ବେଳେ ରମେଶର ଫୋନ୍ ବାଜିଉଠିଲା । କିଛି ସମୟପରେ 'ସ୍ମିତା, ସ୍ମିତା' ବୋଲି ଚିତ୍କାର କରି ରମେଶ୍ ଡାକ ପକାଉଥିଲା । ସ୍ମିତା କିଛି ବୁଝିବା ପୂର୍ବରୁ ରମେଶ ଶୟନଘର ଆଲମିରାରୁ ସେ ସବୁ ସୁନାକୁ ଆଣି ଜଳଖିଆ ଟେବୁଲରେ ଥିବା ପାଣି ଗ୍ଲାସ ଭିତରେ ପକାଉଥିବା ଦେଖୁଥିଲା । କିଛି ସମୟପରେ ଗ୍ଲାସର ପାଣି ହଳଦିଆ ହେଇଯାଇଥିଲା । ରମେଶ ମୁଣ୍ଡରେ ହାତଦେଇ ବସିଥିଲା, ଆଉ ସ୍ମିତାକୁ କିଛି ବୁଝିବାକୁ ଡ଼େରି ଲାଗିନଥିଲା । ଚତୁରତାରେ ଶୀର୍ଷସ୍ଥାନ ପାଇଥିବା ରମେଶ ପୁଣିଥରେ ଠକାମୀରେ ପଡ଼ିଯାଇଥିଲା ।

୪୨ ପୃଷ୍ଠାର ଅବଶିଷ୍ଟାଂଶ...

ହିସାବ ମଧ୍ୟ ଲୋକଙ୍କ ପାଖରେ ପହଞ୍ଚୁନାହିଁ । କମିଶନରଙ୍କ ୱେବସାଇଟ ଖୋଲିଲେ ଉପଦେଷ୍ଟାମାନେ କେଉଁ କେଉଁ କାର୍ଯ୍ୟ କରୁଛନ୍ତି ତାର ମଧ୍ୟ ବିବରଣୀ ମିଳୁନାହିଁ । ପ୍ରତ୍ୟେକ ଦିନ ଖବର କାଗଜ ଓ ଅନ୍ୟାନ୍ୟ ଗଣ ମାଧ୍ୟମରେ ଉପର ବର୍ଣ୍ଣିତ ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମରେ ହେଉଥିବା ଅନିୟମିତତାର ଢେର ଖବର ପଢ଼ିବାକୁ, ଦେଖିବାକୁ ଓ ଶୁଣିବାକୁ ମିଳୁଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି ଏତେ ସବୁ ବ୍ୟବସ୍ଥା ଥାଇ, ଏତେ ସବୁ ଖର୍ଚ୍ଚ ହୋଇ ମଧ୍ୟ ଅବସ୍ଥାରେ ପରିବର୍ତ୍ତନ ଘଟୁନାହିଁ କାହିଁକି ? ଏଥିପାଇଁ ଉତ୍ତରଦାୟୀ କିଏ ? ଏଥିପାଇଁ ଆମ ଅବସ୍ଥା ଦାୟୀ ନା ବ୍ୟବସ୍ଥା ଦାୟୀ ନା ସରକାରୀ ବାବୁ ମାନଙ୍କର ମନୋଭାବ ଦାୟୀ ?

# ଶରତ ସ୍ୱୀକାର୍ଯ୍ୟ



ସୌମ୍ୟ ସାରସ୍ୱତ ଦାଶ

ବର୍ଷାର ବିଦାୟବେଳେ ଶୁଭ୍ରଶାନ୍ତ ଋତୁର ପ୍ରବେଶ,
ସମ୍ପ୍ରତି ଶରତ ପାଇଁ ଶିହରଣ ଉଠିଛି କି କୁହ,
ଅଧାଭିଜା ଭାଦ୍ରବର ଭାଗ୍ୟେ ଲେଖା କାହା ଉପହାସ ;
ଆଶ୍ୱିନ ଆଖିରୁ ଏବେ ଝରେ ଖାଲି ଦି'ଅସରା ଲୁହ | ୧ |

ଆବିଳ ଜଳ ବଦଳି ସାଜେ ଏବେ ନୀଳାମ୍ବୁ ନିର୍ମଳ,
ସ୍ୱଚ୍ଛ ସରୋବର ଦେହେ ପଙ୍କ ପୁଣି ପାଣିରୁ ବିଲୁପ୍ତ,
କମନୀୟ ଶୋଭା ସତେ ଜଳେ ହଂସ ହଂସରାଳୀ ଖେଳ,
କାଦମ୍ବିନୀ କରେ ପୁଣି କାର୍ତ୍ତିକକୁ ସାନନ୍ଦେ ସ୍ୱାଗତ | ୨ |

କଟକରୁ କୋଲକାତା କାତ୍ୟାୟନୀ ରୂପେ ମସଗୁଲ୍,
ଜହ୍ନିଫୁଲେ ଲୁଚା ସିନା ଗାଁ ଆଉ ଗୁଣ୍ଠୁଚିର କଥା,
ଖୁଦୁରୁକୁଣୀ ଖୁସି ପାଇଁ ଗାଁ ଦାଣ୍ଡ ବେଶି ହୁଲ୍‌ସ୍ଥୁଲ,
କାଶତଣ୍ଡୀ ଫୁଲେ ସଜା ଶରତର ସଞ୍ଚରାତି ବ୍ୟଥା | ୩ |

ଆଶ୍ୱିନ ଶେଷରେ ମାଖେ ଆସୁରିକ ରକ୍ତର ଗୁଲାଲ୍,
ଶରତ ଶେଷତ୍ୱ ପାଇଁ ଶୀତ ସିନା ଅସଲ ଦଲାଲ | ୪ |

# ଫେସ୍‌ବୁକ୍ - ୪



ପ୍ରଶାନ୍ତ କୁମାର ଭୂୟାଁ,

( ପୂର୍ବ ପ୍ରକାଶିତ ଉତ୍ତାରୁ )

ଘରେ ଘରେ ଆଜି "ଫେସ୍‌ବୁକ୍" ନିଜର ଉପସ୍ଥିତିକୁ ଜାହିର୍ କରିବାରେ ଲାଗିଛି । ପିଲାଦିନେ ସିଲଟ ଆଉ ପାଲୁଅ ଖଡ଼ି ନଛୁଇଁବା ଲୋକ ଏବେ ଇଣ୍ଟର୍‌ନେଟ୍‌ରେ "ଫେସ୍‌ବୁକ୍" ମୋହରେ ଅହର୍ନିଶି କଟାଇବାରେ ଲାଗିଛନ୍ତି । ଗଲାକାଲି ବହି ବସ୍ତାନୀକୁ ଯେଉଁମାନେ ବୋଝ ମନେ କରୁଥିଲେ ଏବେ ୪-୫ କିଲୋ ଓଜନର ଲାପ୍‌ଟପ୍ ମୁଣାଟାକୁ କାନ୍ଧରେ ଜୁଆଳୀ ଭଳି ଲଗାଇ ବୁଲୁଛନ୍ତି । ବାଟଘାଟ, ରେଳଗାଡ଼ି ଏପରିକି ସାଲୁନ୍‌ରେ ଅପେକ୍ଷା କରିବା ସମୟରେ ବି ଲାପ୍‌ଟପ୍ ଟାକୁଖୋଲି "ଫେସ୍‌ବୁକ୍"ର ସୁଧାମୃତ ପାନ କରିବାରେ ଲାଗିଛନ୍ତି ସମସ୍ତେ। ସେଦିନ ଗୋଟିଏ କଟାକ୍ଷ ଶୁଣୁଥିଲି, ଆପଣମାନଙ୍କ ପାଇ ଲେଖୁଛି ।

କୌଣସି ଏକ ଗୃହକର୍ତ୍ତ୍ରୀ , ଚାକରଣିକୁ କହିଲେ ,ଆଲୋ ଚମ୍ପା କାଲି ତ ଆସିଲୁନାହିଁ କାମକୁ, ହେଲେ କହିଦେଇଥିଲେ ହେଇନଥାନ୍ତାକି ?

ଚାକରାଣୀ ତୁରନ୍ତ ଉତ୍ତର ଦେଇଥିଲା, ମଲା ! ବାବୁଙ୍କ ଫେସ୍‌ବୁକ୍‌ରେ ବା ମେସେଜ୍ ପଠାଇଥିଲି, କହିନାହାନ୍ତି କି ?

ଗୃହ ମାଲିକାଣିଙ୍କ ପାଟି ଚୁପ୍...!

ଲୋକମାନଙ୍କର ଫେସ୍‌ବୁକ୍‌ର ଏହି ନିଶାକୁ ଦେଖି ଆନ୍ତର୍ଜାତୀୟ ବ୍ୟବସାୟୀ ସଂସ୍ଥାମାନେ ଏବେ ମୋବାଇଲ୍‌ରେ "ଫେସ୍‌ବୁକ୍", "ୟୁ ଟ୍ୟୁବ୍", "ଟୁଇଟର୍" ସେବା ସବୁ ଉପଲବ୍ଧ କରାଇବାରେ ଲାଗିଲେଣି । ଏହାର ପ୍ରତିଫଳ ଏୟା ଯେ ଏବେ ସ୍କୁଲ ଯିବା ପିଲାମାନେ ମଧ୍ୟ ମୋବାଇଲ୍ ଧରି ବୁଲିବାରେ ଲାଗିଲାଣି । ପିତାମାତାଙ୍କ ସ୍କୁଲ ସଭାରେ ମଧ୍ୟ ଅନେକ ଅଭିଭାବକ ସେମାନଙ୍କ ପିଲାମାନେ ମୋବାଇଲ୍ ଧରି ବୁଲିବାଟାକୁ ଯଥାର୍ଥ ବୋଲି କହିଲେଣି । ସେଦିନ ସଭାକକ୍ଷରେ ତ ପଟ୍ଟନାୟକ ଖୁଡ଼ି କହିଲେ, "ବୁଝିଲ ସମସ୍ତେ, ଇମର୍‌ଜେନ୍‌ସି ବୋଲି ଗୋଟିଏ ଜିନିଷ ଅଛି ନା ନାହିଁ । ଏବେ ଆଉ କାଉ କୋଇଲିର ରାବ କି ସ୍ୱର ସେତେ ଶୁଣା ଯାଉନାହିଁ । ଯେଉଁଠି ଶୁଣିବ ଅଜବ ଅଜବ ଶ୍ରୁତିକଟୁ ଯାନ୍ତ୍ରିକ ସ୍ୱର ସବୁ ଶୁଣାଯାଉଅଛି ।

ଗତଥରର ଘଟଣା ପରଠାରୁ , ଚୋରିଆ ମାମୁଁ ଆଉ ବନ୍ତିଳ ମାଇଁଙ୍କ ଭିତରେ ଟିକିଏ ଢ଼ି-ଭୁଷୁ ଲାଗିରହିଛି । କଥାବାର୍ତ୍ତା ପାଇଁ, ଉଲି ସେ ଦୁଇଜଣଙ୍କ ଏକ ଉତ୍ତମ ମାଧ୍ୟମ ହୋଇଛି । ଏହାର ଫାଇଦା ଉଠାଇବାକୁ ଯାଇ ଉଲି ଏବେ ଟିଭିଏସ୍ ସ୍କୁଟିଟିଏ ପାଇଁ ଅଡ଼ି ବସିଲାଣି। ଏଣୁ ଏବେ ଅଟୋ ରିକ୍‌ସାରେ ଗଲେ ଆସିଲେ ମଧ୍ୟ ତାର ଗୋଡ଼ ଟଣାବିନ୍ଧା ହେଲାଣି। ଦକ୍ଷିଣ – ପୂର୍ବ ଭୌଗଳିକ ସ୍ଥିତିରେ ଥିବା ଏହି ଘରଟିକୁ ପାଶ୍ଚାତ୍ୟ ଜୀବନ ଯାପନ ପ୍ରଣାଳୀ ପରଦା ଉହାଡ଼ରୁ ଉହୁଙ୍କି ଦେଖୁଛି । ଲୁହା କଡ଼େଇରେ ସରୁ ନଦୀବାଲି ପକାଇ ଯେଉଁ ଘରେ ଭୂଇଁଚଣା ଭଜା ହେଉଥିଲା ଏବେ ସେହି ଘରେ ଅଟୋ ମାଇକ୍ରୋୱେଭ୍‌ରେ ଚଣା/ ମଞ୍ଜି ରୋଷ୍ଟ୍ ହେବାର ସୁବାସ ଆସିବାରେ ଲାଗିଲାଣି । ବନ୍ତିଳ ମାଇଁଙ୍କ ହାତରନ୍ଧା ଖେଚୁଡ଼ି ଭାତ କୁହ ବା ଚାରୁ ଆମ୍ବିଳା ଫୁଟଣରେ ଯେଉଁ ଘରେ ଛିଙ୍କ ଉଠୁଥିଲା ଏବେ ସେଠି ଚୀନ ପ୍ରସ୍ତୁତି ଦୁଇ ମିନିଟିକିଆ ନୋଡୁଲ୍ ଆଉ ତେଲ ଲହୁଣୀରେ ଭରା ଆମେରିକାନ୍ ପି.ସା.ବ. ସବୁ ଖାଇବା ପିଇବାକୁ ମିଳୁଅଛି । ଉଲିର ପଢିବା କୋଠରୀର ପାଠ୍ୟ ନିର୍ଘଣ୍ଟରେ "ଫେସ୍‌ବୁକ୍" ର ଗୋଟିଏ ସମୟ ହାଇଲାଇଟର୍‌ରେ ଲେଖା ହୋଇଅଛି।

ସ୍ଥାନ ବିଶେଷରେ ମାଆ ଭଉଣୀମାନେ ପିଲାମାନଙ୍କୁ ଶୁଆଇବା ସମୟରେ ଆଉ ନାନା ବାୟାଗୀତ ଶୁଣାଇ

ଶୁଆଉ ନାହାନ୍ତି କି ଅଜା ଆଇଙ୍କ କାହାଣୀ / ଅବୋଲକରା କାହାଣୀ ଶୁଣାଉ ନାହାନ୍ତି। ବଜାରରେ ମିଳୁଥିବା ସିଡ଼ି / ଡିଭିଡିଟିଏ ସେମାନଙ୍କୁ ଧରାଇ ଦେଉଛନ୍ତି । ସାରା ସଂସାରଟାର ଜନସାଧାରଣ ବାବା ଜୁକର୍‌ବର୍ଗଙ୍କ ଏହି ଫେସ୍‌ବୁକ୍ ଆଶ୍ରମର ଅନ୍ତେବାସୀ ହୋଇସାରିଲେଣି । ବଡ଼ବଡ଼ିଆ ଲୋକ ଓ ଅଭିମାନ ସ୍ୱାଭିମାନକୁ ଜାବୁଡ଼ି ଧରି ରହିଥିବା ବ୍ୟକ୍ତିବିଶେଷ ମଧ୍ୟ ନିଜ ନିଜକୁ "ଫେସ୍‌ବୁକ୍"ରେ ଏବେ ବ୍ୟସ୍ତ ରଖୁଅଛନ୍ତି । ସଞ୍ଚାର ମାଧ୍ୟମରେ ଫେସ୍‌ବୁକ୍ ନିଜର ଆଧିପତ୍ୟ ଯେ ବିସ୍ତାର କରି ରଖିଛି ଏଥିରେ ଅତ୍ୟୁକ୍ତି ହେବନାହିଁ । ପ୍ରାୟ ଅଧିକାଂଶ ଏହି "ଫେସ୍‌ବୁକ୍" ର ବଶୀଭୁତ ହୋଇ କମ୍ପ୍ୟୁଟର୍ ଆଗରେ ଅଧିଆ ପଡ଼ି ରହୁଛନ୍ତି । ଅଫିସ୍‌ରେ କାମ କଲାବେଳେ ଅଫିସିଆଲ୍ ୱିଣ୍ଡୋ ସାଙ୍ଗରେ ଆଉ ଏକ ୱିଣ୍ଡୋ ମଧ୍ୟ ଖୋଲା ହୋଇ ରହୁଛି, ସେଇଟା ହେଲା ଫେ...ସ୍...ବୁ...କ୍...!!!

ଉଚ୍ଛୁଣି ବାପା, ମା ଓ ଝିଅ ତିନିହେଁ ମସ୍‌ଗୁଲ୍ ରହୁଛନ୍ତି "ଫେସ୍‌ବୁକ୍" ପ୍ରେମରେ । ସମୟ କାହାରି ନାହିଁ ଯେପରି । ଘରର ଟିଭିଟା ଏବେ ଟିକେ ନିଃଶ୍ୱାସ ମାରୁଛି । ବନ୍ତିଳ ମାଇଁ ଧିରେ ଧିରେ ନିଜକୁ ଏଇ ସମୟର ତାଳରେ ପକାଇବାକୁ ଆରମ୍ଭ କଲେଣି । ଓଡ଼ିଆ ସମ୍ବାଦପତ୍ରଟାକୁ ପଢ଼ିସାରିଲା ପରେ ଏବେ "ଟାଇମ୍‌ସ୍ ଅଫ୍ ଇଣ୍ଡିଆ" ର ହେଡ଼ଲାଇନ ଉପରେ ନଜରଟା ବୁଲେଇନେଉଛନ୍ତି । ଚୋରିଆ ମାମୁଁଙ୍କ ବନ୍ଧୁତାଲିକାର ପାରଦଟା ଟିକେ ଅଳସ ମାରୁଛି ବୋଧହୁଏ, କିନ୍ତୁ ବନ୍ତିଳ ମାଇଁଙ୍କ ବନ୍ଧୁ ତାଲିକାଟା ହୁ ହୁ ହୋଇ ତାଙ୍କର ବଢ଼ିବାରେ ଲାଗିଛି । ଏବେ ମନ୍ଦିରକୁ ଗଲାବେଳେ ଏହି "ଫେସ୍‌ବୁକ୍" ର ବନ୍ଧୁ ତାଲିକାରୁ କେହି କେହି ପୁରୁଷ ଅଥବା ମହିଳା ତାଙ୍କୁ ଅଭିବାଦନ ବି କରିବାରେ ଲାଗିଲେଣି । କଥା କଥାରୁ ଗୋଟିଏ ଗ୍ରୁପ୍ ଖୋଲିବାର ପ୍ରୟାସ ଆରମ୍ଭ ହେଲାଣି ଅନ୍ୟ ବନ୍ଧୁଙ୍କ ସହିତ । ସେଦିନ ଦଶହରା ମେଢ଼ ବୁଲିବା ସମୟରେ ବନ୍ତିଳ ଦେବୀଙ୍କର କିଛି ନାରୀ ବନ୍ଧୁଙ୍କ ସହ ଚାଟ୍/ଗୁପ୍‌ଚୁପ୍ ଷ୍ଟଲ୍ ନିକଟରେ ଭେଟ ହେଲା । ପାଣିପୁରୀର ସେଇ ତେନ୍ତୁଳୀ ପାଣିକୁ ସୁସୁଡ଼ି ତଣ୍ଟିକୁ ନେଲା ପରେ ଅତ୍ୟନ୍ତ ତୃପ୍ତିର ସହ ସେ ନିଜର ସାଙ୍ଗ ମାନଙ୍କୁ କହିଲେ,

ହେଇଟି ! ମୁଁ ଭାବୁଛି ଆମ ବାବୁଙ୍କ ପରି ଆମେବି ଗୋଟିଏ ଗ୍ରୁପୁ ଖୋଲିବା "ଫେସ୍‌ବୁକ୍" ରେ, ନା କଣ କହୁଛ ?

ଏ ଦେଶରେ ଚେଷ୍ଟା ପ୍ରଚେଷ୍ଟା କରିବା ପାଇଁ ଲୋକ ଜାଗତିଆର ନଥାନ୍ତୁ ପଛକେ ଆପଣଙ୍କୁ ହାଣ ମୁହଁକୁ ପଠାଇବାକୁ ଲୋକଙ୍କ କେବେ ହେଁ ଅଭାବ ରହିବ ନାହିଁ । କଥାରେ ଅଛି, ହଁ କୁ ହାଇକୋର୍ଟ ସରି ନାହିଁ । ବାନ୍ଧବୀ ସବୁ ନିଜ ନିଜ ମୁଣ୍ଡକୁ ଘଡ଼ିର ପେଣ୍ଡୁଲମ୍ ଭଳି କେଇଥର ହଲାଇବାରେ ଲାଗିଥିଲେ । ସାମଲ ନାନୀତ କହିଉଠିଲେ, ହେ ମୁଁ ଜାଣିଛି ପରା ୟା ଭିତରେ ନାରୀନେତ୍ରୀ ପଣିଆଟା ଲୁଚିକି ଅଛି ବାଇଗଣ ଭର୍ତ୍ତା ଭିତରେ ଲଙ୍କା ଥିଲା ଭଳିଆ । କଥା ହେଲା , ଆଜିର ଏଇ ଶୁଭ ଦିନରେ ଏକ ଗ୍ରୁପ୍‌ର ଆରମ୍ଭ ହେବ ।ଏହାର ନାମକରଣ ମଧ୍ୟ

କରାଗଲା । ନଡ଼ିଆ କଦଳୀ ଆଉ ୧୦୧ଟଙ୍କା ଦକ୍ଷିଣା ଦେଇ ଏହି ଗ୍ରୁପ୍‌ର ଶୁଭ ମନାସୀଲେ ସମସ୍ତେ । ଆଉ ସମସ୍ତେ ମିଶି ବନ୍ତିଳ ମାଇଁଙ୍କ ସାଙ୍ଗରେ ଘରକୁ ଆସିଲେ ଏବଂ ଗ୍ରୁପ୍‌ର ପ୍ରସ୍ତୁତି ଆରମ୍ଭ ହେଲା । ଦଶଜଣ ନାରୀ ପରିଚାଳକ ନେଇ ଆରମ୍ଭ କରାଗଲା "ନାରୀଶକ୍ତି" ଗ୍ରୁପ୍ । ଏଥିରେ ସମାଜର ପୀଡ଼ିତ ଓ ଦଳିତ ନାରୀମାନଙ୍କ ଉଦ୍ଧାର କଳ୍ପେ ସବୁ ହିତକର କାର୍ଯ୍ୟ କରାଯିବ ବୋଲି କଥା ଛିଡ଼ିଲା । ରୁଅବ୍‌ଜା ଗ୍ଲାସ୍ ଗିଲାସ ଟେକି ସମସ୍ତେ ପିଇଲା ବେଳେ ଲାଗୁଥିଲା ସତେ ଯେପରି ଦଶଭୂଜା

ଦୁର୍ଗା ଦଶ ଅବତାରରେ ରକ୍ତପାନ କରୁଅଛନ୍ତି ପାପୀମାନଙ୍କର। ପୁରୁଷ ସମାଜର ଆଧିପତ୍ୟର ଦୁର୍ଗକୁ ଭୁସୁଡେଇଦେବା ପାଇଁ କେତେଯେ ସବୁ ଅପାୟ ଉପାୟର ଆଲୋଚନା ହେଲା କହିବା କଥା ନୁହଁ । ଏଇମିତି ପ୍ରତ୍ୟୟମାନ ହେଉଥିଲା ସତେ ଯେପରିକି ଯଦି କେହି ପୁରୁଷ ଆଗରେ ପଡ଼ନ୍ତେ ତାହାହେଲେ ଏମାନେ କଞ୍ଚାରେ ଚୋବେଇ ନିଅନ୍ତେ । ନିଜ ଭାଇ ଓ ବାପାଙ୍କର ନେତାପଣିଆର ଗୌରବଟାକୁ ବନ୍ତିଳ ମାଇଁ ନିଜ ଭିତରେ ଖୁବ୍ ଅନୁଭବ କରି ଉଠୁଥିଲେ । ଭିତରେ ତାଙ୍କ ଛାତିଟା ଆହୁରି ଫୁଲି ଉଠୁଥିଲା । ଆଗାମୀ ଦିନର କିଛି କାର୍ଯ୍ୟକଳାପ ବିଷୟରେ ଆଲୋଚନା ପରେ ନାରୀଶକ୍ତି ଗ୍ରୁପ୍‌ର ସଭାକୁ ସେଇଠି ସମାପ୍ତ କରି ଯେଝା ଘରକୁ ଏକ ନୂତନ ସ୍ପର୍ଦ୍ଧା ନେଇଫେରିଲେ ।

ସେଦିନ ରାତିରେ ନିଜ ଝିଅକୁ ଖୁସିରେ କୁଣ୍ଢାଇ ଧରି ବନ୍ତିଳ ମାଇଁ କହିଲେ ବୁଝିଲୁ ଝିଅ, ତୋ ମା ଏବେ ନାରୀଶକ୍ତି ଗ୍ରୁପ୍‌ର ନାରୀନେତ୍ରୀ । ଏଇଥର ଆଉ କେଉଁଥିରେ ବି ଡ଼ରିବାର ନାହିଁ । ଉଲି ବୁଝିପାରୁନଥିଲା ଯେ ତା ମା "ଫେସ୍‌ବୁକ୍" ର ଏକ ଗ୍ରୁପ୍‌ର ପରିଚାଳକ ହେଲେ ସେ କିପରି ଭୟମୁକ୍ତ ହୋଇଗଲା ଆଉ ତାର ସବୁ ସମସ୍ୟାର ସମାଧାନ କିପରି ହୋଇଗଲା ? ହେଲେବି ତା ମାର ଖୁସିକୁ ସେ ଅନୁଭବ କରିପାରୁଥିଲା । ଏଣୁ ମୁଣ୍ଡଟାକୁ ପିରି ଏଣ୍ଡୁଅ ଭଳି ହଲାଇ ସେ ତାଙ୍କୁ ସମର୍ଥନ କଲା ଆଉ କହିଉଠିଲା

ୱାଉ...! କୁଲ୍...!

ତାପରେ ହାଇଫାଇଭ୍ କରିବାପାଇଁ ହାତଟାକୁ ଉଠାଇଦେଲା ।

ବନ୍ତିଳ ମାଇଁ ପଚାରିଲେ,

କିଲୋ ଏଇଟା କଣ ? ଝିଅ , ହାଇଫାଇଭ୍‌ର ଟେକ୍‌ନିକ୍‌ଟା ମାକୁ ବୁଝାଇବା ପରେ ମା-ଝିଅ ଦୁହେଁ ହାତକୁ ହାତ ଲଗାଇ ହସି ଉଠୁଥିଲେ । ରାତ୍ରୀ ଭୋଜନ କଲାବେଳେ ଉଲି , ଚୋରିଆ ମାମୁଁଙ୍କୁ କହିଲା ବୁଝିଲ ଡ଼ାଡ଼ି, ମାମି ଏବେ ଲିଡ଼ର୍ ହେଇଗଲେ । ଚୋରିଆ ମାମୁଁଙ୍କୁ ଛାତିରେ ଦକ ଲାଗିଲା । ଏ ବନ୍ତିଳ କେଉଁ ରାଜନୀତି ଦଳରେ ସାମିଲ୍ ହେଇଗଲାନାହିଁତ ? ସେ ଏକ ବିରାଟ ପ୍ରଶ୍ନବାଚୀ ନେଇ ଉଲିକୁ ଅନାଇଲେ । ରନ୍ଧାଘର ଭିତରେ ଲସର ପସର ହୋଇ ବନ୍ତିଳ ମାଇଁ ସେକାରୁଟି ଆଉ ଘାଣ୍ଟ ତରକାରୀ ଥାଳିଆରେ ସଜାଇ ରଖୁଥିଲେ । ସେତେବେଳେ ଉଲି ତା ବାପା ଆଡ଼କୁ ଟିକେ ଉହୁଙ୍କି ଯାଇ କହିଲା , ଡାଡ଼ି ମମି ଆଉ ତାଙ୍କ ନଅ ଜଣ ସାଙ୍ଗ ମିଶି ନାରୀଶକ୍ତି ନାମରେ ଏକ ଗ୍ରୁପ୍ ଖୋଲିଛନ୍ତି । ମାମି ହେଉଛନ୍ତି ମୁଖ୍ୟ ପରିଚାଳକ । ଏବେ ବୁଝିଲତ ? ଚୋରିଆ ମାମୁଁଙ୍କ ମନରେ ପୁଣି ଛନକା ପଶିଲା । ଇଏ ସବୁ କଣ ଚାଲିଛି ! ଘର ଭିତରେ ଏବେ ବାଦାବାଦୀ ? ସେ ଉଲିକୁ ପଚାରିଲେ , ତୋ ମାକୁ ଘର କାମ କରିବାକୁ ସମୟ ହେବତ ? ଏଇ ପ୍ରଶ୍ନର ଉତ୍ତର ପଛପଟୁ ଆସିଲା ।

ବନ୍ତିଳ ମାଇଁ ମୁହଁର ଜଟିଳ ହସନେଇ ଉଲି କୁ ଦେଖି କହିଲେ ,

କିଲୋ କହୁନୁ ତାଙ୍କୁ ଯଦି ସିଏ ୮-୯ ଘଣ୍ଟା ଅଫିସ୍ କାମ କରି ମଧ ଫେସ୍‌ବୁକ୍ ଡିରାମା କରିପାରୁଛନ୍ତି ମୁଁ କାହିଁକି କରିପାରିବିନି ବା ?

ଉଲି ଏବେ ବାପାଙ୍କ ମୁହଁକୁ ଅନାଇଲା । ଚୋରିଆ ମାମୁଁ ଉଲିକୁ ଅନାଇ କହିଲେ,

ଅଫିସ୍ କାମ ଅଲଗା ଘର କଥା ଅଲଗା । ଅଫିସ୍‌ରେ ଗୋଟିଏ ସ୍କ୍ରିନ୍‌ରେ ଦୁଇଟି ଯାକ କାମ ହେଇପାରୁଛି । ହେଲେ ଘରେ ରନ୍ଧାବଢ଼ା , ସଫାସଫି ସବୁ କରି ଫେସ୍‌ବୁକ୍‌ର ପରିଚାଳକ କାମକଣ ହେଇପାରିବ ?

ବନ୍ତିଳ ଦେବୀ ଖାଇବା ଥାଳିଟାକୁ ମେଜ

ଉପରେ ଯା ତା ଆଗରେ ପରଶି ଦେଇ ନିଜେ ଉଲି ପାଖରେ ବସି ପଡ଼ିଲେ ଲଥକରି । ଆଉ କହିଚାଲିଲେ, ମଲାମୋର, ଘର କାମ ଗୋଟେ କଣ କାମ ବା ? ଭାତ ଦି ମୁଠା ବିବୁସିଲା ବେଳେ ତ ମୁଁ ଭଜାଭଜି ଟିକିଏ କରିଦିଏ । ଆଉ ୱାସିଙ୍ଗ୍ ମେସିନ୍‌ରେ ତ ଲୁଗାପଟା ସଫାହୁଏ । ସବୁ କାମ ଠି ଠା ହୋଇ ଛିଡ଼ିଯାଏ । ମୁଁ କଣ ଆନ ନାରୀଙ୍କ ଭଳି ହେଇଚି କି ବା ? ଏ ଘଣ୍ଟାଏ ଦୁଇଘଣ୍ଟା ର ଘରକାମ କରିବାକୁ ଯେତେ ଭେସ କରନ୍ତି ! ଦିନ ଯାକ ଫୁନ୍‌ରେ ଥିବେ ନହେଲେ ଟିଭି ଦେଖୁଥିବେ ହେଲେ , ମରଦ ଘରେ ପଶିଥିବକି ନାହିଁ ଅଣ୍ଟା ଠୁଁ ପିଠିକୁ ଧରି ଦେଖେଇ ହେଇ ଆନାସିନ୍ ଖୋଜୁଥିବେ । ମୁଁ ଏମିତି ସେମିତି ଘରୁ ଆସିନି ଲୋ ମା । ଏ ଅଳପ କାମ, ନିଜ ମରଦ ଆଉ ଝିଅ ପାଇଁ କିଛି କରିବାକୁ କାମ ବୋଲି ଦେଖେଇ ହେବି । ସେ ପୁଣି କହିଚାଲିଲେ, ଆମ ଘରେ ତ ସକାଳୁ ସଞ୍ଜଯାଏଁ ଲୋକବାକଙ୍କ ଆତଯାତ ଲାଗି ରହିଥିଲା । ମୋ ମା ଏକୁଟିଆ ଖାଡ଼ା ଖାଡ଼ା ଶହେ ଗିଲାସ ସରିକି ଚା – କଫି – ପଣା ପାଣି ସବୁ ଯୋଗାଡ଼ କରି ଦେଉଥିଲା । ଘର ର ଜନମଦିନ, ଶ୍ରାଦ୍ଧ ଓ ମାଇପି କାରିଯ ସବୁ ସେ ଏକା ସମ୍ଭାଳି ନେଉଥିଲା । ମତେ କିଏ କାମ ଦେଖେଇ ହେବବା ? ମୁଁ ଲୁହା ଚାଉଳରେ ଭାତ ଖାଇବା ଘରର ପିଲାଟି ! ହା ରେ...!

ଚୋରିଆ ମାମୁଁ କହିଲେ , ବୁଝିଲୁ ଉଲି ନେଇ ଆଣି ଥୋଇ ଜାଣିଲେ ଚୋରୀ ବିଦ୍ୟା ଭଲ ! ଯଦି କିଏ ତାର କାମ ଭଲରେ କରୁଛି ମୋର କାହିଁକି ମୁଣ୍ଡବଥା ହେବ । ହଉ, ଚାଲୁ କାମ ବି “ଫେସ୍‌ବୁକ୍” ବି ।

ବନ୍ତିଳ ମାଇଁ, ଠିଆ ହେଇ ପଡ଼ିଲେ ଆଉ ମୁହଁଟାକୁ ଫୁଲେଇ ଦେଇ କହିଲେ,

ହେଇଟି ଲକ୍ଷ୍ମୀଥାଳିଟାକୁ ତ ଛାଡ଼ି ଯାଇପାରିବିନି, ଅଧର୍ମ ହେବ ମାତ୍ର ତୁମକୁ କହୁଛିବା , ଶୁଣ... ଯାହା କହିବା କଥା ମେତେ କହୁନ ଏ କାଛବାଡ଼ କୁ ଅନାଇ, ପରପୁରା ଲୋକଙ୍କୁ କହିଲା ଭଳି ଦେଖେଇ ଶିଖେଇ ହେଉଚ କାହିଁକି ବା ? ଏବେ ଚୋରୀ କରିବା କଥା କୁଆଡ଼େ ଆସିଲା କହିଲ ? ମୁଁ କଣ ତମ ମାନଙ୍କୁ କେଉଁଥିରେ ହେଳା କରିଛି ? ମୋତେ ଏବେ ସବୁ ଉଲୁଗୁଣା ଦେଉଛ । ସେଇକଥା ସେ ମୁନାବୋଉ କହୁଥିଲା ପରା । କିହୋ, ତେମେ ମରଦ ଗୁଡ଼ାକ କଲେ ସବୁ ପୁଷମାସ ଆଉ ଆମେ କଲେ ସର୍ବନାଶ ! ହେ ଭଗବାନ, ହେ ଧରିତ୍ରୀ ମା ....ଫାଟି ଯାଉନୁ କାହିଁକି ଲୋ ମା । ସୀତାଙ୍କ ଭଳି ମେତେ ତୋ ଗରଭକୁ ନେଇଯା ଲୋ ମା । ଇଏ ଯେ କଥା ହେବେନି , ଇଆଡ଼େ ଏଇମିତି ହାଡ଼ଜଳା କଥା କହୁଥିବେ । ମୁଁ କଣ କାଠ ପଥର ହେଇଛି ? ହେ ସିଆଡ଼େ ଯା..ମୋର ସେ “ଫେସ୍‌ବୁକ୍” ଦରକାର ନାହିଁ । ମୁଁ କଣ ମରିଯାଉଛି କି ବା ।

ଏ ସବୁ କହିଲା ବେଳେ ତାଙ୍କ ଆଖିକୋଣରୁ ଦୁଇଧାର ଲୁହ ଖସିଆସିଲା । ଚୋରିଆ ବାବୁ ଦେଖିଲେ ଏ ଭାବପ୍ରବଣ ନାରୀର ଲୁହ ଗୁଡ଼ାକ ମୋବାଇଲ୍‌ର ଫ୍ରି ମେସେଜ୍ ପରି ଚାଲି ଆସୁଥିବେ ଅବାରିତ ଭାବେ । ଏଣୁ ନିଜ ଚଉକିରୁ ଉଠିପଡ଼ି ସେ ବନ୍ତିଳ ମାଇଁଙ୍କ ନିକଟକୁ ଗଲେ ଆଉ ତାଙ୍କୁ ଛାତିରେ ଆଉଜେଇ ଦେଇ ତାଙ୍କର ଏଇ ଗଙ୍ଗା ଯମୁନା ଧାରକୁ ପୋଛିଦେଇ କହିଲେ, କିହୋ ତୁମକୁ ଫେସ୍‌ବୁକ୍ କରିବାକୁ କିଏ ମନା କଲା । ମୁଁ ଏଇମିତି ଖାଲି ପଚାରୁଥିଲି ନା । ତୁମକୁ ବେଶୀ ପରିଶ୍ରମ ହୋଇଯିବ ବୋଲି । ଏ ସବୁ କଥାକୁ ଏଇମିତି ଧରି ବସିଲେ ହେବ କି ? ଛାଡ଼ ସେ କଥା ସବୁ, ଏବେ ଶାନ୍ତିରେ ଖାଅ ଆଉ ତାପରେ ମନଇଚ୍ଛା କେତେ “ଫେସ୍‌ବୁକ୍” ରେ ମାତିବ ମାତ ହେଲେ ମୋତେ ପାଶୋରୀ ଦେବନାହିଁ ଟି ?

ବନ୍ତିଳ ମାଇଁ , ତମ୍ପସାପ ଭଳି ଯେଉଁ ତାତି

ଯାଇ ଫଁ ଫଁ ହୋଇ ଉଠିଥିଲେ ଏବେ ପୂରା ଶାନ୍ତ ହୋଇପଡ଼ି ନିଜକୁ ଚୋରିଆ ମାମୁଁଙ୍କ ଆଲିଙ୍ଗନରୁ ମୁକ୍ତକରି କହିଲେ ଇଏ କଣ କରୁଚବା ? ଛାଡ଼, ହେଉ ଚାଲ ଖାଇବା ଆଉ କାଲି ତ ଦୀପାବଳି । ସଅଳ ଉଠି କାମ ସବୁ କରିବାର ଅଛି । ଯାଅ ତମେ ବସ ଖାଅ, ମୋର ଦୋଷାଦୋଷ କ୍ଷମା କରିଦିଅ । ଏପଟେ ଉଲି କୁ ଅନାଇ କହିଲେ , ଆଲୋ ମା, ତୁ ଖାଉନୁ କାହିଁକି ବା ? ଏଇ ରଜହଂସ ତ ୧୮ ବରଷ ହେଲା ଚାଲିଛି । ଏଇଟା କଣ ନୂଆ କଥାକି ?

ଉଲି ମନେ ମନେ ହସି ଥରେ ଚୋରିଆ ମାମୁଁଙ୍କୁ ଆଉ ଥରେ ତାର ସରଳ ଭୋଳି ମାକୁ ଦେଖି ଖୁସିରେ ଫୁଲି ଉଠୁଥିଲା । ଦୂରଉ କେଉଁଠୁ ଆତସବାଜିର ଠୋ.. ଠା... ଶବ୍ଦ ଗରଜି ଉଠୁଥିଲା । ଦୀପାବଳି , ପଶିଆସୁଥିଲା ଧିରେ ଧିରେ | ( କ୍ରମଶଃ )

( ଏହି ଲେଖାରେ କିଛି ଇଂରାଜୀରୁ ଓଡ଼ିଆର ଅପଭ୍ରଂଶ ଶବ୍ଦ ବ୍ୟବହାର କରାଯାଇଛି । କେତେ ସରଳ ଗାଉଁଲୀ ଲୋକ ଗାଁ ଗହଳରେ ଏଇଭଳି ଶବ୍ଦ ଏବେବି କହୁଛନ୍ତି । ବନ୍ତିଳ ମାଇଁ ଚରିତ୍ରଟି ଏକ ଗାଁ ଝିଅ ଯିଏକି ବାହା ହୋଇ ଏବେ ସହରର ରହିଅଛନ୍ତି ।

ଏଣୁ ପାଠକମାନଙ୍କୁ ଅନୁରୋଧ ଏହି ଭାବ କୁ କଦର୍ଥ ନକରି ଲେଖାଟିକୁ ପଢ଼ିବେ । ଭାଷାକୁ ବିକୃତ କିମ୍ବା ଅନ୍ୟର୍ଥ କରିବାର ମୋର କୌଣସି ଉଦ୍ଦେଶ୍ୟ ନୁହଁ । )

(କମ୍ପୁଟର – Computer / କିରିକେଟ୍ - Cricket , ଏସ୍ପେନ୍ସ୍ - Experience , ଡିରାମା - Drama, ଫାରବାଡ଼ – Forward, ଗିଫିଟି – Gift, ଇମ୍ପୋଟେଣ୍ଟ୍- Important, ଗ୍ରୁପୁ- Group , କେପିଚି – K.F.C.,ମେଡେମ୍ - Madam, / ମେଲେ – M.L.A., / ମିସିନି - Machine , / ମାର୍କାମରା ଜୋକବର୍ଗ – Mark Zuckerberg / ମାଡ଼ଲୋଡ଼ – Mcdonalds ), ପି.ସା.ବ. – Pizza, Sandwich, Burger, ପିଜାହାଟ – Pizza Hut , ପମୋଶନ – promotion, ଫୁନ୍ ରେକେଟ୍ - Request, ସିକିମ୍ - Scheme, / ଇସ୍କୁଲ – School, ସ୍କାପି – Skype, / ସ୍ୟାଣ୍ଡାଲ୍ - Scandal,ଟେଁସନ – Tension, / ଟେମ୍ପାସ୍ - Time Pass, / ଟେକ୍ ୱେ – Take away )


* ନୈ ବେ ଦ୍ୟ *

# ବିଶେଷ ସୂଚନା

ଆହ୍ବାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା। ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ। ବେଳେ ବେଳେ ପୂଜାପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ। ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ। ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ। ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ବାରା କିମ୍ବା ଇ-ମେଲ୍ ଦ୍ବାରା ପଠାଇପାରିବେ। ଡ଼ାକ ଦ୍ବାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ବରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ। ଇ-ମେଲ୍ ଦ୍ବାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ।

ଆହ୍ବାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ବାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ। ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ।

ଆହ୍ବାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ | ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ | ଯଦି ଆପଣ ଇ-ମେଲ୍ ଦ୍ବାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ବରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ |

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ବୀମା ନଗର - ୨ୟ ଗଳି
ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦
ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ | ଆମ ଇ-ମେଲ୍ ଠିକଣା ହେଲା -

aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**
ସମ୍ପାଦକ, ଆହ୍ବାନ